


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-169 ◆MONDAY ◆15 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୬୯ ◆ସୋମବାର ◆୧୫ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# ଅଷ୍ଟ୍ରେଲିଆରେ ଆତଙ୍କୀ ଆକ୍ରମଣ; ୧୨ ମୃତ

**ଉତ୍ସବ ପାଳନ ବେଳେ ଇହୁଦୀଙ୍କୁ ଗୁଳିମାଡ଼**

**ପାଲଟା ଆକ୍ରମଣରେ ଜଣେ ଆତଙ୍କୀ ନିହତ**

**ପୁଲିସ କବଜାରେ ଆଉ ଜଣେ ସନ୍ଦିଗ୍ଧ**

■ ସିଡ୍‌ନୀ, ୧୪।୧୨ (ଏଜେନ୍ସି): ଅଷ୍ଟ୍ରେଲିଆର ସିଡନୀସ୍ଥିତ ବଣ୍ଡି ବେଳାଭୂମିରେ ଆଜି ସନ୍ଧ୍ୟା ବେଳେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି । ଏଥିରେ ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି । ମୃତକମାନଙ୍କ ମଧ୍ୟରେ ଜଣେ ଆତଙ୍କବାଦୀ ରହିଛି । ତାଠାରୁ ଜଣେ ବ୍ୟକ୍ତି ସାହସ ଦେଖାଇ ବନ୍ଧୁକ ଛଡ଼ାଇବା ସହିତ ଗୁଳି କରିଥିଲେ । ଫଳରେ ବଡ଼ ଧରଣର ନରସଂହାରରୁ ବର୍ତ୍ତି ଯାଇଛି ସିଡନୀ । ଆତଙ୍କବାଦୀକୁ ଚିହ୍ନଟ କରାଯାଇଛି ଏବଂ ତା ଘରେ ଚଢ଼ଉ ଚାଲିଥିବା ଜଣାପଡ଼ିଛି । ଅ ।।ଷ୍ଟ୍ରେଲିଆରେ ଏହା ହେଉଛି ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ବିଶ୍ୱ ନେତା ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣର ନିନ୍ଦା କରିଛନ୍ତି । ଗତ ୩୦ ବର୍ଷ ମଧ୍ୟରେ ଏହାକୁ ଅଷ୍ଟ୍ରେଲିଆର ସବୁଠାରୁ ସର୍ବବୃହତ ଗୁଳିକାଣ୍ଡ ବୋଲି କୁହାଯାଉଛି । ଏହାପୂର୍ବରୁ ▶ପୃଷ୍ଠା-୭



**ଅର୍ଥନୀତିକୁ ବିପଦ**

# କମୁଛି ଆୟ; ବଢୁଛି ପରିବାର ଖର୍ଚ୍ଚ

■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଅର୍ଥନୀତି ଖୁବ୍ ଜୋରରେ ଆଗକୁ ବଢୁଛି । କ୍ରମାଗତ ଭାବେ ଦୁଇଟି ତ୍ରୈମାସିକରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ସରକାରୀ ଆକଳନକୁ ଅତିକ୍ରମ କରିଯାଇଛି । କର୍ପୋରେଟ୍ ଆୟ ଦୃଢ଼ ରହିଥିବାବେଳେ ଆର୍ଥିକବର୍ଷ ୨୦୨୬ର ଦ୍ୱିତୀୟ ତ୍ରୈମାସିକରେ ଅଭିବୃଦ୍ଧି ୮.୨% ରହିବ ବୋଲି କୁହାଯାଉଛି । ହେଲେ ବାସ୍ତବ ଚିତ୍ର ଭିନ୍ନ । ଦେଶର ଅର୍ଥନୀତି ମାନ୍ଦା । ଲୋକଙ୍କ ପାଖରେ ଟଙ୍କା ନାହିଁ । ପକେଟ୍ ଖାଲି । ଗୋଟିଏ ପଟେ ଦରମା ବଢୁ ନାହିଁ, ଅନ୍ୟପଟେ ଦୀର୍ଘ ଦିନ ହେବ ବଜାର ଦର ସହ ଯୁଝି ଯୁଝି ଖାଉଟି ହତାଶ । ଯାହାର ଫଳସ୍ୱରୂପ ଭାରତୀୟ ପରିବାରଗୁଡିକରେ ଖର୍ଚ୍ଚ କରିବାର କ୍ଷମତା କମିବାରେ ଲାଗିଛି । ଏପରି ସ୍ଥିତିରେ ଲୋକେ ଖର୍ଚ୍ଚ କାଟ୍ କରିବାରେ ଲାଗିଛନ୍ତି । ଏମିତିକି ଖର୍ଚ୍ଚ କାଟ୍‌ର ଏହାର ଏକ ସିଧାସଳଖ ପ୍ରଭାବ ପୁରୁଷଙ୍କ ଅନ୍ତଃବସ୍ତ୍ର ବଜାର କ୍ଷେତ୍ରରେ ଦେଖିବାକୁ ମିଳିଛି । ଭାରତରେ ବର୍ତ୍ତମାନର ପ୍ରବଳ ଶୀତ ସମୟରେ ବି ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରି ହ୍ରାସ ଘଟିଛି । ସମ୍ପୂର୍ଣ୍ଣ ୨୦୨୫ରେ ମଧ୍ୟ ମାସ୍ ଓ ମିଡ୍ ସେଗମେଣ୍ଟରେ ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରିରେ ବିକ୍ରିରେ ବଡ଼ ହ୍ରାସ ଘଟିଥିବା ଏକ ରିପୋର୍ଟରେ କୁହାଯାଇଛି ।

ଭାରତୀୟ ମୁଦ୍ରା ଟଙ୍କା ଆମେରିକୀୟ ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି । ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ଯଦି ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ତେବେ ଟଙ୍କା ମୂଲ୍ୟ କାହିଁକି ହ୍ରାସ ପାଉଛି ତାହା ଏବେ ପ୍ରଶ୍ନ । ବାସ୍ତବରେ ବଜାର ଚାହିଦା ଏବେ ବି ଦୁର୍ବଳ । ଯାହା ଫଳରେ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପେଉଛି । ଲକ୍ସ ଏବଂ ପେଜ୍ ଇଣ୍ଡଷ୍ଟ୍ରି ଭଳି ଦେଶର ବଡ଼ ଅନ୍ତଃବସ୍ତ୍ର କମ୍ପାନୀଙ୍କ କହିବାନୁଯାୟୀ, ଦୁର୍ବଳ ଚାହିଦା ଯୋଗୁଁ ବିକ୍ରି ମନ୍ଥର ରହିଛି । ମୁଦ୍ରାସ୍ଫୀତି ଏବଂ ଲୋକଙ୍କ ସ୍ୱଳ୍ପ ଦରମା ବୃଦ୍ଧିଯୋଗୁ ବଜାର ଚାହିଦା ପ୍ରଭାବିତ । କରୁଛି । କମ୍ପାନୀଗୁଡ଼ିକର ସେୟାର ମଧ୍ୟ ହ୍ରାସ ପାଇଛି । ବିଶେଷକରି ନିମ୍ନ ଆୟକାରୀ ଗୋଷ୍ଠୀର ଲୋକମାନେ ବର୍ତ୍ତମାନ ସମୟରେ ପ୍ରବଳ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ଏହା ମାସ୍ ଏବଂ ମିଡ୍ ପ୍ରିମିୟମ୍ ସେଗମେଣ୍ଟରେ ପୁରୁଷଙ୍କ ଅନ୍ତଃବସ୍ତ୍ର ବିକ୍ରିକୁ ପ୍ରଭାବିତ କରିଛି । ଏଥିଯୋଗୁ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀଗୁଡିକ ପ୍ରଚୁର ରାଜସ୍ୱ ହାନୀର ଶିକାର ହୋଇଛନ୍ତି । ଲକ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜକିର ବିତରକ ପେଜ୍ ଇଣ୍ଡଷ୍ଟ୍ରିଜ୍ ଉଭୟ ଏହି ବର୍ଗରେ ଦୁର୍ବଳ ପ୍ରଦର୍ଶନ ଯୋଗୁଁ ବିକ୍ରି ହ୍ରାସ ପାଇଥିବା ରିପୋର୍ଟ କରିଛନ୍ତି । ଏଥିଯୋଗୁ ଦେଶର ପ୍ରମୁଖ ଅନ୍ତଃବସ୍ତ୍ର କମ୍ପାନୀଗୁଡ଼ିକର ସେୟାର ମୂଲ୍ୟରେ ହ୍ରାସ ଘଟିଛି । ଏଠାରେ ସୂଚନାଯୋଗ୍ୟ ଯେ, ପୁରୁଷମାନଙ୍କ ଅନ୍ତଃବସ୍ତ୍ର ବିକ୍ରିକୁ ସାଧାରଣତଃ ଦେଶର ଆର୍ଥିକ ସ୍ୱାସ୍ଥ୍ୟର ସୂଚକ ଭାବରେ ବିବେଚନା କରାଯାଏ । କାରଣ ଅନ୍ତଃବସ୍ତ୍ର ପରି ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକର ପରିବର୍ତ୍ତନରେ ବିଳମ୍ବ ଲୋକଙ୍କ ଆର୍ଥିକ ସତର୍କତାକୁ ପ୍ରତିଫଳିତ କରେ ।

**ମାସ୍ ଓ ମିଡ୍ ସେଗମେଣ୍ଟରେ ବିକ୍ରିରେ ବଡ଼ ହ୍ରାସ**

ମହାମାରୀ ପରବର୍ତ୍ତୀ ବର୍ଷଗୁଡ଼ିକରେ ଶିଳ୍ପରେ ଅଭିବୃଦ୍ଧି ଦୁଇ ଅଙ୍କ ରହିଥିଲା । ପୂର୍ବରୁ ମୁଦ୍ରାସ୍ଫୀତି ଖୁବ୍ ଅଧିକ ରହିଥିବାବେଳେ ବିକ୍ରି ଭଲ ରହିଥିଲା । ହେଲେ ବର୍ତ୍ତମାନ ମୁଦ୍ରାସ୍ଫୀତି କମ୍ ରହିଥିଲେ ବି ଲୋକଙ୍କ ଆୟ ନ ଥିବାରୁ ବିକ୍ରି ମାନ୍ଦା । ପେଜ୍ ଇଣ୍ଡଷ୍ଟ୍ରିଜ୍ ସିଇଓ କାର୍ତ୍ତିକ ଯତୀନ୍ଦ୍ର କହିଛନ୍ତି ଯେ ଖର୍ଚ୍ଚ ହ୍ରାସ କରିବାକୁ ଲୋକଙ୍କ ଉପରେ ଚାପ ରହିଛି, ଯାହା ବିଶେଷ ଭାବରେ ଏଣ୍ଟ୍ରି ଲେବଲ ଗ୍ରାହକଙ୍କଠାରେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି । ଏହାର ଅର୍ଥ ହୋଇପାରେ ଯେ ନିମ୍ନ ବର୍ଗରୁ ନୂତନ ଗ୍ରାହକ ହାସଲ କରିବାର ଗତି ଆମ ଆଶା ଅପେକ୍ଷା ମନ୍ଥ ହୋଇଯାଇଛି । ଏହା ସ୍ପଷ୍ଟ ଭାବରେ ଆଉ ଏକ ସଙ୍କେତ ଦେଉଛି ଯେ, ଲୋକମାନେ ସେମାନଙ୍କ ପକେଟ୍‌ରୁ ଖର୍ଚ୍ଚ କରିବାରେ ଅଧିକ କଠୋର ହେଉଛନ୍ତି । ସେ କହିଛନ୍ତି ଯେ, ଆମେ ପ୍ରାୟ ୩.୫ ବର୍ଷ ଧରି ଆମର ଉତ୍ପାଦ ମୂଲ୍ୟରେ ପରିବର୍ତ୍ତନ କରିନାହୁଁ । ଏହାର ଅର୍ଥ ହେଉଛି ଏତେ ମୁଦ୍ରାସ୍ଫୀତି ସତ୍ତ୍ୱେ, ଆମର ଉତ୍ପାଦଗୁଡ଼ିକ କିଛି ବର୍ଷ ପୂର୍ବେ ଯେପରି ସୁଲଭ ଥିଲା ଆଜି ମଧ୍ୟ ସେହିପରି ଅଛି ।

# ନିତିନ ନବୀନ ବିଜେପିର ନୂଆ କାର୍ଯ୍ୟକାରୀ ସଭାପତି



■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ବିହାର କ୍ୟାବିନେଟ ମନ୍ତ୍ରୀ ନିତିନ ନବୀନ ହେବେ ଭାରତୀୟ ଜନତା ପାର୍ଟିର ନୂଆ କାର୍ଯ୍ୟକାରୀ ସଭାପତି । ବିଜେପିର ସଂସଦୀୟ ବୋର୍ଡ ଆଜି ତାଙ୍କୁ ଏହି ପଦରେ ନିଯୁକ୍ତ କରିଛି । ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂହ ଆଜି ସନ୍ଧ୍ୟା ବେଳେ ଏହି ଘୋଷଣା କରିଛନ୍ତି । ବିଜେପିର ଏହି ନିଷ୍ପତ୍ତି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି । ଆସନ୍ତାବର୍ଷ ପଶ୍ଚିମ ବଙ୍ଗ, ଆସାମ, କେରଳ, ତାମିଲନାଡୁ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ନୀତୀନଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢ଼ିବ । ଦଳର ପରଂପରା ଅନୁଯାୟୀ ଜଣେ ନେତାଙ୍କୁ ପୂର୍ଣ୍ଣାଙ୍ଗ ରୂପେ ସଭାପତି କରାଯିବା ପୂର୍ବରୁ ପ୍ରଥମେ ତାଙ୍କୁ କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତ କରାଯାଏ ।

ଜେପି ନଡ୍ଡାଙ୍କ ଠାରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ ୪୫ ବର୍ଷୀୟ ନୀତୀନ । ୨୦୧୯ରେ ତତ୍କାଳୀନ ସଭାପତି ଅମିତ ଶାହ କେନ୍ଦ୍ର ମନ୍ତ୍ରୀ ହେବାପରେ ଜେପି ନଡ୍ଡାଙ୍କୁ ବିଜେପିର କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତ କରାଯାଇଥିଲା । ତେବେ ୨୦୨୦ ଜାନୁଆରୀରେ ନଡ୍ଡାଙ୍କୁ ଦଳର ରାଷ୍ଟ୍ରୀୟ ଅଧକ୍ଷ ଭାବେ ଆନୁଷ୍ଠାନିକ ଭାବେ ନିଯୁକ୍ତ କରାଯାଇଥିଲା । ୨୦୨୪ରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସାଧାରଣ ନିର୍ବାଚନ ଦୃଷ୍ଟିରୁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିଲା ।

ଦଳର ସଭାପତି ପଦରେ ଅବସ୍ଥାପିତ ହେବାରେ ନିତିନ ହେଉଛନ୍ତି ସର୍ବକନିଷ୍ଠ ନେତା । ବିହାରରେ ନୀତୀଶ ▶ପୃଷ୍ଠା-୭

# ବିହାର ରାସ୍ତାରେ ଓଡ଼ିଶା !

## ଛାତ୍ରଙ୍କଠୁ ମାଫିଆ ସମସ୍ତଙ୍କ ହାତରେ ବନ୍ଧୁକ

■ ଭୁବନେଶ୍ୱର, ୧୪।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗିରିଥାନାଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରୁ ବନ୍ଧୁକ ଜବତ ହୋଇଛି । ଯାହା ସମଗ୍ର ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତିରେ ପକାଇ ଦେଇଛି । ପୂର୍ବରୁ ବଡ଼ ଅପରାଧୀ କିମ୍ବା ମାଓବାଦୀ ବେଆଇନ୍ ବନ୍ଧୁକ ବ୍ୟବହାର କରୁଥିଲେ । ସବୁ କିଛି ଲୁଚାଚୋରାରେ ହେଉଥିଲା । କେନ୍ଦ୍ରାପଡା ଘଟଣାରୁ ସ୍ପଷ୍ଟ ହେଉଛି ଲୋକେ ଏବେ ଘରେ ଘରେ ବନ୍ଧୁକ ରଖିଲେଣି । ସାମାନ୍ୟ ବଚସା ପାଇଁ ବି ବନ୍ଧୁକ ବାହାର କରିଦେଉଛନ୍ତି । ନିୟମିତ ଭାବେ ବନ୍ଧୁକରୁ ବାହାରୁଥିବା ଗୁଳି ଲୋକଙ୍କୁ ଆତଙ୍କିତ କରୁଛି । ରାଜ୍ୟ ବାହାରର ବନ୍ଧୁକ ମାଫିଆ ସକ୍ରିୟ ହେଇ ରାଜ୍ୟକୁ ବନ୍ଧୁକ ବନ୍ୟା କରିବାରେ ଲାଗିଛନ୍ତି । ସେପଟେ ପୁଲିସ କେବଳ ଛୋଟମୋଟ ବନ୍ଧୁକ ବେପାରୀଙ୍କୁ ଧରି ନିଜ ପିଠି ନିଜେ ଥାପୁଡାଇବାରେ ଲାଗିଛି ।



**କେନ୍ଦ୍ରାପଡା ସ୍କୁଲରେ ଛାତ୍ରଙ୍କଠାରୁ ବନ୍ଧୁକ ମିଳିବା ଚିନ୍ତାଜନକ**

ରାଜ୍ୟରେ ବେଆଇନ୍ ବନ୍ଧୁକ ଏବେ ସହଜ ଉପଲବ୍ଧ । ବଜାରରେ ୮ରୁ ୧୦ହଜାର ଟଙ୍କା ମଧ୍ୟରେ ବନ୍ଧୁକ ସହଜରେ ଉପଲବ୍ଧ ହୋଇଯାଉଛି । ଯିଏ ପାରୁଛି ସିଏ କିଣି ଆଣୁଛି । ବେଆଇନ୍ ବନ୍ଧୁକ କିଣାବିକାରେ କୌଣସି ପ୍ରକାର ରୋକ୍‌ଟୋକ୍ ନାହିଁ । ଯାହାଫଳରେ ବନ୍ଧୁକ ଅପରାଧ ମଇଦାନରୁ ଆସି ସ୍କୁଲ୍ ଭିତରେ ପହଁଞ୍ଚିଲାଣି । ପିଲା କିମ୍ବା ଶିକ୍ଷକଙ୍କୁ ଧମକାଇବାକୁ ବି ପିଲାମାନେ ବନ୍ଧୁକ ଧରି ସ୍କୁଲକୁ ଚାଲି ଆସୁଛନ୍ତି । ଚଳିତ ବିଧାନସଭାରେ ରାଜ୍ୟରେ ବେଆଇନ୍ ବନ୍ଧୁକ କାରବାରକୁ ନେଇ ଉଦ୍‌ବେଗ ପ୍ରକାଶ ▶ପୃଷ୍ଠା-୭

# ୧୦ ଡିଗ୍ରୀ ତଳେ ୮ ସହର

## ଦାରିଙ୍ଗିବାଡ଼ି ସବୁଠୁ ଥଣ୍ଡା

■ ଭୁବନେଶ୍ୱର, ୧୪।୧୨ (ସମିସ): ଶନିବାର ଫୁଲବାଣୀ ଓ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ରାତି ତାପମାତ୍ରା ରେକର୍ଡ କରାଯାଇଛି । ଉଭୟ ସ୍ଥାନରେ ରାତି ତାପମାତ୍ରା ୬ ଡିଗ୍ରୀ ସେଲସିୟସ୍ ଥିବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

**ସପ୍ତାହେ ଯାଏଁ ଅପରିବର୍ତ୍ତିତ ରହିବ ରାତି ତାପମାତ୍ରା**

କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ ଅନୁଯାୟୀ କୋରାପୁଟରେ ଶନିବାର ରାତି ତାପମାତ୍ରା ୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳରେ ୯.୬ ଡିଗ୍ରୀ, ଝାରସୁଗୁଡାରେ ୮.୯ ଡିଗ୍ରୀ, ଭବାନୀପାଟଣାରେ ୯ ଡିଗ୍ରୀ, ବୌଦ୍ଧରେ ୯.୮ ଡିଗ୍ରୀ ଓ ରାଉରକେଲାରେ ୮.୨ ଡିଗ୍ରୀ ତାମପାତ୍ରା ରହିଥିଲା । ମୋଟ ୮ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ କରାଯାଇଛି । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ସୂଚନା ପ୍ରଦାନ କରିଛି ।

# ଅମଳ ବେଳରେ ଅକାଳ ମୃତ୍ୟୁ

## ଧାନ ବିଲରେ ଜଳିଗଲେ ଚାଷୀ

■ ପିପିଲି, ୧୪।୧୨ (ସମିସ): ନିଆଁ ନେଇଗଲା ଜୀବନ । ଧାନ ବିଲ ମଝିରେ ନିଆଁରେ ଜଳିଗଲେ ପିପିଲି ସୁନାମୁହିଁ ଗାଁର ଚାଷୀ ଗଜେନ୍ଦ୍ର ସ୍ୱାଇଁ । ନିଜ ବିଲରେ ଲଗାଇଥିବା ପାଳ ନିଆଁ ପାଖ ବିଲରେ ପଡ଼ିଥିବା ଧାନ କଚଡ଼ାରେ ଲାଗିଯାଇଥିବା ଦେଖି ନିରୁପାୟ ହୋଇ ନିଜେ ଲିଭାଇବାକୁ ଚେଷ୍ଟା କରି ନିଆଁ ଭିତରକୁ ପଶିଯାଇଥିଲେ । ଫଳରେ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ହୋଇଯାଇ ଜୀବନ ଯାଇଛି । ଗଜେନ୍ଦ୍ର ମୃତ୍ୟୁ ଖବର ପ୍ରଚାର ହେବାକ୍ଷଣି ପୂରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରକାଶ ଯେ, ପିପିଲି ଥାନା ଅଧୀନସ୍ଥ ସୁନାମୁହିଁ ଗାଁର ଗଜେନ୍ଦ୍ର ଜମିରେ ଧାନ କାଟି ପକାଇଥିଲେ । ବିଲରୁ ପାଗ ଛାଡ଼ିଗଲେ ଆଉ ମୁଗ ବୁଣି ▶ପୃଷ୍ଠା-୭



## ଜୀବନ ନେଲା ଧାନକଟା ମେସିନ

■ ବାଲେଶ୍ୱର, ୧୪।୧୨ (ସମିସ): ବାଲେଶ୍ୱର ସଦର ବ୍ଲକ ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି । ବିଲରେ ଧାନ କଟା ମେସିନରେ ପଶି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ସଦର ବ୍ଲକ ଅର୍ନ୍ତଗତ ବର୍ଦ୍ଧନପୁର ପଞ୍ଚାୟତ ସାହାଜା ନଗରର ରାଧୁଆ ଦଳେଇଙ୍କ ପୁଅ ରାଜୁ ଦଳେଇ । ସାହାଜା ନଗରରେ ଆଜି ଏକ ବିଲରେ ମେସିନରେ ଧାନ କଟା ହେଉଥିଲା । ସେହି ସମୟରେ ରାଜୁ ତଳେ ବସି କାମ କରୁଥିବାବେଳେ ଅସାବଧାନତା ବଶତଃ ଧାନକଟା ମେସିନରେ ପଶି ଯାଇଥିଲେ । ତୁରନ୍ତ ତାଙ୍କୁ ଅନ୍ୟ ଶ୍ରମିକମାନେ ଉଦ୍ଧାର କରିଥିଲେ ହେଁ ରାଜୁଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ସଦର ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

# ଓଡ଼ିଶାରେ ସୁରକ୍ଷିତ ଛତିଶଗଡ଼ୀ ମାଓବାଦୀ !

## ସୁନାବେଡ଼ା ଅଭୟାରଣ୍ୟ ପାଲଟିଛି ମାଓବାଦୀଙ୍କ କରିଡ଼ର

■ ନୂଆପଡା, ୧୪।୧୨ (ସମିସ): ଓଡିଶା ଏବଂ ଛତିଶଗଡ ସୀମାନ୍ତରେ ଥିବା ନୂଆପଡା ଜିଲ୍ଲାର ସୁବିସ୍ତିର୍ଣ୍ଣ ସୁନାବେଡା ଅଭୟାରଣ୍ୟ ଆଜିକୁ ଦୀର୍ଘ ୧୫/୧୭ବର୍ଷ ହେବ ମାଓବାଦୀଙ୍କ ଭୂସ୍ୱର୍ଗ ହୋଇ ରହିଛି । ଜିଲ୍ଲାରେ ଗୋଟି ଗୋଟି କରି ୩୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ପୁଲିସ, ବନବିଭାଗ କର୍ମଚାରୀ ସହ ସାଧାରଣଜନତାଙ୍କୁ ହତ୍ୟା କରି ରେକର୍ଡ ସୃଷ୍ଟି କରିଥିବା ବେଳେ ଛତିଶଗଡ଼ରେ କାଣ୍ଡକରି ନୂଆପଡା ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟରେ ଅନାୟାସରେ ରହୁଛନ୍ତି । ଏଠାରେ ରହିବାକୁ ନିରାପଦ ମଣୁଥିବା ବେଳେ ଛତିଶଗଡରେ ପୁଲିସ ହାତରେ ଧରାପଡୁଛନ୍ତି ନହେଲେ ଆତ୍ମସମର୍ପଣ କରିବାର ନାଟକ ରଚୁଥିବା ଚର୍ଚ୍ଚାରେ ରହୁଛି ।

ସୂଚନାଯୋଗ୍ୟ ଯେ ୨୦୦୭-୦୮ ମସିହାରେ ନୂଆପଡା ଜିଲ୍ଲାରେ ପ୍ରଥମ କରି ନୂଆପଡା ଜିଲ୍ଲାରେ ମାଓବାଦୀମାନେ ପ୍ରବେଶ କରି ବିଭିନ୍ନ ଜାଗାରେ ସେମାନଙ୍କର କାଣ୍ଡ କାରନାମା ଆରମ୍ଭ କରିଦେଇଥିଲେ । ପ୍ରଥମେ ସୁନାବେଡା ଜଙ୍ଗଲରେ ଜଣେ ଆଣ୍ଟି ପୋଚିଂ ୱାଚରଙ୍କୁ ପୁଲିସ ଇନଫର୍ମର ବୋଲି ହତ୍ୟା କରିବାପରେ ପ୍ରତିବର୍ଷ ଜଣ ଜଣ କରି ହତ୍ୟା କରିଚାଲିଥିଲେ । ଏଥିରେ ଜଣେ ଛତିଶଗଡ଼ର ଆଇପିଏସ ଅଧିକାରୀଙ୍କ ସମେତ ୯ଜଣ ଛତିଶଗଡି ପୁଲିସବାଲାଙ୍କ ନିର୍ମମ ଭାବେ ହତ୍ୟା କରି ଜିଲ୍ଲାରେ ମାଓବାଦୀମାନେ ସ୍ଥିତିକୁ ମଜବୁତ କରିଥିଲେ । ଶେଷ ଥର ପାଇଁ ପାଟଦର୍ହା ଜଙ୍ଗଲରେ ତିନିଜଣ ଯବାନଙ୍କୁ ହତ୍ୟା କରିଥିବାବେଳେ ବର୍ତ୍ତମାନ ସେଭଳି କୌଣସି କାରନାମା କରୁନଥିବା ଦେଖାଯାଇଛି । ଅନ୍ୟପଟେ ନୂଆପଡା ଜିଲ୍ଲା ପୁଲିସ ମଧ୍ୟ ସୁନାବେଡା ଜଙ୍ଗଲ ମଧ୍ୟରେ କେତେଗୋଟି ବଛା ବଛା ଜାଗାରେ ସିଆରପିଏଫ କ୍ୟାମ୍ପ ସ୍ଥାପନା କରି ଦାୟୀତ୍ୱ ଖସାଇ ଦେଇଛନ୍ତି । ପୁଲିସ ମଝିରେ ମଝିରେ ଗୋଟିଏ ଦ୍ୱିଟା ମାଓବାଦୀ କ୍ୟାମ୍ପ ଠାବ କରୁଥିବା ଗଣ ମାଧ୍ୟମ ଆଗରେ ସୂଚନା ଦେଇଛନ୍ତି । ଅନ୍ୟପଟେ ଛତିଶଗଡ ପୁଲିସ ଗୋଟିଏ ପରେ ଗୋଟିଏ ସଫଳତା ଗୋଟାଉଛି । ଦୁଇ ଦିନ ତଳେ ସୀମାନ୍ତ ଜଙ୍ଗଲରେ ଛତିଶଗଡ ପୁଲିସ ନିକଟରେ ଦୁଇଜଣ ଛତିଶଗଡ କ୍ୟାଡର ମାଓବାଦୀ ସନ୍ତୋଷ ଓରଫ ପବନ ଏବଂ ମହିଳା ମାଓବାଦୀ ନନ୍ଦୀ ଆ୍‌ସମର୍ପଣ ▶ପୃଷ୍ଠା-୭

# ବନ ବିଭାଗରେ 'ଥର୍' କମ୍ପନ

## ଗାଡ଼ି ଗୋଟାକ ୧୪ ଲକ୍ଷ, ମୋଡିଫିକେସନ ପାଇଁ ୧୦ ଲକ୍ଷ

■ ଭୁବନେଶ୍ୱର, ୧୪।୧୨(ସମିସ): ରାଜ୍ୟର ବିଭିନ୍ନ ଜଙ୍ଗଲରେ ବିଭାଗୀୟ କାର୍ଯ୍ୟରେ ବ୍ୟବହାର ନିମନ୍ତେ ଦୁଇ ଡ଼ୋର୍ (କବାଟ) ବିଶିଷ୍ଟ ୫୧ଟି ମହିନ୍ଦ୍ରା ଥର ଗାଡ଼ି କିଣିଛି ବନ ବିଭାଗ । ବିଧାନସଭାରେ ଖୋଦ୍ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ, ୫୧ଟି ଗାଡ଼ି କିଣିବା ନିମନ୍ତେ ବିଭାଗ ୭.୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ଏବଂ ଏହାର ମୋଡ଼ିଫିକେସନ ପାଇଁ ଆଉ ୫.୨୪କୋଟି ଟଙ୍କା ବ୍ୟୟ କରିଥିବା ନେଇ ଏକ ଲିଖିତ ପ୍ରଶ୍ନରେ ଉତ୍ତର ରଖିଛନ୍ତି । ମାତ୍ର ଶ୍ରୀ ଖୁଣ୍ଟିଆଙ୍କ ଉତ୍ତର ଏବେ ବନ ବିଭାଗକୁ ଥରାଇଛି ।

**ନିଆଁ ଲିଭାଇବାକୁ ସୌନ୍ଦର୍ଯ୍ୟକରଣର ଆବଶ୍ୟକତାକୁ ନେଇ ପ୍ରଶ୍ନ**

**ମୋଡ଼ିଫିକେସନ ପାଇଁ ପରିବହନ ବିଭାଗ ଅନୁମତି ମଧ୍ୟ ସନ୍ଦେହରେ**




ବିଭାଗୀୟ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବିଧାନସଭାରେ ରଖିଥିବା ଉତ୍ତର ଅନୁସାରେ, ରାସ୍ତା ଘାଟ ନ ଥିବା ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବନ କର୍ମଚାରୀ ଓ ସ୍କ୍ୱାଡଙ୍କ ନିୟୋଜନ ପୂର୍ବକ ବନ୍ୟଜନ୍ତୁ ସୁରକ୍ଷା, ଅନିୟମିତ କାର୍ଯ୍ୟ ଉପରେ ନିୟନ୍ତ୍ରଣ, ବାଘ ଏବଂ ଅନ୍ୟାନ୍ୟ ବନ୍ତ୍ୟଜନ୍ତୁଙ୍କ ଚଳପ୍ରଚଳ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହି ଗାଡ଼ି କିଣାଯାଇଛି । ମାତ୍ର ମନ୍ତ୍ରୀଙ୍କ ଏହି ଉତ୍ତରକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି । ଜଙ୍ଗଲ ବିଶେଷଜ୍ଞ ଓ ପରିବହନ ବିଶେଷଜ୍ଞମାନେ ବିଭାଗର ଗାଡ଼ିକିଣାକୁ ନେଇ ବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ବନ୍ୟପ୍ରାଣୀ ଓ ଜଙ୍ଗଲ ସମ୍ପର୍କରେ ଜ୍ଞାନ ରଖିଥିବା ବିଶେଷଜ୍ଞମାନେ କହିଛନ୍ତି ଯେ ଥର୍ ଗାଡ଼ିରେ ଡ୍ରାଇଭରଙ୍କ ବ୍ୟତୀତ ମାତ୍ର ୩ ଜଣ ଲୋକେ ବସିବେ । ସେହିପରି ଗାଡ଼ିରେ ମାତ୍ର ୨ଟି ଡୋର ଥିବାରୁ ଜରୁରୀକାଳୀନ ସମୟରେ ଏଥିରୁ ଓହ୍ଲାଇବାରେ ମଧ୍ୟ କଷ୍ଟ । ଜଙ୍ଗଲ ଭିତରେ ବନ୍ୟ ଜନ୍ତୁ ସୁରକ୍ଷାରେ ଏହି ଗାଡ଼ି ଯେ ବିଶେଷ ଉପଯୁକ୍ତ ନୁହେଁ; ତାହା ସମସ୍ତେ ଜାଣନ୍ତି । ▶ପୃଷ୍ଠା-୭

## ଆମେରିକା ବିଶ୍ୱବିଦ୍ୟାଳୟରେ ଗୁଳିକାଣ୍ଡ; ୨ ମୃତ

ରୋଡ୍ ଆଇଲାଣ୍ଡ, ୧୪।୧୨ : ଆମେରିକାର ଶିକ୍ଷାନୁଷ୍ଠାନରେ ପୁଣିଥରେ ଗୁଳିକାଣ୍ଡ ଘଟଣା ଦେଖିବାକୁ ମିଳିଛି। ରୋଡ ଆଇଲାଣ୍ଡସ୍ଥିତ ବ୍ରାଉନ ବିଶ୍ୱବିଦ୍ୟାଳୟରେ ଗୁଳିକାଣ୍ଡ କାରଣରୁ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି। ଆହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ଅଛନ୍ତି। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ଏନେଇ ପ୍ରୋଭିଡେନ୍ସ ମେୟର ବ୍ରେଟ୍ ସ୍ମାଇଲି ସତର୍କ କରାଇଛନ୍ତି। ଗୁଳିକାଣ୍ଡ ଘଟାଇ ସନ୍ଦିଗ୍ଧ ବ୍ୟକ୍ତି ଘଟଣାସ୍ଥଳରୁ ପଳାୟନ କରିଥିଲେ ବୋଲି କୁହାଯାଇଛି। ସେ ସମ୍ପୂର୍ଣ୍ଣ ଭାବେ କଳା ପୋଷାକ ପରିଧାନ କରିଥିଲେ। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ପୁଲିସ ତାଙ୍କୁ ପରେ ଛାଡିଦେଇଛି। ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଆମେରିକାରେ ଗୁଳିକାଣ୍ଡ ଘଟଣା ଆଦୌ ନୂଆ ନୁହେଁ।

## ଗୋଆ କ୍ଲବ୍ ଅଗ୍ନିକାଣ୍ଡ: ଦୁଇ ଭାଇଙ୍କୁ ଆଜି ଅଣାଯାଇପାରେ

ସିଡ୍‌ନୀ,୧୪।୧୨(ଏଜେନ୍ସି): ଗୋଆ ନାଇଟ୍ କ୍ଲବ 'ବିର୍ଚ ବାଇ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମାଲିକ ଦୁଇଭାଇ ସୌରଭ ଲୁଥରା ଓ ଗୌରବ ଲୁଥରାଙ୍କୁ ସୋମବାର ସୁଦ୍ଧା ଭାରତକୁ ପ୍ରତ୍ୟାର୍ପଣ କରାଯାଇପାରେ। ଥାଇଲାଣ୍ଡ ପୁଲିସ ଫୁକେଟରେ ଦୁଇଭାଇଙ୍କୁ ଅଟକ ରଖିଥିଲା। ସେମାନଙ୍କୁ ଭାରତ ପଠାଇବା ନେଇ ପ୍ରକ୍ରିୟା ଜାରି ରହିଛି। ଦୁଇ ଭାଇ ହୋଟେଲରୁ ଖାଇବାପାଇଁ ବାହାରକୁ ଯାଇଥିବା ବେଳେ ଥାଇ ପୁଲିସ ହାତରେ ଧରା ପଡିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଦୁଇ ଭାଇଙ୍କୁ ଭାରତରେ ଖୋଜା ଯାଉଛି ଓ ସେମାନେ ଥାଇଲାଣ୍ଡର ଫୁକେଟରେ ଅଛନ୍ତି ବୋଲି ଥାଇଲାଣ୍ଡ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଭାରତୀୟ ଏଜେନ୍ସିଗୁଡିକଠାରୁ ଇନ୍‌ପୁଟ୍ ମିଳିବା ପରେ ଥାଇ ଅଧିକାରୀମାନେ ପ୍ରଥମେ ହୋଟେଲ ଉପରେ ନଜର ରଖିଥିଲେ। ଯେତେବେଳେ ସେମାନେ ହୋଟେଲ ବାହାରକୁ ବାହାରିଥିଲେ ଅଧିକାରୀମାନେ ସେମାନଙ୍କ ଯାତ୍ରା ଓ ଅନ୍ୟ ତଥ୍ୟ ଯାଞ୍ଚ କରିବା ସହ ସେମାନଙ୍କୁ ଅଟକ ରଖିଥିଲେ। ଡିସେମ୍ବର ୬ରେ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଘ ଟ ଣ । ପରେ ଦୁଇ ଭାଇ ଭାରତ ଛାଡି ଥାଇଲାଣ୍ଡ ଚାଲିଯାଇଥିଲେ। ଦୁଇଜଣଙ୍କୁ ବ୍ୟାଙ୍କକରୁ ପ୍ରଥମେ ଦିଲ୍ଲୀ ଓ ପରେ ଗୋଆ ନିଆଯିବ। ଦୁଇଭାଇ କେତୋଟି ନକଲି କମ୍ପାନୀର ମାଲିକ ବୋଲି ଜଣାପଡିଛି।

## ପୁଲିସ, ବନବିଭାଗ କର୍ମଚାରୀଙ୍କୁ ଆକ୍ରମଣ; ୪୭ ଆହତ

ବନସକାଣ୍ଠା,୧୪।୧୨(ଏଜେନ୍ସି): ଗୁଜରାଟର ବନସକାଣ୍ଠାର ଅମ୍ବାଜୀ ତୀର୍ଥ ନଗରୀରୁ ୧୪ କିମି ଦୂରରେ ଥିବା ଦାନ୍ତା ତାଲୁକାର ପାଡଲୀୟା ଗାଁରେ ଶନିବାର ଦ୍ୱିପହରରେ ୫୦୦ ଲୋକ ସଙ୍ଘବଦ୍ଧ ଭାବେ ପୁଲିସ ଓ ବନବିଭାଗର କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲେ। ଗାଁ ଲୋକମାନେ ଟେକା ଓ ପଥର ଫିଙ୍ଗିଥିଲେ। କେବଳ ସେତିକି ନୁହେଁ ପୁଲିସକୁ ଟାର୍ଗେଟ କରି ଲୋକେ ଗୁଳି ଓ ତୀର ମଧ୍ୟ ମାଡ କରିଥିଲେ। ଉତ୍ୟକ୍ତ ଜନତା ପୁଲିସ ଓ ବନବିଭାଗର ଗାଡ଼ିକୁ ମଧ୍ୟ ଜାଳି ଦେଇଥିଲେ। ଏହି ଦଳ ଗଛ ଲଗାଇବା ପାଇଁ ଗାଁରେ ପହଞ୍ଚିଥିଲେ। ଆକ୍ରମଣ ପରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୫୦ରୁ ଅଧିକ ଗୁଳି ମଧ୍ୟ ଚଳାଇଥିଲା ଓ ୨୦ ଲୁହବୁହା ଗ୍ୟାସ ଛାଡିଥିଲା। ଉଲ୍ଲେଖଥାଉ କି, ଗାଁରେ ସେର୍ଭ ନଂ ୯ ଅଞ୍ଚଳକୁ ନେଇ ଦୀର୍ଘଦିନ ଧରି ବିବାଦ ଚାଲିଆସୁଛି। ଏହି ଅଞ୍ଚଳରୁ ବେଦଖଲ ହେବା ନେଇ ଗାଁ ଲୋକେ ଆଶଙ୍କା କରୁଛନ୍ତି। ଏହି ଜମି ବିବାଦ କାରଣରୁ ଏହି କାଣ୍ଡ ଘଟିଛି ବୋଲି କୁହାଯାଇଛି। ଘଟଣା ପରେ ଗାଁରେ ବହୁ ସଂଖ୍ୟାରେ ପୁଲିସକର୍ମୀଙ୍କୁ ନିୟୋଜିତ କରାଯାଇଛି।

## ଦକ୍ଷିଣ ଆଫ୍ରିକାରେ ଭୁଶୁଡ଼ିଲା ହିନ୍ଦୁ ମନ୍ଦିର; ୪ ମୃତ

ସିଡ୍‌ନୀ,୧୪।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର କ୍ୱାଜୁଲ ନାଟାଲ ରାଜ୍ୟରେ ଏକ ନିର୍ମାଣାଧୀନ ୪ ମହଲା ବିଶିଷ୍ଟ ହିନ୍ଦୁ ମନ୍ଦିର ଭୁଶୁଡି ପଡିଛି। ଏଥିରେ ଜଣେ ଭାରତୀୟ ବଂଶୋଦ୍ଭବଙ୍କ ସମେତ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସହରର ଉତ୍ତରରେ ଏକ ପାହାଡ଼ ଉପରେ ଏହି ମନ୍ଦିର ନିର୍ମାଣ କରାଯାଉଥିଲା। ଦୁର୍ଘଟଣା ସମୟରେ ନର୍ମାଣ ଶ୍ରମିକ ଓ ମନ୍ଦିର ସହଯୋଗୀମାନେ ସେଠାରେ ଉପସ୍ଥିତ ଥିଲେ। ମୃତକଙ୍କ ମଧ୍ୟରେ ୫୨ ବର୍ଷୀୟ ଜୟରାଜ ପାଣ୍ଡେ ସାମିଲ ରହିଛନ୍ତି। ସେ ମନ୍ଦିର ଟ୍ରଷ୍ଟିର କାର୍ଯ୍ୟକାରୀ ସଦସ୍ୟ ଥିଲେ ଓ ନିର୍ମାଣ ଯୋଜନାର ପ୍ରବନ୍ଧକ ରୂପେ କାମ କରୁଥିଲେ। ସେ ଗତ ଦୁଇବର୍ଷ ହେବ ମନ୍ଦିର ବିକାଶ କାର୍ଯ୍ୟ ସହ ଜଡିତ ଥିଲେ। ମନ୍ଦିରକୁ ଏକ ଗୁମ୍ଫା ଆକାରରେ ତିଆରି କରାଯାଉଥିଲା। ଏହି ମନ୍ଦିରରେ ଭଗବାନ ନୃସିଂହନାଥଙ୍କ ବିଶ୍ୱର ସର୍ବବୃହତ ମୂର୍ତ୍ତି ସ୍ଥାପନ କରିବାର ଯୋଜନା ଥିଲା।

# ଅସ୍ତ୍ରବିରତି ମାନୁନି ଇସ୍ରାଏଲ; ଗାଜାରେ ପୁଣି ଆକ୍ରମଣ



### ହମାସ୍‌ର ୨ ନଂ ମୁଖ୍ୟ ରାଏଦଙ୍କୁ ହତ୍ୟା

ଗାଜା,୧୪।୧୨(ଏଜେନ୍ସି): ପାଲେଷ୍ଟାଇନରେ ଶାନ୍ତି ପ୍ରତିଷ୍ଠା ଲାଗି ଅସ୍ତ୍ରବିରତି ଘୋଷଣା କରାଯାଇଥିଲେ ମଧ୍ୟ ଇସ୍ରାଏଲ ବାରମ୍ବାର ଏହାର ଉଲ୍ଲଂଘନ କରୁଥିବା ଦେଖାଯାଉଛି। ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲ ପାଲେଷ୍ଟାଇନର ଗାଜା ସହର ଉପରେ ବାରମ୍ବାର ଆକ୍ରମଣ କରିବାରେ ଲାଗିଛି। ଇସ୍ରାଏଲ ଆଜି ପୁଣି ଗାଜା ଉପରେ ପ୍ରବଳ ବୋମାମାଡ଼ କରିଛି। ଏଥିରେ ୨୫ ଜଣ ଲୋକ ଆହତ ହୋଇଛନ୍ତି। ତେବେ ଏହି ଆକ୍ରମଣ ।ରେ ହମାସର ଦୁଇ ନମ୍ବର ନେତା ବା ସେକେଣ୍ଡ ଇନ୍ କମାଣ୍ଡ ରାଏଦ ସଇଦଙ୍କ ମୃତ୍ୟୁ ଘଟିଛି। ରାଏଦ ସଇଦଙ୍କ ମୃତ୍ୟୁ ନେଇ ହମାସ ତରଫରୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି। ରାଏଦ ହମାସ ଅଲ- କାସିମ ବ୍ରିଗେଡର ପ୍ରମୁଖ କମାଣ୍ଡର ଥିଲେ। ଅନ୍ୟପକ୍ଷରେ ଇସ୍ରାଏଲ ଦାବି କରିଛି ଯେ ରାଏଦ ହମାସର ଅସ୍ତ୍ରଶସ୍ତ୍ର ତିଆରି କରୁଥିବା ନେଟ୍‌ୱର୍କର ପ୍ରମୁଖ ଥି।ଲେ। ସେ ମଧ୍ୟ ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣର ଷଡ଼ଯନ୍ତ୍ରରେ ସାମିଲ ଥିଲେ ବୋଲି କୁହାଯାଇଛି। ଅସ୍ତ୍ରବିରତି ଲାଗୁ ହେବା ପରେ ମଧ୍ୟ ରାଏଦ ହମାସର କ୍ଷମତାକୁ ବୃଦ୍ଧି କରିବା ଓ ଅସ୍ତ୍ରଶସ୍ତ୍ର ତିଆରି କରିବା କାର୍ଯ୍ୟ କରୁଥି। ବୋଲି ଇସ୍ରାଏଲ ଅଭିଯୋଗ କରିଛି। ଏହା ଶାନ୍ତି ଚୁକ୍ତିର ଉଲ୍ଲଂଘନ ଥିଲା। ନିଜର ସୈନିକଙ୍କ ଉପରେ ଆକ୍ରମଣ ପରେ ହିଁ ଇସ୍ରାଏଲ ନିଜର ସୁରକ୍ଷା ପାଇଁ ଏହି ଆକ୍ରମଣ କରିଛି ବୋଲି କହିଛି।

ଗାଜା ପ୍ରଶାସକ ଇସ୍ରାଏଲର ଏହି ଆକ୍ରମଣର ନିନ୍ଦା କରିଛନ୍ତି। ଅସ୍ତ୍ରବିରତି ପ୍ରତି ସମ୍ମାନ ଜଣାଇବା ଲାଗି ବିଶ୍ୱ ସମୁଦାୟ ଇସ୍ରାଏଲ ଉପରେ ଚାପ ପକାନ୍ତୁ। ବିଶେଷ କରି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ମୁଖ୍ୟ ଗ୍ୟାରେଣ୍ଟର ଥିବାରୁ ସେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି। ହମାସର ସୂଚନା ଅନୁସାରେ ରାଏଦ୍ ଗାଜା ସିଟି ବାଟାଲିୟନର ପୂର୍ବତନ ମୁଖ୍ୟ ଥିଲେ।

## ପିଏମ୍ ଇଣ୍ଟର୍ଣ୍ଣସିପ୍: ଷ୍ଟାଇପେଣ୍ଡ କମ୍; ଖର୍ଚ୍ଚ ବେଶି

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଯୋଜନା ପ୍ରବଳ, ମାତ୍ର କାର୍ଯ୍ୟକାରିତା ଦୁର୍ବଳ ହୋଇଚାଲିଛି। ଫଳରେ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଯେଉଁ ଉଦ୍ଦେଶ୍ୟ ରଖି ଯୋଜନା ଅଣାଯାଉଛି ତାହା ଫଳପ୍ରସୁ ହୋଇପାରୁନି। 'ପିଏମ ଇଣ୍ଟର୍ଣ୍ଣସିପ୍ ଯୋଜନା' ଏଥିରୁ ବାଦ୍ ପଡ଼ି ନାହିଁ। ଏହି ଯୋଜନାକୁ ବର୍ଷେ ପୂରଣ ହୋଇ ସାରିଲାଣି। ମାତ୍ର ଏହି ଅବଧି ମଧ୍ୟରେ କେବଳ ୨୦୬୬ ଜଣ ଇଣ୍ଟର୍ଣ୍ଣସିପ୍ ସମ୍ପୂର୍ଣ୍ଣ କରିଛନ୍ତି। ତେବେ ସରକାର ୧.୨୫ ଲକ୍ଷଙ୍କ ଇଣ୍ଟର୍ଣ୍ଣସିପ୍ ପୂରଣ ଲାଗି ଲକ୍ଷ୍ୟ ରଖିଥିଲେ। ଏହି ଯୋଜନା ପାଇଁ ସରକାର ବଜେଟରେ ୮୪୦ କୋଟି ଟଙ୍କା ଆବଣ୍ଟନ କରିଥିଲେ। ମାତ୍ର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏହାକୁ ହ୍ରାସ କରି ୩୮୦ କୋଟି ଟଙ୍କା କରିଦିଆଯାଇଥିଲା। ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୭୩.୭୨ କୋଟି ଟଙ୍କା ଖର୍ଚ୍ଚ କରାଗଲାଣି। ଏଥିରୁ ୧୬.୬୨ କୋଟି ଟଙ୍କା କେବଳ ବିଜ୍ଞାପନ ବାବଦରେ ବ୍ୟୟ କରାଯାଇଛି।

**■ ୭୪ କୋଟି ଖର୍ଚ୍ଚ, କେବଳ ୨୦୬୬ ଜଣଙ୍କ ସମ୍ପୂର୍ଣ୍ଣ ହୋଇଛି ଇଣ୍ଟର୍ଣ୍ଣସିପ୍**


ଅଧିକାଂଶ କମ୍ପାନୀ ବଡ଼ ସହରରେ ଅଫିସ ଖୋଲିଛନ୍ତି। ଇଣ୍ଟର୍ଣ୍ଣସିପ୍ ସମୟରେ ଦିଆଯାଉଥିବା ଷ୍ଟାଇପେଣ୍ଡ ବହୁତ କମ୍ ରହିଛି। ତେଣୁ କେହି ନିଜ ଗାଁ ଛାଡ଼ି ଏଥିରେ ସାମିଲ ହେବାକୁ ଯାଉନାହାନ୍ତି। ଜଣେ ଆବେଦନକାରୀ ସହରକୁ ପ୍ରଶିକ୍ଷଣ ନେବାକୁ ଆସିଲେ, ଷ୍ଟାଇପେଣ୍ଡରେ ମିଳୁଥିବା ଅର୍ଥ ତୁଳନାରେ ଖର୍ଚ୍ଚ ଅଧିକ ହେଉଛି। ଇଣ୍ଟର୍ଣ୍ଣସିପ୍ କରୁଥିବା ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ଏକାଥରକେ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହା ପରେ ମାସକୁ ୫ ହଜାର ଟଙ୍କା ମିଳୁଛି। କୌଣସି ବଡ଼ ସହରରେ ରହିବା ଏବଂ ଯିବାଆସିବା ଖର୍ଚ୍ଚ ଏହାଠାରୁ ଢେର ଅଧିକ। ତେଣୁ ଅଧିକାଂଶ ଲୋକ ପିଏମ ଇଣ୍ଟର୍ଣ୍ଣସିପ୍ କରୁନାହାନ୍ତି। ଏହା ବ୍ୟତୀତ ଇଣ୍ଟର୍ଣ୍ଣସିପ୍ ଅବଧି ବର୍ଷେ ରହୁଛି। ଦୀର୍ଘ ସମୟ ଲାଗି ମଧ୍ୟ ପ୍ରାର୍ଥୀ ଏହା କରିବାକୁ ଚାହୁଁ ନାହାନ୍ତି। ତେଣୁ ଅଧିକାଂଶ ଅଧାରୁ ଇଣ୍ଟର୍ଣ୍ଣସିପ୍ ଛାଡ଼ି ପଳାଉଛନ୍ତି। ଆଉ କିଛି କମ୍ପାନୀ ଆଶାର୍ଥୀଙ୍କ ଦକ୍ଷତା ଉପରେ ଧ୍ୟାନ ନ ଦେଇ ଖାଲି ଡାଟା ଏଣ୍ଟ୍ରି କରାଉଛନ୍ତି। ଏହା ଫଳରେ ଆଶାର୍ଥୀ ପରୀକ୍ଷା, ସରକାରୀ ଚାକିରି ପ୍ରସ୍ତୁତି ପାଇଁ ଇଣ୍ଟର୍ଣ୍ଣସିପ୍ ଛାଡ଼ି ଦେଉଛନ୍ତି।

କର୍ପୋରେଟ ମାମଲାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମଲହୋତ୍ରା ମୌସୁମୀ ଅଧିବେଶନରେ ଲୋକସଭାରେ କହିଥିଲେ ଯେ ଦୁଇଟି ପର୍ଯ୍ୟାୟରେ ୧.୬୫ ଲକ୍ଷଙ୍କୁ ଇଣ୍ଟର୍ଣ୍ଣସିପ୍ ଅଫର ଦିଆଯାଇଥିଲା। କିନ୍ତୁ ଏଥିରୁ କେବଳ ୨୦ ପ୍ରତିଶତ ଇଣ୍ଟର୍ଣ୍ଣସିପ୍ କରିଥିଲେ। ବହୁତ ଦୂରରେ ଅଫିସ, ସଠିକ କାମ ନ ମିଳିବା, ସମୟସୀମା ଅଧିକ ହେବାରୁ ଅଧିକାଂଶ ଇଣ୍ଟର୍ଣ୍ଣସିପ ପାଇଁ ରାଜି ହୋଇ ନ ଥିଲେ। ତେଣୁ ଷ୍ଟାଇପେଣ୍ଡ ବାବଦକୁ ଅଧିକ ଅର୍ଥ ଦେଲେ ଏଥିପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବ ବୋଲି କୁହାଯାଉଛି।

## ହଜାରେ କୋଟିର ସାଇବର ଠକେଇ ୪ ଚୀନ୍ ନାଗରିକଙ୍କ ନାମରେ ଚାର୍ଜସିଟ୍

ନୂଆଦିଲ୍ଲୀ, ୧୪।୧୨(ଏଜେନ୍ସି): କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ) ଅନ୍ତର୍ଜାତୀୟ ସାଇବର ଅପରାଧରେ ସାମିଲ ଥିବା ୪ ଜଣ ଚୀନ ନାଗରିକ ଓ ୫୮ କମ୍ପାନୀ ସମେତ ୧୭ଜଣ ଲୋକଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ରବିବାର ସିବିଆଇ ଅଧିକାରୀମାନେ ଏ ସଂକ୍ରାନ୍ତରେ ସୂଚନା କହିଛନ୍ତି ଯେ, ଏହି ଅଭିଯୁକ୍ତମାନେ ୧୦୦ରୁ ଅଧିକ ନକଲି କମ୍ପାନୀ ସ୍ଥାପନ କରି ଏକ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସାଇବର ଠକେଇ କରିଛନ୍ତି। ସାଇବର ଠକେଇ କରୁଥିବା ଏକ ଅନ୍ତର୍ଜାତୀୟ ନେଟୱର୍କ ସହିତ ଏମାନେ ଜଡିତ ଅଛନ୍ତି। ସିବିଆଇ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରରୁ ମିଳିଥିବା ସୂଚନା ଆଧାରରେ ମାମଲା ରୁଜୁ କରିଥିଲା। ଗତ ଅକ୍ଟୋବରରେ ଏହି ସାଇବର ଠକେଇ ନେଟୱର୍କର ପର୍ଦ୍ଦାଫାସ୍ ହୋଇଥିଲା। ସାଇବର ଟିମ୍ ଏହି ନେଟୱର୍କର ବିଷୟରେ ତଥ୍ୟ ପାଇଥିଲା। ଏମାନେ ଭିନ୍ନ ଭିନ୍ନ ସାଇବର ଠକେଇ କରୁଥିଲେ। ଏମାନେ ନକଲି ଋଣ ଓ ନିବେଶ ଯୋଜନାର ଲୋଭ ଦେଖାଇ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ। ଯାଞ୍ଚ ବେଳେ ୧୧୧ଟି ନକଲି ସେଲ କମ୍ପାନୀ ଥିବା ଜଣାପଡ଼ିଥିଲା। ଏହି କମ୍ପାନୀଗୁଡିକରେ ବିଭିନ୍ନ ବ୍ୟାଙ୍କ ଖାତା ଜରିଆରେ ୧, ୦୦୦ କୋଟିରୁ ଅଧିକ ଟଙ୍କା ନେଣଦେଣ ହୋଇଥିଲା। ଏହିକ୍ରମରେ ସିବିଆଇ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, କର୍ଣ୍ଣାଟକ, ଝାଡଖଣ୍ଡ ଓ ହରିୟାଣା ଭଳି ରାଜ୍ୟରେ ଚଢ଼ାଉ କରିଥିଲା। ଏହି ୪ ଚୀନ ନାଗରିକମାନେ ହେଲେ ଜୁ ୟି, ହୁଆନ ଲିୟୁ, ବେଇଜିଆନ ଲିୟୁ ଓ ଗୁଆନହୁଆ ୱାଙ୍ଗ୍। ୨୦୨୦ରେ ଏମାନେ ଫର୍ଜି କମ୍ପାନୀ ସ୍ଥାପନ କରିଥିଲେ ବୋଲି ସିବିଆଇ କହିଛି।

## ବିମାନରେ ଆମେରିକୀୟ ମହିଳାଙ୍କ ଜୀବନ ବଞ୍ଚାଇଲେ ପୂର୍ବତନ ବିଧାୟିକା



ନୂଆଦିଲ୍ଲୀ,୧୪।୧୨(ଏଜେନ୍ସି): ଗୋଆରୁ ଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ଜଣେ ଆମେରିକୀୟ ମହିଳା ଅଚାନକ ବେହୋଶ ହୋଇଯାଇଥିଲେ। କିନ୍ତୁ ବିମାନରେ କର୍ଣ୍ଣାଟକର ଜଣେ ପୂର୍ବତନ ବିଧାୟିକା ଓ ପେସାରେ ଡାକ୍ତର ଥିବା ଅଞ୍ଜଳି ନିମ୍ବାଲକର ମଧ୍ୟ ଉପସ୍ଥିତ ଥିଲେ। ଅଞ୍ଜଳି ତୁରନ୍ତ ବିଳମ୍ବ ନ କରି ଏହି ବିଦେଶୀ ମହିଳାଙ୍କୁ ସିପିଆର ଦେଇ ତାଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ଏହି ମେଡିକାଲ ଇମର୍ଜେନ୍ସିବେଳେ ବିମାନ ପାଖାପାଖି ୩,୦୦୦ ଫୁଟ୍ ଉଚ୍ଚରେ ଥିଲା। ଅଞ୍ଜଳି ମଧ୍ୟ କଂଗ୍ରେସର ନେତ୍ରୀ। ସେ ଗୋଆ ଦିଲ୍ଲୀରେ ରାମଲୀଳା ମଇଦାନରେ ଅନୁଷ୍ଠିତ କଂଗ୍ରେସର 'ଭୋଟ ଚୋରି ରାଲି'ରେ ଯୋଗଦେବାକୁ ଦିଲ୍ଲୀ ଆସିଥିଲେ। ସେହିପରି ଏହି ଆମେରିକୀୟ ମହିଳା ହେଉଛନ୍ତି କାଲିଫର୍ଣ୍ଣିଆରେ ରହୁଥିବା ୩୪ ବର୍ଷୀୟ ଜେନି। ସେ ନିଜ ଭଉଣୀଙ୍କ ସହ ଏକ ବିବାହ ସମାରୋହରେ ଯୋଗଦେବାକୁ ଦିଲ୍ଲୀ ଆସୁଥିଲେ। ଶନିବାର ଦ୍ୱିପହର ପରେ ପାଖାପାଖି ୧.୩୦ରେ ବିମାନ ଟେକ୍‌ଅଫ୍ କରିବାରୁ ୧୦ମିନିଟ ପରେ ଜେନି ଅସୁସ୍ଥ ହୋଇପଡିଥିଲେ ଓ ଥରି ଥରି ବେହୋଶ ହୋଇ ତଳେ ପଡିଯାଇଥିଲେ। ଏହାପରେ ଅଞ୍ଜଳି ନିଜ ଡାକ୍ତରୀ ଅଭିଜ୍ଞତାର ଉପଯୋଗ କରି ତାଙ୍କୁ ବଞ୍ଚାଇଥିଲେ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏଥିପାଇଁ ଅଞ୍ଜଳିଙ୍କୁ ପ୍ରଶଂସା କରିଛନ୍ତି।

## ସିରିଆରେ ଆମେରିକା ସୈନିକଙ୍କ ଉପରେ ଆକ୍ରମଣ; ୩ ମୃତ

ଡମାସ୍କସ୍,୧୪।୧୨(ଏଜେନ୍ସି): କେନ୍ଦ୍ର ସିରିଆର ପଲମିରାରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ଦ୍ୱାରା ଏକ ବଡ଼ ଧରଣର ଆକ୍ରମଣ ହୋଇଛି। ଆତଙ୍କବାଦୀମାନେ ଆମେରିକୀୟ ସୈନିକଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଏଥିରେ ଦୁଇଜଣ ଆମେରିକୀୟ ସୈନିକ ଓ ଜଣେ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ୩ ଜଣ ସୈନିକ ଆହତ ହୋଇଛନ୍ତି। ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ କହିବା ଅନୁସାରେ ଆମେରିକୀୟ ସୈନିକମାନେ ଆଇଏସ୍‌ଆଇଏସ୍ ଆତଙ୍କବାଦ- ନିରୋଧ ଅଭିଯାନ ପାଇଁ ଏକ ବୈଠକରେ ଯୋଗଦେଉଥିବା ବେଳେ ଏହି ଆକ୍ରମଣ ହୋଇଥିଲା। ଘଟଣା ବେଳେ ସେଠାରେ ଉପସ୍ଥିତ ସିରିଆର ସୁରକ୍ଷାକର୍ମୀଙ୍କୁ ମଧ୍ୟ ଆତଙ୍କବାଦୀମାନେ ମାରିଥିଲେ। ଏହି ଆକ୍ରମଣରେ ସିରିଆର କିଛି ସୁରକ୍ଷାକର୍ମୀ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ସବୁ ଆହତଙ୍କୁ ହେଲିକପ୍ଟର ଜରିଆରେ ନିକଟରେ ଥିବା ଆମେରିକା ସୈନ୍ୟ ଆଡ୍ଡାକୁ ନିଆଯାଇଛି। ବଶର ଅଲ୍-ଅସଦ ଶାସନରୁ ହଟିବା ପରେ ହିଁ ଆମେରିକା ସୈନ୍ୟଙ୍କ ଉପରେ ଏହି ଆକ୍ରମଣ ହୋଇଛି। ଅନ୍ୟପଟେ ଏହି ଆକ୍ରମଣର କଡ଼ା ଜବାବ ଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି।

## ରାମଲୀଳା ମଇଦାନରେ ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୪।୧୨(ଏଜେନ୍ସି): ରବିବାର ଦିଲ୍ଲୀର ରାମଲୀଳା ମଇଦାନରେ କଂଗ୍ରେସ ତା'ର 'ଭୋଟ ଚୋର, ଗାଦି ଛୋଡ଼' ରାଲି ଆୟୋଜିତ କରିଥିଲା। ବରିଷ୍ଠ ନେତା ତଥା ସାଂସଦ ରାହୁଲ ଗାନ୍ଧୀ ଚିରାଚରିତ ଢ଼ଙ୍ଗରେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆତ୍ମବିଶ୍ୱାସ ଚାଲିଯାଇଛି ଓ ଅମିତ ଶାହାଙ୍କ ହାତ ଥରୁଛି ବୋଲି ସେ ନିଜ ଭାଷଣରେ କହିଛନ୍ତି। ସେମାନଙ୍କ ଚୋରି ଏବେ ଧରାପଡିଛି ଓ ଏ ନେଇ ସେମାନେ ଭଲ ଭାବେ ଅବଗତ ଅଛନ୍ତି।

ସେହିପରି ନିର୍ବାଚନ କମିଶନ ମୁଖ୍ୟ ଜ୍ଞାନେଶ କୁମାର, ଶୁଖବୀର ସିଂ ଓ ବିବେକ ଯୋଶୀ ବିଜେପି ସହ ସାଥି ହୋଇ କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଆମେ ଏହି ନିୟମରେ ପରିବର୍ତ୍ତନ ଆଣିବୁ ଓ ଏହି ଲୋକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଏମାନେ ଭୁଲିଯିବା ଉଚିତ ନୁହେଁ ଯେ, ସେମାନେ ନିର୍ବାଚନ କମିଶନର ଏବଂ ସେମାନେ ବିଜେପିର କର୍ମୀ ନୁହନ୍ତି ବୋଲି ସେ କହିଛନ୍ତି। ରାହୁଲଙ୍କ ପୂର୍ବରୁ କଂଗ୍ରେସ ନେତ୍ରୀ ତଥା ୱାଏନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଭୋଟ ଚୋରି ନେଇ ନିଜର ମତ ରଖିଥିଲେ। ଗୋଟିଏ ଭୋଟର ମୂଲ୍ୟ କ'ଣ ସମସ୍ତେ ବୁଝିବା ଆବଶ୍ୟକ ବୋଲି ପ୍ରିୟଙ୍କା କହିଛନ୍ତି। ଏବେ ଦେଶର ନ୍ୟାୟପାଳିକା ମଧ୍ୟ ଚାପରେ ରହିଛି। ସେହିପରି ଦେଶର ସବୁ ଗଣମାଧ୍ୟମ ଏବେ ଆଦାନୀ ଓ ଅମ୍ବାନୀଙ୍କର ଅକ୍ତିଆରରେ ଅଛି। କଂଗ୍ରେସ ନେତାମାନଙ୍କୁ ବିଭିନ୍ନ ମିଥ୍ୟା ଅଭିଯୋଗରେ ଗିରଫ କରି ଜେଲ୍‌ରେ ଭର୍ତ୍ତି କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। କିନ୍ତୁ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି ସେମାନେ ୱାଶିଂ ମେସିନ ଦ୍ୱାରା ସଫା ହେଇ ଯାଉଛନ୍ତି ବୋଲି ସେ କହିଛନ୍ତି। ଏହି ରାଲିରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ରାଲି ଆରମ୍ଭ ହେବା ପୂର୍ବରୁ ଏମାନେ 'ଭୋଟ ଚୋର, ଗାଦି ଛୋଡ଼' ଓ 'ମୋଦୀ ତେରୀ କବର ଖୋଦେଗୀ' ଭଳି ସ୍ଲୋଗାନ ଦେଇଥିଲେ।



## ବାଂଲାଦେଶ ଅଭିଯୋଗକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୧୪।୧୨(ଏଜେନ୍ସି): ଭାରତ ଓ ବାଂଲାଦେଶ ମଧ୍ୟରେ ପୁଣିଥରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ନେଇ ଭାରତର ଆଭିମୁଖ୍ୟ ପାଇଁ ଚିନ୍ତା ପ୍ରକଟ କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ହସିନା ଭାରତରେ ରହୁଛନ୍ତି ଓ ସେଠାରୁ ଉସୁକାଇବା ଭଳି ମନ୍ତବ୍ୟ ଦେଉଛନ୍ତି। ନିଜ ସମର୍ଥକଙ୍କ ସହାୟତାରେ ହସିନା ବାଂଲାଦେଶରେ ହିଂସା ସୃଷ୍ଟି କରିବାକୁ ପ୍ରବର୍ତ୍ତାଉଛନ୍ତି।

# ପାକିସ୍ତାନ ଓ ଉପସାଗରୀୟ ଦେଶରେ କାହିଁକି ନିଷିଦ୍ଧ ହୋଇଛି 'ଧୂରନ୍ଧର'

ନୂଆଦିଲ୍ଲୀ,୧୪।୧୨(ଏଜେନ୍ସି): ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୂରନ୍ଧର' ବଲିଉଡ୍ ସିନେମା ଏବେ ଦେଶ ଓ ବିଦେଶରେ ହଇଚଇ ସୃଷ୍ଟି କରିଛି। ବକ୍ସ ଅଫିସରେ ଏହି ସିନେମା ଜବରଦସ୍ତ ବ୍ୟବସାୟ କରିବା ସହ ମୁକ୍ତିଲାଭ କରିବାର ମାତ୍ର ୧୦ ଦିନ ମଧ୍ୟରେ ସୁପରହିଟ୍ ସାବ୍ୟସ୍ତ ହୋଇଛି ଓ ଅନ୍ୟ ସିନେମାର ରେକର୍ଡଗୁଡିକୁ ପଛରେ ପକାଇଛି। ଭଲ ବ୍ୟବସାୟ କରିବା ସହ ଏହି ସିନେମାକୁ ନେଇ ବିଶ୍ୱର ବିଭିନ୍ନ ଅଞ୍ଚଳରେ ବିବାଦ ମଧ୍ୟ ସୃଷ୍ଟି ହୋଇଛି। ସବୁ ମହଲରୁ ଏହି ସିନେମାକୁ ପ୍ରଶଂସା କରାଯାଇଛି। ବଲିଉଡ୍‌ର ପୂର୍ବତନ ଓ ଏବେକାର ସୁପରଷ୍ଟାରମାନେ ଏହି ସିନେମାକୁ ଭୂୟସୀ ପ୍ରଶଂସା କରିଛନ୍ତି ଓ ସବୁ କଳାକାରମାନଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇପାରିଛି ବୋଲି ଅମିତାଭ ବଚ୍ଚନଙ୍କଠାରୁ ରତିକ ରୋଶନଙ୍କ ପର୍ଯ୍ୟନ୍ତ କଳାକାରମାନେ କହିଛନ୍ତି। ଖାସ୍ କରି ଅକ୍ଷୟ ଖାନ୍ନା ରେହମାନ ଡକାଏତ ଭୂମିକାରେ ଜବରଦସ୍ତ ଅଭିନୟ କରିଛନ୍ତି। ସେ କରାଚୀର ଜଣେ ଗ୍ୟାଙ୍ଗଷ୍ଟର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଖଳନାୟକ ହୋଇଥିଲେ ମଧ୍ୟ ସେ ପ୍ରଶଂସକଙ୍କ ମନରେ ନାୟକ ଭାବେ ଉଭା ହୋଇଛନ୍ତି।



କିନ୍ତୁ ଏହା ମୌଳିକ ଭାବେ ଏକ ସ୍ପାଏ ଅର୍ଥାତ ଗୁପ୍ତଚର ସମ୍ପର୍କିତ ସିନେମା। ଏଥିରେ ପଡୋଶୀ ଦେଶ ପାକିସ୍ତାନ ଓ ତା'ର ଅପରାଧି, ଡନ୍, ଗୁଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସ ଇଣ୍ଟେଲିଜେନ୍ସି (ଆଇଏସ୍‌ଆଇ) ଓ ଗ୍ୟାଙ୍ଗୱାରକୁ ପ୍ରଦର୍ଶିତ କରାଯାଇଛି। ମୋଟ ଉପରେ କହିବାକୁ ଗଲେ ପାକିସ୍ତାନ ହିଁ ଏହି ସିନେମାର ମୁଖ୍ୟ ଖଳନାୟକ ବୋଲି କହିଲେ ଭୁଲ ହେବ ନାହିଁ। ପାକିସ୍ତାନର କେତେକ କଳାସତ୍ୟକୁ ମଧ୍ୟ ଏଥିରେ ନିଖୁଣ ଭାବେ ଦେଖାଯାଇଛି। ତେଣୁ ଏହି ସିନେମାକୁ ପାକିସ୍ତାନରେ ବ୍ୟାନ୍ ଅର୍ଥାତ ନିଷିଦ୍ଧ କରାଯାଇଛି। କିନ୍ତୁ ଏହାକୁ ଉପସାଗରୀୟ ଓ ଆରବ ଦେଶଗୁଡିକ ନିଷିଦ୍ଧ କରିବା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଅଧିକାଂଶ ଆରବ ଦେଶ ଭାରତର ଭଲ ବନ୍ଧୁ ଭାବେ ଜଣାଶୁଣା। ଏହି ସିନେମାରେ ଇସ୍‌ଲାମୋ ଫୋବିଆ ଅର୍ଥାତ ଇସ୍‌ଲାମ ଧର୍ମ ପ୍ରତି ତର୍କହୀନ ଭୟ, ଘୃଣା ଓ ଶତ୍ରୁତାକୁ ଦେଖାଯାଇଛି ବୋଲି କେତେକ ଅଭିଯୋଗ କରିଛନ୍ତି। ନିକଟରେ ୬ଟି ଆରବ ଦେଶ ଏହି ସିନେମାର ସ୍କ୍ରିନିଂକୁ ନିଷିଦ୍ଧ କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏହି ଦେଶଗୁଡିକ ହେଲା ବାହାରିନ, କତାର, କୁଏତ, ଓମାନ, ସାଉଦି ଆରବ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)। 'ଧୂରନ୍ଧର' ଏହି ଦେଶଗୁଡିକରେ ମୁକ୍ତିଲାଭ କରିବ ନାହିଁ ବୋଲି କୁହାଯାଇଛି। ଏହି ସିନେମାକୁ ଆନଟି ପାକିସ୍ତାନ ବା ପାକିସ୍ତାନ ବିରୋଧୀ ବୋଲି କହି ଏହି ଦେଶଗୁଡିକ ଏହାକୁ ନିଷିଦ୍ଧ କରିଛନ୍ତି। ଅବଶ୍ୟ ଏହା ହେବ ବୋଲି ପୂର୍ବରୁ ଆଶଙ୍କା କରାଯାଉଥିଲା। ସିନେମାକୁ ପାକିସ୍ତାନରେ ନିଷିଦ୍ଧ ହେବା କଥା ବୁଝା ପଡୁଛି। କିନ୍ତୁ ଉପସାଗରୀୟ ଦେଶଗୁଡିକ କାହିଁକି ଏହାକୁ ନିଷିଦ୍ଧ କଲେ ତାହା ଅବଶ୍ୟ ବୁଝା ପଡୁନାହିଁ। ଏହି ଦେଶଗୁଡିକ 'ଧୂରନ୍ଧର'କୁ ଆଣ୍ଟି ପାକିସ୍ତାନ ସିନେମା ବୋଲି ବିବେଚନା କରୁଛନ୍ତି। ଏହାଦ୍ୱାରା ପାକିସ୍ତାନ ସହ ଏହି ଦେଶଗୁଡିକର କୂଟନୈତିକ ଓ ରାଜନୈତିକ ସମ୍ପର୍କ ଖରାପ ହେବ ବୋଲି ଆଶଙ୍କା କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ 'ଧୂରନ୍ଧର' ଶନିବାର ମୁକ୍ତିଲାଭ କରିବାର ୯ମ ଦିନ ସୁଦ୍ଧା ଘରୋଇ ବଜାରରେ ୨୯୨.୭୫ କୋଟି ଅର୍ଥାତ ୩୦୦ କୋଟି ଆୟ କରିଛି। କେବଳ ଶନିବାର ଏହା ୫୩ କୋଟି ଟଙ୍କା ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି। ଅର୍ଥାତ ଏହାର ବିଶ୍ୱବ୍ୟାପୀ ଆୟ ଆହୁରି ଅଧିକ ହେବ ଓ ଏହା ଏକ ଐତିହାସିକ ସିନେମା ବିବେଚିତ ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, 'ଧୂରନ୍ଧର'କୁ ଆଦିତ୍ୟ ଧର ନିର୍ଦ୍ଦେଶନା ଦେବା ସହ ଲୋକେଶ ଧର ଓ ଜ୍ୟୋତି ଦେଶପାଣ୍ଡେ ପ୍ରଯୋଜନା କରିଛନ୍ତି। ଆଦିତ୍ୟ ଧର ଏହାର ଲେଖକ। ଏଥିରେ ସାରା ଅର୍ଜୁନ ଓ ରାକେଶ ବେଦୀଙ୍କ ଭୂମିକାକୁ ମଧ୍ୟ ପ୍ରଶଂସା କରାଯାଇଛି।

# ନ୍ୟାୟ ସୁନିଶ୍ଚିତ କରିବାରେ ମଧ୍ୟସ୍ଥ ପ୍ରଭାବୀ ମାଧ୍ୟମ ହେଉ: ସିଜେଆଇ

କଟକ,୧୪ ।୧୨(ସମିସ): ନିର୍ଦ୍ଦିଷ୍ଟ ସମୟରେ ମାମଲାର ବିଚାର ହେବା ଦ୍ୱାରା ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିହେବ। ସାମ୍ପ୍ରତିକ ପରିସ୍ଥିତିରେ ଅଦାଲତଗୁଡ଼ିକ ପାଇଁ ମାମଲା ବୋଝ ଆହ୍ୱାନ ହୋଇଥିଲେ ହେଁ ଏହାକୁ ପର୍ଯ୍ୟାୟକ୍ରମେ ହ୍ରାସ କରାଯାଇପାରିବ। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବାକୁ ହେଲେ ମଧ୍ୟସ୍ଥତା ଏକ ଶକ୍ତିଶାଳୀ ତଥା ପ୍ରଭାବୀ ମାଧ୍ୟମ ହେଉ ବୋଲି କହିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ। ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ କଟକ

- ହାଇକୋର୍ଟ ବାର୍ ପକ୍ଷରୁ ଆଲୋଚନାଚକ୍ର
- ୫୦ ବର୍ଷ ଓକିଲାତି କରିଥିବା ୩୪ ବରିଷ୍ଠ ଆଇନଜୀବୀ ସମ୍ବର୍ଦ୍ଧିତ

ସହିଦଭବନଠାରେ ଆୟୋଜିତ 'ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଏବଂ ମାମଲା ଖର୍ଚ୍ଚ ଓ ବିଳମ୍ବ ହ୍ରାସ ପାଇଁ ରଣନୀତି' ଶୀର୍ଷକ ଆଲୋଚନାଚକ୍ର ବା ସମ୍ମାନରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ମତ ପ୍ରକାଶ କରିଛନ୍ତି।

ସେ କହିଥିଲେ ଯେ ବର୍ତ୍ତମାନ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ପଥରେ ମାମଲା ଖର୍ଚ୍ଚ ଓ ମାମଲା ଫଏସଲାରେ ହେଉଥିବା ବିଳମ୍ବ ପ୍ରମୁଖ ପ୍ରତିବନ୍ଧକ ହୋଇଛି। ଏବେ ମଧ୍ୟସ୍ଥତା ଭଳି ମାଧ୍ୟମ ପ୍ରଭାବଶାଳୀ ସମାଧାନର ପ୍ରତିଶ୍ରୁତି ଦେଉଥିବାରୁ ଏହା ଲୋକାଦୃତ ହୋଇଛି। ଜଷ୍ଟିସ ସୂର୍ଯ୍ୟକାନ୍ତ କିଭଳି ମଧ୍ୟସ୍ଥତା ଜରିଆରେ ଦୀର୍ଘ ଦଶନ୍ଧିର ମାମଲା ଫଏସଲା ହୋଇପାରିଛି ତାହାର କେତେକ ଦୃଷ୍ଟାନ୍ତ ରଖିଥିଲେ। ଅପରପକ୍ଷରେ ପକ୍ଷ ମାନଙ୍କୁ ମଧ୍ୟସ୍ଥତାର ମୂଲ୍ୟ ଓ ବିଚାରଧାରା ସମ୍ପର୍କରେ ସୁନିଶ୍ଚିତ କରାଇବା ଉଭୟ ବାର ଏବଂ ବେଞ୍ଚର ଉତ୍ତରଦାୟିତ୍ୱ ବୋଲି କହିଛନ୍ତି ପ୍ରଧାନ ବିଚାରପତି। ସେହିଭଳି ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) କଦାପି ମାନବ ସମ୍ବଳର ବିକଳ୍ପ ହୋଇପାରିବ ନାହିଁ ବରଂ ନ୍ୟାୟିକ ବ୍ୟବସ୍ଥାରେ ଏହାକୁ ଏକ ପ୍ରଭାବୀ ଉପକରଣ ଭାବେ ବ୍ୟବହାର କରାଯାଇପାରିବ ବୋଲି ସେ କହିବା ସହ ଉପଯୁକ୍ତ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଓ ନ୍ୟାୟିକ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ସମାରୋହରେ ମୁଖ୍ୟଅତିଥି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନିଜ ବକ୍ତବ୍ୟରେ କହିଥିଲେ ଯେ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ଚିନ୍ତାଜନକ। ଏହାକୁ ହ୍ରାସ ପାଇଁ ଉପଯୁକ୍ତ ପରିଚାଳନାର ଆବଶ୍ୟକତା ରହିଛି। ଅଧିକାଂଶ ମାମଲା ସରକାରଙ୍କ ବିରୋଧରେ ରହିଛି। ସେହିଭଳି ବିଭିନ୍ନ ସମୟରେ ଆବେଦନକାରୀଙ୍କ ଦାବିପତ୍ର ବିଚାର ନ ହେବା ଏକ ପ୍ରମୁଖ କାରଣ ହୋଇଛି। ଉଭୟ ଫୌଜଦାରୀ ଓ ଦେୱାନୀ ମାମଲା ସମାଧାନ ପାଇଁ ହାରାହାରି ୧୩୦୦ ଦିନ ସମୟ ଲାଗୁଥିବା ଆକଳନ କରାଯାଇଛି। ଅନେକ ମାମଲାରେ ବିଭିନ୍ନ କାରଣରୁ ବାରମ୍ବାର ଶୁଣାଣି ଘୁଞ୍ଚୁଛି। ବିଚାରପତିଙ୍କ ସଂଖ୍ୟା ଅନୁମୋଦିତ ସଂଖ୍ୟାରୁ ଢେର କମ ରହିଛି। ଏଥିପାଇଁ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ପ୍ରଭାବିତ ମଧ୍ୟ ହେଉଛି। ଏହାର ସମାଧାନ ପାଇଁ ଉଭୟ ନ୍ୟାୟପାଳିକା ଓ କାର୍ଯ୍ୟପାଳିକାର ମିଳିତ ଉତ୍ତରଦାୟିତ୍ୱ ରହିଛି ବୋଲି କହିଥିଲେ ଜଷ୍ଟିସ ଟଣ୍ଡନ। ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ହାଇକୋର୍ଟ ବାର ଆସୋସିଏସନ ସଭାପତି ମନୋଜ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ହାଇକୋର୍ଟ ବାର ସମ୍ପାଦକ ଅଭିଜିତ ପଟ୍ଟନାୟକ। ଉପସଭାପତି ଆଇନଜୀବୀ ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୦ବର୍ଷ ଓ ଅଧିକ ସମୟ ଧରି ଓକିଲାତି କରିଥିବା ବିଜୟକୃଷ୍ଣ ମହାନ୍ତି, ଭକ୍ତହରି ମହାନ୍ତି, ଗୁରୁପ୍ରସାଦ ମହାନ୍ତି, ଦୁର୍ଗାଚରଣ ମହାନ୍ତି, ବ୍ରଜସୁନ୍ଦର ଦାସ, ଜଗନ୍ନାଥ ପଟ୍ଟନାୟକ ଓ ବାସୁଦେବ ପଣ୍ଡାଙ୍କ ସମେତ ୩୪ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପଟେ, ସର୍ବଭାରତୀୟ ବିଚାରପତି ବ୍ୟାଡମିଣ୍ଟନରେ କୃତିତ୍ୱ ଅର୍ଜନ ପାଇଁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ଟ୍ରଫି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ପ୍ରଧାନ ବିଚାରପତି।




ନାମ ନ ନେଇ ମୋକିମ୍‌ଙ୍କୁ ଭକ୍ତଙ୍କ ରୋକଠୋକ ଜବାବ

# ବିଜେପି ସମ୍ପର୍କରେ ଥିବା ନେତା ସେଠାକୁ ଯାଆନ୍ତୁ

ଭୁବନେଶ୍ୱର, ୧୪ ।୧୨(ସମିସ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ପରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ପିସିସି ସଭାପତି ଭକ୍ତ ଦାସ । ମୋକିମ୍‌ଙ୍କ ନାମ ନ ନେଇ ସେ ବିଜେପି ସହ ସମ୍ପର୍କରେ ଥିବା ନେତା ବିଜେପିକୁ ଯାଆନ୍ତୁ ବୋଲି ରୋକଠୋକ୍ ଶୁଣାଇଛନ୍ତି। ସୋନିଆ ଗାନ୍ଧିଙ୍କୁ ମୋକିମ୍ ଲେଖାଥିବା ଚିଠିରେ ଖଡ଼୍‌ଗେଙ୍କ ବୟସକୁ ନେଇ ଉଠାଇଥିବା ପ୍ରଶ୍ନ ସମ୍ପର୍କରେ ମଧ୍ୟ ସେ ପ୍ରତିକ୍ରିୟା ରଖିଛନ୍ତି। ଖଡଗେଙ୍କୁ ୮୩ ବର୍ଷ ହେବା ପରେ ବି ଦଳର ସବୁ କାମରେ ତତ୍ପର ଅଛନ୍ତି। ପ୍ରଥମରୁ ଆଜି ପର୍ଯ୍ୟନ୍ତ ଦଳ ପାଇଁ ସମର୍ପଣ ଭାବ ସହ ସଂଘର୍ଷ କରି ଦଳକୁ ସୁଦୃଢ଼ କରିଛନ୍ତି। ଜଣେ ଯୁବକ ମଧ୍ୟ ତାଙ୍କ ପରି କାମ କରିପାରିବ ନାହିଁ। ଯିଏ ଏହାର ଏକ ପ୍ରତିଶତ ମଧ୍ୟ କାର୍ଯ୍ୟ କରି ନାହାନ୍ତି, ତାଙ୍କର କଣ ଅଧିକାର ଅଛି ଯେ ଏହି ବୟସରେ ମଧ୍ୟ ଦଳ ପାଇଁ ସମର୍ପିତ ବ୍ୟକ୍ତିଙ୍କ ବିଷୟରେ କହିବେ ବୋଲି ପିସିସି ସଭାପତି ପାଲଟା ପ୍ରଶ୍ନ କରିଛନ୍ତି। ଖଡଗେଙ୍କୁ ସମାଲୋଚନା କରିବା ଆଦୌ ଉଚିତ ନୁହେଁ ବୋଲି ମଧ୍ୟ ସେ କହିଛନ୍ତି। ଏହାରି ମଧ୍ୟରେ ମୋକିମଙ୍କ ବିରୋଧରେ ଦଳ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ ପିସିସି ସଭାପତି ଭକ୍ତ ଦାସଙ୍କୁ ସିଧା ସମାଲୋଚନା କରିବା ସହ ମୋକିମ୍ ଏଆଇସିସି ସଭାପତି ଖଡଗେଙ୍କ ବୟସକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏ ସଂକ୍ରାନ୍ତରେ ସେ ସୋନିଆ ଗାନ୍ଧିଙ୍କୁ ଚିଠି ଲେଖିଥିଲେ ଓ ପ୍ରିୟଙ୍କାଙ୍କୁ ଦଳର ଦାୟିତ୍ୱ ଦେବାକୁ ଅନୁରୋଧ କରିଥିଲେ। ଖାଲି ଚିଠି ନୁହେଁ ଗଣମାଧ୍ୟମରେ ବି ସମାନ କଥାକୁ ଦୋହରାଇଥିଲେ। ଯାହାକୁ ନେଇ ଭକ୍ତ ଓ ମୋକିମଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି।



ରଗଡ଼ି ପଲିଟେକ୍ନିକ୍ କଲେଜରେ ଅଘଟଣ

# ହଷ୍ଟେଲ ଶୌଚାଳୟରେ ଛାତ୍ରଙ୍କ ଆତ୍ମହତ୍ୟା

କୋରେଇ,୧୪।୧୨(ସମିସ): ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ରଗଡ଼ିସ୍ଥିତ ସରକାରୀ ପଲିଟେକ୍ନିକ୍ କଲେଜରେ ଆଜି ଜଣେ ଛାତ୍ର ଶୌଚାଳୟରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନି।



ଖବର ମୁତାବକ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗ୍ରାମର ଅଶୋକ ଆଚାର୍ଯ୍ୟଙ୍କ ଜ୍ୟେଷ୍ଠ ପୁତ୍ର ଶୁଭଙ୍କର ଆଚାର୍ଯ୍ୟ (୧୮) ଏହି କଲେଜରେ ପଢୁଥିବା ବେଳେ ସେ ହଷ୍ଟେଲରେ ରହୁଥିଲେ। ତେବେ ଆଜି ସକାଳେ ତାଙ୍କ ମୃତଦେହ ହଷ୍ଟେଲ ଶୌଚାଳୟରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବର ପାଇ ସାଇଣ୍ଟିଫିକ ଟିମ୍, କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ, ଏସ୍‌ଆଇ ବିଶ୍ୱଜିତ ବିଶ୍ୱାଳ ଓ ବାସୁଦେବ ପରିଡ଼ା ପ୍ରମୁଖ ପହଞ୍ଚି ମାଜିଷ୍ଟ୍ରେଟ ପ୍ରଶାନ୍ତ କୁମାର ପୁହାଣଙ୍କ ଉପସ୍ଥିତରେ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ। ମୃତ ଶୁଭଙ୍କର ପ୍ରଥମ ବର୍ଷ ମେଟାଲୋଜିର ଛାତ୍ର। ସେ କ'ଣ ପାଇଁ ଏପରି ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ତେବେ ଅଭିଯୋଗ ଅନୁଯାୟୀ କିଛି ଲୋକ କିମ୍ବା ଛାତ୍ର କିମ୍ବା କଲେଜ କର୍ତ୍ତୃପକ୍ଷ ଏହି ଆତ୍ମହତ୍ୟାର କାରଣ ହୋଇପାରନ୍ତି ବୋଲି କୋରେଇ ଥାନାରେ ମୃତକର ବଡ଼ବାପା କଳାକର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡିବ ବୋଲି କୋରେଇ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

ପରିତାପର ବିଷୟ ସେ ଆତ୍ମହତ୍ୟା କରିଥିବା ଦିନ ୧ଟା ୩୦ମିନିଟରେ କଲେଜ କର୍ତ୍ତୃପକ୍ଷ ଦେଖିଥିବା କହୁଥିବା ବେଳେ ମୃତକର ଆତ୍ମୀୟସ୍ୱଜନ ଗତରାତ୍ରିରେ ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦିନରୁ ଜଣାପଡ଼ିଥିଲେ ମଧ୍ୟ କଲେଜ ଅଧ୍ୟକ୍ଷ ଓ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ରବିବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ କଲେଜକୁ ନ ଆସିବା, ମୃତ୍ୟୁ ଖବର ପରିବାର ବର୍ଗଙ୍କୁ ନ ଜଣାଇବା ଆଦି ବିଭିନ୍ନ ବିଷୟକୁ ନେଇ ମୃତ ଛାତ୍ରର ଅଭିଭାବକଙ୍କ ମନରେ ନାନା ସନ୍ଦେହ ସୃଷ୍ଟି ହେବା ସହ କ୍ଷୋଭ ପ୍ରକାଶ ପାଇଛି।

ଧର୍ମଶାଳାରେ ରାଜନୈତିକ ଗୋଷ୍ଠୀ ସଂଘର୍ଷ

# ବିଜେଡି କର୍ମୀଙ୍କ ଉପରେ ବିଜେପି ଗୁଣ୍ଡାଙ୍କ ସଂଘବଦ୍ଧ ଆକ୍ରମଣ

ଜେନାପୁର,୧୪।୧୨(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୁଣି ରାଜନୈତିକ ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଛି। ଶାସକ ବିଜେପି ଦଳର ଗୁଣ୍ଡାମାନଙ୍କ ଦ୍ୱାରା ବିଜେଡି କର୍ମୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଜଣାପଡିଛି। ଏ ନେଇ କୌଣସି ପକ୍ଷ ଥାନାର ଦ୍ୱାରସ୍ଥ ହୋଇନାହାନ୍ତି।

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରି ଗ୍ରାମ ନିକଟରେ ଅବସ୍ଥିତ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ବିଜେଡି ସାମାଜିକ ଗଣମାଧ୍ୟମ ପ୍ରତିନିଧି ଗୀତାଞ୍ଜଳି ସାମଲଙ୍କ ଜନ୍ମଦିନ ପାଳନ ପାଇଁ ଭୋଜିଭାତ ଆୟୋଜନ କରାଯାଇଥିଲା। ଏହି ସମୟରେ ବିଜେପି କର୍ମୀମାନେ ଜୋର ଜବରଦସ୍ତ ସେଠାରେ ପଶି ଭଙ୍ଗାରୁଜା କରିବା ସହିତ ବିଜୁ ଜନତା ଦଳର ସାମାଜିକ ଗଣମାଧ୍ୟମର ମହିଳା ଏବଂ ଯୁବ କର୍ମକର୍ତ୍ତାଙ୍କୁ ମାଡ଼ ମାରିଥିଲେ। ଭୋଜିରେ ଖାଦ୍ୟ ପ୍ରସ୍ତୁତ କରି ଖାଇବା ପାଇଁ ବସିଥିବା ବେଳେ କିଛି ଅସାମାଜିକ ଯୁବକ ପଶି ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ବିଜୁ ଜନତା ଦଳର ପିଲାମାନେ ବିରୋଧ କରିଥିଲେ। ଏହାକୁ ନେଇ ବିଜେପି କର୍ମୀମାନେ ପୂର୍ବତନ ବିଧାୟକଙ୍କ ଆସବାପତ୍ରକୁ ଭଙ୍ଗାରୁଜା କରିବା ସହିତ ସେଠାରେ ଥିବା ଦୁଇ ତିନୋଟି ଗାଡ଼ି ଭାଙ୍ଗି ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଜେନାପୁର ପୁଲିସ ପହଞ୍ଚି ଆହତମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚାରିଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଛି।




# ପରିଚୟ ଖୋଜୁଛି ରାଣୀପୁର ଝରିଆଲ

- ପ୍ରାଚୀନ ଶିଳା ଚଉଷଠି ଯୋଗିନୀ
- ସୋମେଶ୍ୱର ମନ୍ଦିର ପାଇଁ ପ୍ରସିଦ୍ଧ
- ତନ୍ତ୍ରବିଦ୍ୟାର ପ୍ରାଚୀନ ବିଶ୍ୱବିଦ୍ୟାଳୟ
- ପ୍ରତ୍ନତତ୍ୱ ବିଭାଗ ହାତରେ ରକ୍ଷଣାବେକ୍ଷଣ ବ୍ୟବସ୍ଥା
- ଉଡୁଛି ଛିଣ୍ଡା ଜାତୀୟ ପତାକା
- ପର୍ଯ୍ୟଟକ ପାଇଁ ପ୍ରାଥମିକ ସୁବିଧା ନାହିଁ

ବଲାଙ୍ଗିର,୧୪ ।୧୨(ସମିସ): ପରିଚୟ ଖୋଜୁଛି ଜାତୀୟ ଐତିହ୍ୟ ମାନ୍ୟତା ପାଇଥିବା ବଲାଙ୍ଗିର ରାଣୀପୁର ଝରିଆଲ ପର୍ଯ୍ୟଟନ ସ୍ଥଳ। ପର୍ଯ୍ୟଟନ କ୍ଷେତ୍ର ବିକାଶର ଅନେକ ସୁଯୋଗ ଥିବା ସତ୍ତ୍ୱେ ଏହି ପୀଠକୁ କେନ୍ଦ୍ର ସରକାର ଯେଉଁଭଳି ଭାବେ ଦୃଷ୍ଟି ଦେବା କଥା ଦେଇ ନ ଥିବା ଅଭିଯୋଗ ହୋଇଛି। ପ୍ରାଚୀନ ଐତିହ୍ୟ, ଶହ ଶହ ବର୍ଷ ଇତିହାସ, ତନ୍ତ୍ର ସାଧନାର ଇତିହାସକୁ ସାଉଁଟି ରଖିଥିବା ଏହି ପୀଠକୁ ସଂପୂର୍ଣ୍ଣ ଭାବେ ଅବହେଳା ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଛି। ପାହାଡ ଉପରେ ଜାତୀୟ ପତାକା ଉଡୁଛି ସତ; କିନ୍ତୁ ତାହା ଚିରି ଯାଇଛି। ପର୍ଯ୍ୟଟକଙ୍କ ପାଇଁ ବସିବା, ରହିବା କିମ୍ବା ପାନୀୟ ଜଳ ବୁନ୍ଦାଏ ପାଇଁ କୌଣସି ବ୍ୟବସ୍ଥା ନାହିଁ। ହାତ ଗଣତି କିଛି ସୁରକ୍ଷା କର୍ମୀ ଓ ଲାଇଟ ଲଗାଇ ସରକାର ନିଜ କାମ ସାରିଦେଇଛନ୍ତି। ସବୁଠାରୁ ଆର୍ଶ୍ଚର୍ଯ୍ୟର ବିଷୟ ହେଉଛି ଏହାର ବିକାଶ ପାଇଁ ଜନ ପ୍ରତିନିଧିମାନେ ମଧ୍ୟ ଦାବି କରୁନାହାନ୍ତି।

ରାଜ୍ୟରେ ଥିବା ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରୁ ବଲାଙ୍ଗିର ଜିଲ୍ଲାରେ ଥିବା ରାଣୀପୁର ଝରିଆଲ ପର୍ଯଟନ କ୍ଷେତ୍ର ଅନ୍ୟତମ। ଏହା କେବଳ ଏକ ପର୍ଯ୍ୟଟନସ୍ଥଳ ନୁହଁ; ଏହା ସମୃଦ୍ଧ ଓଡିଶାର ଏକ ଭବ୍ୟ ଇତିହାସର ମୁକସାକ୍ଷୀ। ଏହି ପୀଠରେ ତନ୍ତ୍ର, ଶୈବ, ଶାକ୍ତ, ବୌଦ୍ଧ ଓ ବୈଷ୍ଣବ ଧର୍ମର ସମନ୍ୱୟ ରହିଥିବାରୁ ଏହାର ନାମ ସୋମତୀର୍ଥ ମଧ୍ୟ ରଖାଯାଇଛି। ଏହା ଏକ ଧର୍ମ ସମନ୍ୱୟର ପୀଠ ହୋଇଥିବା ବେଳେ ଏହାର ଇତିହାସ ମଧ୍ୟ ବେଶ ପ୍ରାଚୁର୍ଯ୍ୟମୟ। ଐତିହାସିକମାନଙ୍କ ମତରେ ଅଷ୍ଟମରୁ ନବମ ଶତାବ୍ଦୀ ମଧ୍ୟରେ ସୋମବଂଶ ରାଜାମାନଙ୍କ ଦ୍ୱାରା ରାଣୀପୁର ଝରିଆଲରେ ସୋମେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ନିର୍ମାନ ଶୈଳୀ ଅନ୍ୟ ମନ୍ଦିର ନିର୍ମାଣ ଶୈଳୀରୁ ଭିନ୍ନ ରହିଛି। ସେହିପରି ଏକଦା ଏହି ପୀଠ ତନ୍ତ୍ର ବିଦ୍ୟାର ବିଶ୍ୱବିଦ୍ୟାଳୟ ରହିଥିଲା। ଓଡିଶା ତଥା ଅନ୍ୟ ରାଜ୍ୟରୁ ତନ୍ତ୍ର ସାଧକମାନେ ଏଠାକୁ ତନ୍ତ୍ର ସାଧନା ପାଇଁ ଆସୁଥିବା ଐତିହାସିକମାନେ ମତ ରଖିଛନ୍ତି। ତେବେ ଏହି ପୀଠର ମୁଖ୍ୟ ଆକର୍ଷଣ ହେଉଛି ପ୍ରାଚୀନ ଶିଳା ମନ୍ଦିର। ଭାରତରେ ଥିବା ୪ଟି ଛାତ ବିହୀନ ଗୋଲାକାର ଯୋଗିନୀ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ। ଏହାର କେନ୍ଦ୍ରରେ ଷଡଭୂଜ ଓ ତ୍ରିମୁଖ ବିଶିଷ୍ଟ ନୃତ୍ୟ ଭଙ୍ଗିରେ ଭଗବାନ ଶିବଙ୍କ ପ୍ରତିମୂର୍ତ୍ତି ରହିଥିବା ବେଳେ ଚାରିଆଡେ ମନ୍ଦିର କାନ୍ଥରେ ୬୪ ଜଣ ଯୋଗିନୀଙ୍କ ମୂର୍ତ୍ତି ରହିଛି। ଏହାଫଳରେ ଏହି ମନ୍ଦିରର ନାମ ଚଉଷଠି ଯୋଗନୀ ମନ୍ଦିର ଭାବେ ପରିଚୟ ରହିଛି। ଏହା ତନ୍ତ୍ର ସାଧନାର ଏକ ପ୍ରମାଣ। ସେହିପରି ସୋମେଶ୍ୱର ମନ୍ଦିର ଚଉଷଠି ଯୋଗିନୀ ମନ୍ଦିର ନିକଟରେ ରହିଥିବା ବେଳେ ବିରାଟ ଶିଳାଖଣ୍ଡ ଉପରେ ପ୍ରାୟ ୫୦ରୁ ଅଧିକ ପ୍ରାଚୀନ ଶିଳା ମନ୍ଦିର ରହିଛି। ଏହି ମନ୍ଦିରଠାରୁ ମାତ୍ର କିଛି ଦୂରରେ ରହିଛି ୬୦ ଫୁଟ ଉଚ୍ଚତା ବିଶିଷ୍ଟ ଇନ୍ଦ୍ରଲାଠ ମନ୍ଦିର। ରାଜ୍ୟରେ ଥିବା ଉଚ୍ଚ ଇଟା ତିଆରି ମନ୍ଦିର ମଧ୍ୟରୁ ଏହା ଅନ୍ୟତମ। ପ୍ରଥମେ ଏହା ବିଷ୍ଣୁ ମନ୍ଦିର ଥିବା ବେଳେ ପରେ ପରେ ଏହାକୁ ଶିବ ମନ୍ଦିରରେ ପରିଣତ କରାଯାଇଥିବା ବିଶ୍ୱାସ ରହିଛି। ତେବେ ସମୃଦ୍ଧ ପ୍ରାଚୀନ ଭାରତର ଐତିହ୍ୟର ମୁକସାକ୍ଷୀ ଥିବା ଏହି ପର୍ଯ୍ୟଟନ କ୍ଷେତ୍ର ଆଜି ପରିଚୟ ଖୋଜୁଛି। ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଛନ୍ତି ସତ; କିନ୍ତୁ ଏଠାରୁ ଗଲା ପରେ ଦ୍ୱିତୀୟ ଥର ଆସିବାକୁ ଆଉ ଇଚ୍ଛା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ପର୍ଯ୍ୟଟକଙ୍କ ପାଇଁ ଏଠାରେ ପ୍ରାଥମିକ ସୁବିଧା ବା ବ୍ୟବସ୍ଥା ମଧ୍ୟ ନାହିଁ। ପିଇବା ପାଣି ବ୍ୟବସ୍ଥା ନାହିଁ କି ବସିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଶୌଚାଳୟ ମଧ୍ୟ ନାହିଁ। ଅବଶ୍ୟ ଏକ ବନ୍ଦ ଗେଷ୍ଟ ହାଉସ ରହିଛି। କିଛି ହାତ ଗଣତି ସୁରକ୍ଷା କର୍ମୀ ରହିଛନ୍ତି। କିଛି ଲାଇଟ୍ ଲାଗିଛି। ଏକ ସୁଉଚ୍ଚ ଜାତୀୟ ପତାକା ରହିଛି। ଆଉ କିଛି ପଥରରେ ତିଆରି ପିଣ୍ଡି ରହିଛି। କିଛି ପରିମାଣର ଟାଇଲ ଓ ରେଲିଂ କାମକୁ ଛାଡିଦେଲେ ଆଉ କୌଣସି ଉନ୍ନତିମୂଳକ କାମ କରାଯାଇନାହିଁ। ଜାତୀୟ ପତାକା ପୁରୁଣା ହୋଇ ତାହା ଚିରି ଯାଇଛି। ଚଉଷଠି ଯୋଗିନୀ ମନ୍ଦିର ବାହାରେ ବିଭିନ୍ନ ପ୍ରକାର ଆବର୍ଜନା ପଡିରହିଛି। ସେହିପରି ଇନ୍ଦ୍ରଲାଠ ମନ୍ଦିର ପରିସର ଅନାବନା ଘାସରେ ଭର୍ତ୍ତି ହୋଇଛି। ପାନୀୟ ଜଳ ପ୍ରକଳ୍ପ ଭାଙ୍ଗି ବର୍ଷ ବର୍ଷ ହେଲା ବନ୍ଦ ପଡିଛି। ଏମିତିରେ ପର୍ଯ୍ୟଟନ ବିକାଶର କଥା କହୁଥିବା ଡବଲ ଇଞ୍ଜିନ ସରକାର ଏହି ପର୍ଯ୍ୟଟନ ସ୍ଥଳକୁ କେମିତି ଅବହେଳା ପ୍ରଦର୍ଶନ କରିଛନ୍ତି ତାହା ସ୍ପଷ୍ଟ ହୋଇଛି। ୨୦୧୭ ମସିହାରେ ଜାତୀୟ ଐତିହ୍ୟ ମାନ୍ୟତା ପାଇଥିବା ଏହି ପୀଠର ରକ୍ଷଣା ବେକ୍ଷଣ ଦାୟିତ୍ୱ ବର୍ତ୍ତମାନ ପ୍ରତ୍ନତତ୍ୱ ବିଭାଗ ଅଧୀନରେ ରହିଛି; ଯାହାକି କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ବିଜେପି ଦଳର; ହେଲେ ଏହି ପର୍ଯ୍ୟଟନ ସ୍ଥଳର ବିକାଶ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଦେଖିବାକୁ ମିଳୁନି।




# ଉଦ୍ଧାର ହାତୀଛୁଆ ନନ୍ଦନକାନନ ଗଲା



କେନ୍ଦୁଝର,୧୪।୧୨(ସମିସ): କିଛିଦିନ କେନ୍ଦୁଝର ବନଖଣ୍ଡ ତଳେ ଭୂୟାଁ ଜୁଆଙ୍ଗ ପିଢ଼ ଶୁକଡଲା ଅଞ୍ଚଳରୁ ଉଦ୍ଧାର ହୋଇଥିବା ଗୋଠଛଡ଼ା ହାତୀଛୁଆକୁ ଶେଷରେ ରବିବାର ନନ୍ଦନକାନନକୁ ପଠାଯାଇଛି। ସାଙ୍ଗରେ ସ୍ୱତନ୍ତ୍ର ଡାକ୍ତରୀ ଟିମ ଯାଇଥିବା କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ସୂଚନା ଦେଇଛନ୍ତି। ୧୨ଦିନ ତଳେ ଭୂୟାଁ ଜୁଆଙ୍ଗ ପିଢ ଶୁକଡଲା ଗାଁ ନିକଟରେ ଗୋଠରୁ ଅଲଗା ହୋଇ ଏକ ହାତୀଛୁଆ ଥିବା ବନ ବିଭାଗକୁ ସୂଚନା ମିଳିଥିଲା। ବନ ବିଭାଗ ଘଟଣାସ୍ଥଳକୁ ଯାଇ ହାତୀ ପଲରେ କିପରି ଛୁଆଟି ମିଶିବ ତାକୁ ନଜରରେ ରଖିଥିଲା। ହେଲ ହାତୀପଲ ଛୁଆଟିକୁ ନେଇ ନଥିଲେ। ବନବିଭାଗର ନିୟମ ଆଧାରରେ ଶେଷରେ ପଦ୍ମପୁରସ୍ଥିତ ଥଇଥାନ କେନ୍ଦ୍ରକୁ ଆଣି ରଖାଯାଇଥିଲା। ମୁଖ୍ୟ ବନ ସଂରକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରବିବାର ଉଦ୍ଧାର ହାତୀ ଛୁଆକୁ ନନ୍ଦନକାନନ ସ୍ଥିତ ହାତୀ ଯତ୍ନ କେନ୍ଦ୍ରକୁ ପଠାଇ ଦିଆଯାଇଛି। ହାତୀଟିକୁ ବନ ବିଭାଗର ସ୍ୱତନ୍ତ୍ର ଯାନରେ ସେଠାକୁ ନିଆଯାଇଛି। ସାଙ୍ଗରେ ବନ ବିଭାଗର ରକ୍ଷକ ଗାଡ଼ି ଥିବାବେଳେ ହାତୀଛୁଆକୁ ଯତ୍ନର ସହିତ ନାନ୍ଦନକାନନ ନେବା ନିମନ୍ତେ ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜର ନୟନକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ପଶୁ ଡାକ୍ତରୀ ଟିମ ଯାଇଥିବା ଡ଼ିଏଫଓ କହିଛନ୍ତି।

# କ୍ଷତାକ୍ତ ହାତୀ ବଞ୍ଚିବା ଆଶା କମ୍

- ବିସ୍ଫୋରକ ଖାଦ୍ୟ ପାଇଁ ଜିଭ ଓ ପାଟି ପୋଡ଼ି ପଚିଗଲାଣି
- ହାତୀ-ମଣିଷ ଲଢ଼େଇ ଘଟଣା ବୃଦ୍ଧି ଚିନ୍ତାଜନକ
- କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ: ଆର୍‌ସିସିଏଫ୍

ବାରିପଦା,୧୪।୧୨(ସମିସ): ବନ ବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ ପରେ ଚିକିତ୍ସା ପାଇଁ ଦୁଇଦିନ ତଳେ ଉଦ୍ଧାର କ୍ଷତାକ୍ତ ମାଇହାତୀର ବଞ୍ଚିବା ଆଶା କ୍ଷୀଣ ବୋଲି ଜଣାପଡିଛି। ୭/୮ ବର୍ଷର ହାତୀକୁ ବର୍ତ୍ତମାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ବନଖଣ୍ଡ ତାଳବନ୍ଧ ରେଞ୍ଜ ନିକଟ କାନଛିଣ୍ଡାରେ ରଖି ଚିକିତ୍ସା କରାଯାଉଛି। ଡାକ୍ତରୀ ଦଳ ହାତୀକୁ ସୁସ୍ଥ କରିବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ପାଟିରେ ବିସ୍ଫୋରଣ ଘଟି ହାତୀର ପାଟି କ୍ଷତାକ୍ତ ଓ ଜିଭ କଟିଯାଇଥିବାବେଳେ ତାଲୁପା ପୋଡ଼ିଯାଇ ପଚିଯିବା ପରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଫଳରେ ଘଟଣା ଦିନରୁ ହାତୀଟି ଅନାହାର ଓ ସଂକ୍ରମଣ ବୃଦ୍ଧି ଯୋଗୁଁ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି। ମନୁଷ୍ୟକୃତ ଅମାନୁଷିକ ଆକ୍ରମଣକୁ ନେଇ ପରିବେଶବିତ୍ ତଥା ମୟୂରଭଞ୍ଜ ଜନସାଧାରଣ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପାଇଛି। ପୂର୍ବରୁ ହାତୀ ଉପରେ କ୍ରୋଧ ସାଧିବା ପାଇଁ ପଡୋଶୀ ରାଜ୍ୟରେ ଏଭଳି ଘଟଣାକୁ ସମଗ୍ର ବିଶ୍ୱ ନିନ୍ଦା କରିଥିବାବେଳେ ଏପରି ଘଟଣା ଓଡିଶାରେ ପ୍ରଥମ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।


୨୦୨୦ ମଇ ମାସରେ କେରଳ ରାଜ୍ୟ ପଲକ୍କଡ ଜିଲ୍ଲାରେ ସପୁରୀ ମଧ୍ୟରେ ବିସ୍ଫୋରକ ଦେଇ ଏକ ୧୫ ବର୍ଷୀୟ ଗର୍ଭବତୀ ମାଇହାତୀର ମୃତ୍ୟୁ ଘଟଣା ଭଳି ଓଡ଼ିଶାରେ ଦୋହରାଇଛି। ବାରିପଦା ସର୍କଲ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀଙ୍କ କହିବାନୁଯାୟୀ, ହାତୀର ଜିଭଟି ଏକ ତୃତୀୟାଂଶ ଛିଡି ଯାଇଥିବାବେଳେ ସଂକ୍ରମଣ ବୃଦ୍ଧି ପାଇଛି। ଡାକ୍ତରୀ ଟିମ୍ ହାତୀର ଚିକିତ୍ସା ଜାରି ରଖିଛନ୍ତି। କିଭଳି ଭାବେ ହାତୀର ଏଭଳି ଅବସ୍ଥା ହୋଇଛି ତାହାକୁ ନେଇ ଡାକ୍ତରୀ ଟିମ ପକ୍ଷରୁ କୌଣସି ରିପୋର୍ଟ ପ୍ରଦାନ କରାଯାଇନାହିଁ। ତେବେ ହାତୀର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ବିସ୍ଫୋରଣଜନିତ ଘଟଣା ହୋଇଥିଲେ ଏହାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଝାଡ଼ଖଣ୍ଡ ଏକ ୨୭ଟିକିଆ ହାତୀପଲ ପଶ୍ଚିମବଙ୍ଗ ହୋଇ ମୟୂରଭଞ୍ଜରେ ପ୍ରବେଶ କରି ବୁଢାବଳଙ୍ଗ ନଦୀ ପାର ହୋଇ ନୀଳଗିରି ଅଭିମୁଖେ ୮ ଦିନ ପୂର୍ବରୁ ଯାଇଥିଲେ। ସେଠାରୁ ଡିସେମ୍ବର ୧୧ରେ ହାତୀପଲ ଫେରିଥିବାବେଳେ ୨ଟି ହାତୀ ୧୨ ତାରିଖରେ ବେତନଟୀ ରେଞ୍ଜ ଚୁଆପଦା ଜଙ୍ଗଲରେ ପହଞ୍ଚିଥିଲେ। ସେଥିମଧ୍ୟରୁ ଏହି ମାଇହାତୀର ମୁହଁରେ ଗଭୀର କ୍ଷତ ଦେଖାଯାଇଥିଲା। ପାଟିରୁ ରକ୍ତ ଝରୁଥିବାବେଳେ ଚୋଟିରେ ଗଭୀର କ୍ଷତ ସୃଷ୍ଟି ହୋଇ ଦୁର୍ଗନ୍ଧ ହେଉଥିଲା। ଏପରିକି ହାତୀଟି ଖାଦ୍ୟ ଗ୍ରହଣ କରି ନ ପାରି ଏଣେତେଣେ ଦୌଡି ବୁଲୁଥିଲା। ଯାହାକୁ ନେଇ ବନବିଭାଗ ଅଧିକାରୀ, କର୍ମଚାରୀ ଓ ଡାକ୍ତରୀ ଟିମ୍ ପହଞ୍ଚି ଟ୍ରାଙ୍କୁଲାଇଜ ପରେ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ। ଖାଦ୍ୟରେ ବିସ୍ଫୋରକ ପଦାର୍ଥ ରଖି କେହି ଅମାନୁଷିକ କାର୍ଯ୍ୟ କରିବା ଫଳରେ ଏଭଳି ଅବସ୍ଥା ହୋଇଛି ବୋଲି ପରିବେଶବିତ୍ ଅନୁମାନ କରିଛନ୍ତି। ପାଚିଲା ଧାନକ୍ଷେତ ନଷ୍ଟରେ କେହି କ୍ରୋଧବଶତଃ ଏପରି କାଣ୍ଡ ଭିଆଇଛନ୍ତି ବା ବାରହାକୁ ଶିକାର କିମ୍ବା ଭୟଭୀତ କରିବା ପାଇଁ ବିଶେଷତଃ ଚାଷୀମାନେ ପନିପରିବା କିମ୍ବା ଫଳ ଜାତୀୟ ଖାଦ୍ୟରେ ବିସ୍ଫୋରକ ଭର୍ତ୍ତି କରି ବ୍ୟବହାର ସମୟରେ ହାତୀ ଖାଇ ଗୁରୁତର ହୋଇଛି ତାହା ତଦନ୍ତ ସାପେକ୍ଷ। ନୀଳଗିରି ଯିବା ସମୟରେ ହାତୀ ସୁସ୍ଥ ଥିଲା। ଫେରିବା ସମୟରେ ଏହା ଜଣାପଡିଥିବାରୁ ଏ ଅଘଟଣ ନୀଳଗିରି ଅଞ୍ଚଳରେ ଘଟିଥିବା ଆଶା କରାଯାଉଛି। ଏଭଳି ଅମାନବୀୟ ଘଟଣା ହାତୀ ମଣିଷ ଲଢେଇ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ଏହା ଏକ ଜଘନ୍ୟ ଅପରାଧ। ଏଭଳି ନୃଶଂସ କାର୍ଯ୍ୟ କୌଣସି ସାଧାରଣ ମସ୍ତିଷ୍କର ଲୋକ କରି ନ ପାରେ। ଏଭଳି ଅଭିଯୁକ୍ତଙ୍କୁ ହତ୍ୟା ଭଳି ଆଇନରେ ଦଣ୍ଡିତ କରାଯିବା ଉଚିତ। ବର୍ତ୍ତମାନ ହାତୀର ସୁରକ୍ଷା ପାଇଁ ବିଭାଗର କାର୍ଯ୍ୟ ଧର୍ମକୁ ଆଖିଠାର ଭଳି ଚାଲିଛି। ଅଳ୍ପଦିନ ପୂର୍ବରୁ ଦନ୍ତହାତୀ ରାଫେଲର ମୃତ୍ୟୁ ଟ୍ରେନ ଧକ୍କାରେ ହେବା ଘଟଣା ବନବିଭାଗର ପାରିବାପଣିଆକୁ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



ସକାଳ
THE SAKALA



# ସ୍ମୃତିଚାରଣ ସଭା ଓ ସ୍ମୃତି ପୁସ୍ତିକା ଲୋକାର୍ପିତ



ଭଦ୍ରକ,୧୪ ।୧୨(ସମିସ): ଚରମ୍ପା ତେନ୍ତୁଳିଗଡ଼ିଆ ଗ୍ରାମର ସମାଜସେବୀ ଭାସ୍କର ଲେଙ୍କାଙ୍କ ପତ୍ନୀ ସମାଜସେବିକା ଲକ୍ଷ୍ମୀପ୍ରିୟା ଲେଙ୍କାଙ୍କ ଏକାଦଶାହରେ ତାଙ୍କ ବାସଭବନରେ ପ୍ରଫେସର କ୍ଷୀରୋଦ ସାମଲଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ସ୍ମୃତି ପୁସ୍ତିକା "ଧାରେ ଲୁହ'କୁ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଲୋକାର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଫେସର୍ ଅଟଳବିହାରୀ ନାୟକ, ପ୍ରଫେସର ଶଶଧର ଦାସ , ସମାଜସେବୀ ଅଜୟ ନାୟକ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ମାଆର ବିକଳ୍ପ ନାହିଁ । ମାଆର ଖାଲି ହାତ ଖୋଲାରହିଛି । ମାତୃ ଋଣ ପରିଶୋଧକାରୀ ବ୍ୟକ୍ତି ବିଶ୍ୱରେ ବିରଳ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମାଆ ଶୀର୍ଷକ କବିତା ପାଠୋତ୍ସବରେ ଶତାଧିକ କବି କବିତା ପାଠ କରିଥିଲେ । ସଂଯୁକ୍ତା ବଳନାୟକ, ଋତୁରାଜ ଅକ୍ଷୟ, ଅଗଣି ଜେନା, ଶିକ୍ଷାବିତ୍ ପୁଷ୍ପରାଣୀ ଲେଙ୍କା, ଡ. ମନୀଷା ମେଘ ପୁଷ୍ପା ସାମଲ, ଅଶୋକ ଲେଙ୍କା, ପୂର୍ବତନ ବିଧାୟକ ନରେନ ପଲାଇ, ଗୋପୀନାଥ ନାୟକ, ଅରୂପାନନ୍ଦ ନାୟକ, ଦେବସ୍ମିତା ମିଶ୍ର ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଅକ୍ଷୟ ଲେଙ୍କା କୃତଜ୍ଞତା ଜ୍ଞାପନ କରିଥିଲେ । କଳ୍ପନା ଲେଙ୍କା, ଜ୍ୟୋତ୍ସ୍ନା ଲେଙ୍କା, ରାଜାରାଣୀ ଲେଙ୍କା, ଅସିତ ଲେଙ୍କା, ଅପୂର୍ବ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାବରଙ୍ଗର କନକଦୁର୍ଗା ଦଧି ନାଟ୍ୟ ଦଳ ନାଟକ "ହରିଶ୍ଚନ୍ଦ୍ର' ମଞ୍ଚସ୍ଥ କରିଥିଲେ ।

# ପୁଲିସ ଦ୍ୱାରା ଉଦ୍ଧାର ମହିଳାଙ୍କୁ ଆଶ୍ରୟ ଦେଲାନାହିଁ ମିଶନ ଆଶ୍ରା

ସୁକିନ୍ଦା, ୧୪।୧୨(ସମିସ): କଳିଙ୍ଗନଗର ପୁଲିସ ଉଦ୍ଧାର କରିଥିବା ଜଣେ ନିରାଶ୍ରୟ ମହିଳାଙ୍କୁ ଆଶ୍ରୟ ଦେବାକୁ ଖୋଲାଖୋଲି ମନା କରିଦେଲା ମିଶନ ଆଶ୍ରା । ଫଳରେ ଶୀତ ରାତିରେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଲା କଳିଙ୍ଗନଗର ପୁଲିସ । ଘଟଣାରୁ ପ୍ରକାଶ ଗତ ଶନିବାର ବିଳମ୍ବିତ ରାତିରେ କଳିଙ୍ଗନଗର ପୁଲିସ ନାଇଟ ପେଟ୍ରୋଲିଂ କରୁଥିବା ସମୟରେ ଡୁବୁରୀ ଛକରେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳର ଜଣେ ନିରାଶ୍ରୟ ମହିଳା ଥଣ୍ଡା ପ୍ରକୋପରୁ ଭୀଷଣ କଷ୍ଟ ପାଉଥିବା ଦେଖି ତାଙ୍କୁ ଉଦ୍ଧାର କରି ସୁକିନ୍ଦା ସ୍ଥିତ ମିଶନ ଆଶ୍ରାକୁ ନେଇଥିଲେ । ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ପୁଲିସ ସଂପୃକ୍ତ ମହିଳାଙ୍କୁ ରାତିରେ ରହିବା ପାଇଁ ମିଶନ ଆଶ୍ରାକୁ ନେଇଥିଲେ । ସେଠାରେ କାର୍ଯ୍ୟରତ ମହିଳା କର୍ମଚାରୀ ମାନେ ସେହି ଅସହାୟ ମହିଳାଙ୍କୁ ଗ୍ରହଣ କରିବାତ ଦୂରର କଥା ପୁଲିସକୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ । କଳିଙ୍ଗନଗର ପୁଲିସ ମିଶନ ଆଶ୍ରାର କର୍ମଚାରୀଙ୍କୁ ନିଜର ପରିଚୟ ପ୍ରକାଶ କରିବା ସହ ସେମାନଙ୍କ ସହ ଜଣେ ମହିଳା ପୁଲିସ ମଧ୍ୟ ମିଶନ ଆଶ୍ରା କର୍ମଚାରୀଙ୍କ ସହ କଥା ହୋଇଥିଲେ । ଦୀର୍ଘ ସମୟ ଧରି ଶୀତ ରାତିରେ ଅପେକ୍ଷା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଶେଷରେ ନିରାଶ ହୋଇ ମହିଳାଙ୍କୁ ନେଇ ଫେରିଥିବା ଘଟଣା ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି ।

# 'ଆସ ସ୍କୁଲ ଯିବା' ଅଭିଯାନରେ ଶିକ୍ଷା ସଭା



ଭଦ୍ରକ,୧୪ ।୧୨(ସମିସ): ଚାନ୍ଦବାଲି ବ୍ଲକ ଖେରଙ୍ଗ, ନାଲଗୁଣ୍ଡା ପଞ୍ଚାୟତକୁ ନେଇ ଗଠିତ ପଚ୍ଚପଡା ସାଧନକେନ୍ଦ୍ରରେ "ଆସ ସ୍କୁଲ ଯିବା ଅଭିଯାନ'ରେ "ଶିକ୍ଷାସଭା' ପଚ୍ଚପଡ଼ା ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସରପଞ୍ଚ ଭାରତୀ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସମାଜସେବୀ ରମେଶ ଦାସ, ସମ୍ମାନିତ ଅତିଥିଭାବେ ପିଇଓ ସୁଶ୍ରୀ ମାମା ମିଶ୍ର, ଗ୍ରାମ୍ୟ କୃଷି ଅଧିକାରୀ ଅଭୟ ସାହୁ ଏବଂ ଆସ ସ୍କୁଲ ଯିବା କମିଟିର ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିଲେ । ଆଭିମୁଖ୍ୟ ଉପରେ ସିଆରସିସି ସୁଶାନ୍ତ ପଣ୍ଡା ଆଲୋପାତ କରିଥିଲେ । ୪ଜଣ ଛାତ୍ରଛାତ୍ରୀ ପୁନଃ ନାମ ଲେଖାଇଥିବାରୁ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଉ ୪ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇରେ ନାମଲେଖାଇବାକୁ ବୈଠକରେ ରାଜି ହୋଇଥିଲେ । ଏହି ପିଲାମାଙ୍କର ନାମଲେଖା ପାଇଁ ଆବଶ୍ୟକ ଅର୍ଥ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଭରଣା କରାଯିବ ବୋଲି ସୂଚନା ଦେଇଥିଲେ । ଅତିଥିମାନେ ନିପୁଣ ଓଡ଼ିଶା ଓ ଏସଆଇଓଏସ କୋଣରେ ସାମଗ୍ରୀ ଗୁଡିକୁ ବୁଲିଦେଖିଥିଲେ । ସଭାରେ ପ୍ରଧାନଶିକ୍ଷକ ପ୍ରଶାନ୍ତ ପାଣିଗ୍ରାହୀ ସଭପତିତ୍ୱ କରିଥିଲେ । ଶିକ୍ଷକ ସୁଶାନ୍ତ ମହାଳିକ ଅତିଥି ପରିଚୟ ଦେଇଥିଲେ । ଶିକ୍ଷକ କ୍ଷୀରୋଦ ମହାଳିକ ଧନ୍ୟବାଦ ଦେଇଥିଲେ । ଶିକ୍ଷୟିତ୍ରୀ ମାନସୀ ସେଠୀ, କ୍ଷୀରାବ୍ଧି ବେହେରା, ଯାଜ୍ଞସେନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ପ୍ରସିଦ୍ଧ ବାସୁଦେବ ଶୈବ ପୀଠ



ଅସୁରାଳି,୧୪ ।୧୨ (ସମିସ):

ଧାମନଗର ବ୍ଲକ୍ ଅନ୍ତର୍ଗତ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଗ୍ରାମରେ ଅବସ୍ଥିତ ବାସୁଦେବ ପୀଠ ଏକ ପ୍ରାଚୀନ ଓ ପ୍ରସିଦ୍ଧ ଶୈବ ପୀଠ ଭାବେ ପରିଚିତ । ପ୍ରାୟ ୩୦୦ ବର୍ଷର ପୁରାତନ ଏହି ପୀଠ ସମ୍ପର୍କରେ ସ୍ଥାନୀୟ ବରିଷ୍ଠଙ୍କ ମୁଖରୁ ଆକର୍ଷଣୀୟ କିମ୍ବଦନ୍ତୀ କଥା ଶୁଣିବାକୁ ମିଳେ । ରାଜା ଯଯାତି କେଶରୀଙ୍କ ଶାସନ କାଳରେ ବୈତରଣୀ ନଦୀରେ ଜଣେ ନାବିକ ପ୍ରଭୁ ବାସୁଦେବଙ୍କୁ ନୌକାରେ ନେଇଯାଉଥିବାବେଳେ ନୌକାଟି ବାଲିପାଟଣାରେ ଅଟକି ଯାଇଥିଲା । ପୁନଃ ଚେଷ୍ଟା କରିଲେ ବି ନୌକା ଆଗକୁ ବଢ଼ିଲା ନାହିଁ । ସେଠାରେ ରାତିରେ ବାସୁଦେବ ସ୍ୱପ୍ନରେ ନାବିକଙ୍କୁ ଦେଖାଦେଇ ସେଥିରେ ରହିବାକୁ ଆଦେଶ କରିଥିଲେ । ଫଳରେ ନାବିକ ଠାକୁରଙ୍କ ମୂର୍ତ୍ତିକୁ ସେହି ସ୍ଥାନରେ ପ୍ରତିଷ୍ଠା କରି ଯାଇଥିଲେ । ପରେ ଜଣେ ସାଧୁଙ୍କ ପ୍ରୟାସରେ ଗ୍ରାମବାସୀଙ୍କ ସହଯୋଗରେ ଏକ ଚାଳଘର ନିର୍ମାଣ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । କାଳକ୍ରମେ ଏହି ପୀଠର ଖ୍ୟାତି ବିସ୍ତାରିତ ହୋଇ ବହୁ ଭକ୍ତଙ୍କ ସମାଗମ ହେବା ସହିତ ବିଭିନ୍ନ ଉତ୍ସବ ପାଳିତ ହେବାରେ ଲାଗିଲା । ୧୯୯୦ରେ ଗ୍ରାମବାସୀ ଓ ଭକ୍ତ ଅରୁଣ କୁମାର ନାୟକଙ୍କ ପ୍ରୟାସରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ବାସୁଦେବଙ୍କୁ ପ୍ରତିଷ୍ଠା କରାଗଲା । ପରବର୍ତ୍ତୀ କାଳରେ ମହାଦେବ, ଲକ୍ଷ୍ମୀ, ଗଣେଶ, ହନୁମାନ ଓ ଗ୍ରାମଦେବତାଙ୍କ ମନ୍ଦିର ନିର୍ମାଣ ହୋଇ ସମଗ୍ର ପରିସର ଆଧ୍ୟାତ୍ମିକ ପରିବେଶରେ ପରିଣତ ହୋଇଛି । ବୈତରଣୀ ନଦୀରୁ ଉଦ୍ଧାର ହୋଇଥିବା ପୁରାତନ ପ୍ରସ୍ତର ଖଣ୍ଡମାନ ମଧ୍ୟ ଏହି ପୀଠର ଅନ୍ୟତମ ଆକର୍ଷଣ । ସ୍ଥାନୀୟ ଜନସାଧାରଣଙ୍କ ମତାନୁସାରେ, ପ୍ରଶାସନ ପକ୍ଷରୁ ଯଥୋଚିତ ଉନ୍ନତି କାର୍ଯ୍ୟ କରାଗଲେ ବାସୁଦେବ ପୀଠ ଏକ ପ୍ରମୁଖ ଆଧ୍ୟାତ୍ମିକ କେନ୍ଦ୍ର ଓ ପର୍ଯ୍ୟଟନସ୍ଥଳୀ ଭାବେ ଜିଲ୍ଲା ତଥା ରାଜ୍ୟରେ ପ୍ରତିଷ୍ଠିତ ହୋଇପାରିବ । ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ଏହି ପୀଠର ଉନ୍ନତି ପାଇଁ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଛନ୍ତି ।

# କାନ୍ତ ସାହିତ୍ୟ ପରିଷଦର ବାର୍ଷିକ ସାରସ୍ୱତ ଉତ୍ସବ

■ କାନ୍ତକବି ଜୟନ୍ତୀ ସମାରୋହ, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ



ଧାମନଗର,୧୪ ।୧୨(ସମିସ):କାନ୍ତ ସାହିତ୍ୟ ପରିଷଦର ବାର୍ଷିକ ସାରସ୍ୱତ ଉତ୍ସବ ଆୟୋଜିତ ହୋଇଛି । ଏ ଅବସରରେ କାନ୍ତକବି ଜୟନ୍ତୀ ସମାରୋହ, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଏକାଧାରରେ ଜଣେ କବି, ସାହିତ୍ୟିକ, ପ୍ରାବନ୍ଧିକ, ନାଟ୍ୟକାର, ଗାଳ୍ପିକ, ସଙ୍ଗୀତକାର, ଶିଶୁ ସାହିତ୍ୟିକ ଓ ଔପନ୍ୟାସିକ । ଭଦ୍ରକ ମାଟିର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ତମ ଜୟନ୍ତୀ ଓ ଧାମନଗର କାନ୍ତ ସାହିତ୍ୟ ପରିଷଦର ୬୦ତମ ବାର୍ଷିକ ଉତ୍ସବ ଧାମନଗର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ପରିଷଦର ସଭାପତି ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବିଶିଷ୍ଟ କବି ହରପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ କବୟିତ୍ରୀ ଡଃ ଆରତି କର ମୁଖ୍ୟବକ୍ତା, କବି ବିଜୟ ମହାପାତ୍ର ସମ୍ମାନିତ ଅତିଥି, ସାମ୍ବାଦିକ ବାସୁଦେବ ତ୍ରିପାଠୀ, କବି ଦୟାନିଧି ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ କାନ୍ତକବିଙ୍କ ରଚନା ଓ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ମନୋଜ ସିଂହ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଅଭିମନ୍ୟୁ ମଲ୍ଲିକ ଅତିଥି ପରିଚୟ ପ୍ରଦାନ ଓ ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସୃଷ୍ଟି ଶିବାଂଶୀ ସ୍ୱାଇଁ ଓ ସାଥୀ ନୃତ୍ୟ ପରିବେଷଣ କରିଥିଲେ । ଡଃ ମମତା ସାହୁ ଓ କବି କିଶୋର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ସ୍ୱଲିଖିତ କବିତା ଆବୃତ୍ତି କରିଥିଲେ । କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ସମ୍ପାଦକ ସଚିକାନ୍ତ ପଣ୍ଡା, କବି ଋତୁରାଜ ଅକ୍ଷୟ, ସାରଥି ପଣ୍ଡା, ପୁରୁଷୋତ୍ତମ ଧଳ, ଜଗନ୍ନାଥ ନାୟକ, ହରିଶ୍ଚନ୍ଦ୍ର ଜେନା, ଚନ୍ଦନଶ୍ରୀ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏ ଅବସରରେ ରସାନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ"ତରାଟ ଫୁଲର ଗାଁ' ଲୋକାର୍ପଣ କରାଯାଇଥିଲା । ପରିଷଦର ସଦସ୍ୟ ସନ୍ତୋଷ ପାଢୀ, ହୃଦାନନ୍ଦ କର, ବରିଷ୍ଠ ସାମ୍ବାଦିକ ଅନୀଲ ବାରିକ, ପ୍ରଦୀପ ମହାପାତ୍ର, ରଜତ ପଣ୍ଡା, ସେକ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, ଦୀନକୃଷ୍ଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୁଳମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## କାମ ଦେଲାନି ନାଳ ଚିରା ଯୋଜନା

# ବୈତରଣୀରୁ ଲୁଟ୍ ହେଉଛି ବାଲି

ବାରିକପୁର,୧୪ ।୧୨(ସମିସ): ଭଣ୍ଡାରିପୋଖରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ହେଉଥିବା ବାଲି ଚୋରି ରୋକିବା ପାଇଁ ପ୍ରଶାସନ ପକ୍ଷରୁ କିଛିଦିନ ପୂର୍ବରୁ ବୈତରଣୀ କୂଳବର୍ତ୍ତୀ ସ୍ଥାନରେ ଗର୍ତ୍ତ ସୃଷ୍ଟି କରାଯାଇଥିଲା । ନଦୀପଠାରେ ଯେଉଁ ନାଳ ଚିରା ଯାଇଥିଲା ମାଫିଆମାନେ ସେଗୁଡିକୁ ପୋତି ଦେଇଛନ୍ତି । ଏବେ ପୂର୍ବଭଳି ନଦୀରୁ ବାଲି ପରିବହନ ଜାରି ରହିଛି ।

ସୂଚନା ମୁତାବକ, ବର୍ଷକ ବାର ମାସ ବୈତରଣୀ ନଦୀରୁ ଅହରହ ବାଲି ଚୋରି ହୋଇଥାଏ । ନଦୀର ବନ୍ଧାଳମଡିଆଳୀଠାରୁ ଆରମ୍ଭ କରି ମୁଡାପଦା ଯାଏଁ ସବୁଠି ଦୈନିକ ଶହ ଶହ ଟ୍ରିପ ବଲି ଚାଲାଣ ହୋଇଥାଏ । ପୂର୍ବରୁ ଥାନା ଓ ତହସିଲ ଏହାକୁ ରୋକିବା



ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ଶତପ୍ରତିଶତ ସଫଳ ହୋଇ ନ ଥିଲା । କିଛି ମାସ ପୂର୍ବରୁ ଜିଲ୍ଲା ଖଣି ନଗମ ବେଆଇନ ବାଲି ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଥିଲା । ନୂଆ ଯୋଜନା ଅନୁଯାୟୀ ନଦୀକୂଳିଆ ଗାଁରେ ଜନସଚେତନତା ସଭା ଓ ଗାଡ଼ି ଯିବା ରାସ୍ତାରେ ନାଳ ଖୋଳାଯାଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରଥମେ ବାଲିପୋଖରୀ ଏସକେପଠାରେ ବେଆଇନ ବାଲି ଚାଲଣ ହେଉଥିବା ପଥରେ ଗର୍ତ୍ତ ଖନନ ହୋଇଥିବାବେଳେ ପରେ ମଣୀନାଥପୁର, ବିରୋଳି, ମୁଡାପଦା ପ୍ରମୁଖ ସ୍ଥାନରେ ବାଲି ଚୋରି ରୋକିବା ସକାଶେ ନଦୀକୁ ଲାଗି ନାଳୀ ତିଆରି ହୋଇଥିଲା । ଏପରିକି ନଦୀ କୂଳରେ ସଚେତନତା ଫଳକ ଲାଗିଥିଲା । ସବୁ ଯୋଜନା ଧିରେ ଧିରେ ଲୋପ ପାଇଥିବାବେଳେ ଏବେ ଦିନରେ କମ୍ ଓ ରାତିରେ ଅଧିକ ବାଲି ପରିବହନ ହେଉଛି । ବେଆଇନ ବାଲି ଚୋରିକୁ ରୋକିବା ପାଇଁ ଖଣି ନଗମ ପକ୍ଷରୁ ଅଭିନବ ଉପାୟ ଅବଲମ୍ବନ କରାଯାଇଥିବାବେଳେ ଏବେ ତାହା ସମ୍ପୂର୍ଣ୍ଣ ଫେଲ ମାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ବିଜେଡିର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ଧାମନଗର,୧୪ ।୧୨(ସମିସ): ଆସନ୍ତା ୨୬ ତାରିଖରେ ଧାମନଗର ବ୍ଲକସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନ ୧୧ଟାରେ ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତରେ ପ୍ରସ୍ତୁତି ବୈଠକରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ ସଭାପତିତ୍ୱ କରିଥିଲେ । ବୈଠକରେ ଧାମନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ନେତା ଡାକ୍ତର ସଞ୍ଜୟ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ଉମେଶ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରି, ଯୁବ ସଭାପତି ଭାରତ ବିଜୟ ଦଳେଇ, ଧାମନଗର ବ୍ଲକ ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି, ଛାମୁଆ ନେତୃତ୍ୱ, ଜିଲ୍ଲା ପରିଷଦ ସଦସ୍ୟ, ଯୁବ ଛାତ୍ରଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୬ ତାରିଖରେ ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀଠାରେ ୨୯ତମ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସକୁ ମହାଆଡମ୍ବରରେ ଓ ସଫଳତାର ସହ ପାଳନ କରାଯିବ । ବିଜୁ ଜନତା ଦଳକୁ ପଞ୍ଚାୟତ ସ୍ତରରେ ବ୍ୟାପକ କରାଯିବା ସହ ପୂର୍ବ ସରକାରଙ୍କ ସଫଳତା ଓ ବର୍ତ୍ତମାନ ରଙ୍ଗ ବଦଳା ସରକାରଙ୍କ ବିରୁଦ୍ଧରେ ଲୋକଙ୍କୁ ସଚେତନ କରାଯିବ ବୋଲି ଏହି ବୈଠକରେ ସଂକଳ୍ପ ନିଆଯାଇଥିଲା । କଲ୍ୟାଣି ପଞ୍ଚାୟତ ସମିତି ସଭ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭତ୍ତା ପାଇଁ ୬ ମାସ ଧରି ଅନାଇଛନ୍ତି ବୃଦ୍ଧା

ଦୋଳସାହି,୧୪।୧୨(ସମିସ): ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଧରଣର ଭତ୍ତା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କ୍ଷେତ୍ରରେ ନାହିଁ ନ ଥିବା ନିର୍ଯାତନା ଦିଆଯାଉଥିବା ନେଇ ବାରମ୍ବାର ଖବର ପ୍ରକାଶିତ ହେଉଛି । ତେବେ ଏଯାଏଁ ବହୁ ହିତାଧିକାରୀଙ୍କ ଭତ୍ତା ସମସ୍ୟାର ସମାଧାନ ହୋଇନି । ଗୁଆମାଳ ପଞ୍ଚାୟତ ଅଧୀନ ଖଡ଼ପଟା ଗ୍ରାମର ଅସହାୟ ବିଧବା ଜେମାମଣି ତ୍ରିପାଠୀଙ୍କୁ ଗତ ୬ ମାସ ଧରି ଭତ୍ତା ପ୍ରଦାନ



କରାଯାଉନାହିଁ । ବୃଦ୍ଧା ଜେମାମଣି ତ୍ରିପାଠୀଙ୍କ ଆଧାର କାର୍ଡ ହୋଇ ନ ଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଉଥିବାବେଳେ ତାଙ୍କ ବୟସ ୮୪ ହେଲାଣି । ତେଣୁ ତୁରନ୍ତ ବୃଦ୍ଧା ଜେମାମଣିଙ୍କୁ ଭତ୍ତା ଦେବାକୁ ଦାବି ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ବୃଦ୍ଧ ବାପାଙ୍କୁ ମାରି ଦେବାକୁ ଧମକ ଅଭିଯୋଗ

ବନ୍ତ/ଆଗରପଡ଼ା,୧୪।୧୨(ସମିସ): ବନ୍ତ ଥାନା ଗଭରପୁର ଗ୍ରାମର ବଡ଼ପୁଅ ଘର ଭାଙ୍ଗିବା ସହିତ ମାରି ଦେବାକୁ ଧମକ ଦେବା ଘଟଣାକୁ ନେଇ ଥାନାରେ ଏତଲା ଦେଇଛନ୍ତି ୮୩ ବର୍ଷୀୟ ବୃଦ୍ଧ ବାପା ବନମାଳୀ ନାୟକ । ବନମାଳୀଙ୍କର ଦୁଇ ପୁଅ ଓ ୪ ଝିଅଙ୍କର ବିବାହ କରାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇ ସାରିବା ପରେ ସେମାନେ ବାପା ମାଆଙ୍କର କୌଣସି ଦାୟିତ୍ୱ ନେଇ ନ ଥିଲେ । ବଡ଼ପୁଅ ମଧୁସୂଦନ ପୈତୃକ ଜମିବାଡ଼ିକୁ ସାନଭାଇକୁ ନ ଦେଇ ସବୁ ଜମିବାଡ଼ି ନେବା ପାଇଁ ବାପାମାଆଙ୍କୁ ବାରମ୍ବାର ଧମକଚମକ ଦେବା, ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମଧ୍ୟ ମାରୁ ଥିବାର ଅଭିଯୋଗ ହୋଇଛି । ଏଥି ସହିତ ସେ ମଧ୍ୟ ଘରର କାନ୍ଥ, ଛାତକୁ ହାତୁଡ଼ି ଓ ଶାବଳରେ ପିଟି ଭାଙ୍ଗି ଦେଇଛନ୍ତି ବୋଲି ବନ୍ତ ଥାନାରେ ଦେଇଥିବା ଏତଲାରେ ସେ ଦର୍ଶାଇଛନ୍ତି ।

## କାମ କରୁନି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ନିର୍ଦ୍ଦେଶ

# ବିପଦସଙ୍କୁଳ ଗିଲପଦୀ ଡ୍ରେନେଜ ଘୋଷରା

ବାରିକପୁର, ୧୪ ।୧୨(ସମିସ):



ଭଣ୍ଡାରିପୋଖରୀ ବ୍ଲକ୍ ନପଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗିଲପଦୀଠାରେ ଏକ ପାଦଚଲା ଘୋଷରା ପୋଲ ଅନେକ ବର୍ଷ ହେବ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଗାଁ ସଂଲଗ୍ନ ଡ୍ରେନେଜ ନାଳ ଉପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବହୁ ବର୍ଷ ପୂର୍ବେ ପ୍ରାୟ ୩୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ ଏକ ପାଦଚଲା ପୋଲ ନିର୍ମାଣ ହୋଇଥିଲା । ଏହି ପୋଲ ଅତିକ୍ରମ କରି ଜୋରାଗଡ଼ିଆ ଓ ଗିଲପଦୀ ଗ୍ରାମବାସୀ ନପଙ୍ଗ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥା'ନ୍ତି । ନିକଟସ୍ଥ ଚାଷଜମିକୁ ଯିବାଆସିବା କରିବା ଓ ଗାଈଗୋରୁଙ୍କୁ ଚାରଣ ଭୂଇଁକୁ ନେବା ପାଇଁ ଏହି ପୋଲ ଲୋକଙ୍କ ପ୍ରମୁଖ ମାଧ୍ୟମ ଥିଲା । ଏଥିସହ ସ୍କୁଲ ଛାତ୍ରଛାତ୍ରୀ ଦୈନିକ ଏହି ବାଟଦେଇ ଯାତାୟତ କରିଥା'ନ୍ତି । ଧିରେ ଧିରେ ପୋଲଟି ଦୁର୍ବଳ ହୋଇଥିବାବେଳେ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ଏହାର ନବୀକରଣ କାର୍ଯ୍ୟ ପାଇଁ କେହି ଦୃଷ୍ଟି ଦେଉ ନ ଥିଲେ । କିଛି ବର୍ଷ ପୂର୍ବରୁ ଫନି ବାତ୍ୟା ସମୟରେ ଗୋଟିଏ ଗଛ ଉପୁଡ଼ି ପଡ଼ିବାରୁ ପୋଲର ଅର୍ଦ୍ଧାଧିକ ଭାଗ ଦବିଯାଇଥିଲା । ଏପରିକି ପୋଲର ଅନେକ ଅଂଶ ଭାଙ୍ଗିଯାଇଥିଲା । ସେବେଠାରୁ ଆଜି ଯାଏଁ ଘୋସରାଟି ଦିନକୁ ଦିନ ନଷ୍ଟ ହେଉଥିବାବେଳେ ଏବେ ଏକପ୍ରକାର ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏହି ବାଟଦେଇ ଗାଈଗୋରୁ ଯାତାୟାତ କରୁଥିବାବେଳେ ଅନେକ ସମୟରେ ପୋଲର ଭଗ୍ନ ସ୍ଥାନରେ ପଡ଼ି ଆହତ ହେଉଛନ୍ତି । ଗମନାଗମନ ବେଳେ କେତେ ଗ୍ରାମବାସୀ ମଧ୍ୟ ଆହତ ହୋଇଥିବା ଜଣାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବାଟଦେଇ ଦୈନିକ ଛୋଟ ଛୋଟ ସ୍କୁଲ ପିଲା ଯାଉଥିବାବେଳେ ସେମାନଙ୍କ ପାଇଁ ଭଗ୍ନ ପୋଲ ସଙ୍କଟାପନ୍ନ ପାଲଟିଛି । ଦୀର୍ଘ ୫ ବର୍ଷ ମଧ୍ୟରେ ନୂତନ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ଏପରିକି ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲେ ସୁଦ୍ଧା ଏଯାଏଁ ଏହି ସମସ୍ୟାର ସମାଧାନ ହୋଇନାହିଁ । ତେଣୁ ଭାଗ୍ୟକୁ ଆଦରି ଶହଶହ ଗ୍ରାମବାସୀ ଓ ଛୋଟ ଛୋଟ ସ୍କୁଲ ପିଲା ଦୈନିକ ଏହି ବିପଦପୂର୍ଣ୍ଣ ପୋଲରେ ଯାତାୟାତ କରୁଛନ୍ତି । ଏହା ଉପରେ ପ୍ରଶାସନ ଓ ଲୋକ ପ୍ରତିନିଧି କେବେ ଦୃଷ୍ଟି ଦେବେ, ତାହା ଦେଖିବାକୁ ବାକି ରହିଲା ।

# ସ୍ଥିତପ୍ରଜ୍ଞ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତାରେ ପ୍ରଥମ



ଭଦ୍ରକ,୧୪ ।୧୨(ସମିସ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ରାଜ୍ୟ ଶକ୍ତି, ଜଙ୍ଗଲ ପରିବେଶ ଓ ସିଇଏସ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ୩୦ ଜିଲ୍ଲାର ଛାତ୍ରଛାତ୍ରୀ ଜିଲ୍ଲା ସ୍ତରରୁ ମନୋନୀତ ହୋଇ ଭାଗ ନେଇଥିଲେ । ଭଦ୍ରକ ଜିଲ୍ଲା ତିହିଡିସ୍ଥ ସିଆରଏସ ବିଦ୍ୟାଳୟର ଛାତ୍ର ସ୍ଥିତପ୍ରଜ୍ଞ ସାହୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ବନଜ୍ୟୋତ୍ସ୍ନା ପରିଡାଙ୍କ ତତ୍ତ୍ୱାବଧାନରେ ଭାଗ ନେଇ ରାଜ୍ୟର ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଡଃ ଜଗବନ୍ଧୁ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତିହିଡି ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି । ସ୍ଥିତପ୍ରଜ୍ଞ ଶିକ୍ଷୟିତ୍ରୀ ରଶ୍ମିରେଖା ସୂତାର ଓ ବିଜୟ ସାହୁଙ୍କ ପୁତ୍ର । ଏହାପୂର୍ବରୁ ଏସସିଆରଟି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।

### ଏକାଧିକ ମଣ୍ଡିରେ ନାହିଁ ଗୋଦାମ ଘର

# ମିଲର୍‌ଙ୍କ ଭରସାରେ ହେବ ଧାନ କିଣା

ଦଶରଥପୁର, ୧୪।୧୨(ସମିସ)



ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ଆସନ୍ତା ମାସ ୭ ତାରିଖ ଠାରୁ ଧାନ ମଣ୍ଡିରେ ଚଳିତ ଖରିଫ ଋତୁର ଧାନ କିଣା ଆରମ୍ଭ ହେବ ବୋଲି ଜିଲ୍ଲା ପ୍ରଶାସନ ନିଷ୍ପତି ନେଇଛି। ତେବେ ମଣ୍ଡିରେ ଚାଷୀଙ୍କ ଧାନ ସୁରକ୍ଷିତ ଭାବେ ରଖିବାକୁ ଦଶରଥପୁର ବ୍ଲକର ଏକାଧିକ ମଣ୍ଡିରେ ଗୋଦାମ ଘର ନାହିଁ।

ଦଶରଥପୁର ବ୍ଲକରେ ଚଳିତ ଖରିଫ ଋତୁରେ ନିଜାମପୁର ପାକ୍ସକୁ ବାଦ ଦେଲେ ଅବଶିଷ୍ଟ ୧୨ଟି ପ୍ୟାକ୍ସ ଚାଷୀଙ୍କ ଠାରୁ ଧାନ କିଣିବେ। ତେବେ ଉକ୍ତ ୧୧ଟି ପ୍ୟାକ୍ସ ମଧ୍ୟରୁ ଦଶରଥପୁର ଓ ମଙ୍ଗଳପୁର ପ୍ୟାକ୍ସକୁ ଛାଡି ଅନ୍ୟ ସବୁ ପ୍ୟାକ୍ସରେ ଚାଷୀଙ୍କ ଧାନର ସୁରକ୍ଷିତ ପାଇଁ ଗୋଦାମ ଗୃହ ନାହିଁ। ସେହିପରି ୧୪ଟି ମହିଳା ଏସ୍‌ଏଚ୍‌ଜି ସ୍ୱୀକୃତିପ୍ରାପ୍ତ ଧାନ ମଣ୍ଡିରେ ଧାନ ବିକିବାକୁ ପଞ୍ଜିକୃତ ଚାଷୀ ନିଜକୁ ସବୁଠୁ ଅଧିକ ଅସୁରକ୍ଷିତ ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏସ୍‌ଏଚ୍‌ଜି ପରିଚାଳିତ ମଣ୍ଡିଗୁଡ଼ିକୁ ସ୍ୱୀକୃତି ଦେବା ପୂର୍ବରୁ ବିଭାଗୀୟ ଅଧିକାରୀ ଚାଷୀଙ୍କ ଧାନ ସୁରକ୍ଷିତ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ଫଳରେ ଚଳିତ ଥର ମଣ୍ଡିରେ ଧାନ କିଣା ମିଲରଙ୍କ ଭରସାରେ ହେବ ବୋଲି ଚାଷୀକୂଳ ଆଶଙ୍କା ବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ବ୍ୟବସ୍ଥିତ ଢଙ୍ଗରେ ଚାଷୀଙ୍କ ଠାରୁ ଧାନ କିଣିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଦଶରଥପୁର ବ୍ଲକର ଏକାଧିକ ମଣ୍ଡିରେ ସୁରକ୍ଷିତ ଭାବେ ଚାଷୀଙ୍କ ଧାନ ରଖିବାକୁ ଗୋଦାମ ଘର ନଥିବାରୁ ମିଲରଙ୍କ ମନମାନିରେ ମଣ୍ଡି ପରିଚାଳିତ ହେବ ବୋଲି ଅଭିଯୋଗ ହୋଇଛି। ଗୋଦାମ ଘର ଅଭାବ ଯୋଗୁଁ ଅତୀତରେ ଚାଷୀଙ୍କ ଧାନ ମଣ୍ଡିକୁ ନଯାଇ ସିଧାସଳଖ ମିଲକୁ ଯାଇଥିବା ବେଳେ ପାଗ ପରିବର୍ତ୍ତନ ସୁଯୋଗର ଫାଇଦା ଉଠାଇ ମଣ୍ଡିରେ ଚାଷୀଙ୍କ ଧାନକୁ ମନ ଇଚ୍ଛା କଟ୍‌ନୀ ଛଟ୍‌ନୀ କରାଯାଉଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ତେଣୁ ଯେଉଁଠି ଗୋଦାମ ଘର ନାହିଁ ସେଠାରେ ସୁଦୃଢ଼ ଭିତ୍ତିଭୂମି ଯୁକ୍ତ ସୁରକ୍ଷା ବ୍ୟବସ୍ଥା କରି ମଣ୍ଡି ଖୋଲିବା ଦିଗରେ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀକୁଳ ପକ୍ଷରୁ ଦାବି ହୋଇଛି।

## ଗରିଆପୁର ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା



**ଯାଜପୁର, ୧୪।୧୨ (ସମିସ):** ଯାଜପୁର ସହରସ୍ଥିତ ଗରିଆପୁର ୟୁଜିୟୁପି ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଇଦୁଜ୍ ଜମାନ ଏବଂ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଅରସଜୁଦ୍ ଜମାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ବିଭିନ୍ନ ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ଆଳୁ ଚାମଚ ଦୌଡ଼, ଅଖା ଦୌଡ଼, ଚକୋଲେଟ୍ ରେସ୍, ମ୍ୟୁଜିକ ଚେୟାର, ଦଉଡି ଡିଆଁ, ଲଙ୍ଗ ଜମ୍ପ, ଗଣିତ ଦୌଡ଼ ଇତ୍ୟାଦି ଖେଳ ଗୁଡ଼ିକ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଆର୍ତ୍ତତ୍ରାଣ ବେହେରା, ବିଷ୍ଣୁ ପ୍ରସାଦ ବାନାର୍ଜୀ, ସଫିଉର ରହେମାନ, ତାପସ କୁମାର ପତି ଏବଂ ଶିକ୍ଷୟିତ୍ରୀ ରୀନା ବେହେରା, ସୁମିତ୍ରା ରାଉଳ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଅଭିଭାବିକା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ଆଦେଶ

**ବଡ଼ଚଣା, ୧୪।୧୨(ସମିସ):** ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟ ପ୍ରଥମ ଥର ପାଇଁ ତିନିଗୋଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ପ୍ରକାଶ ଥାଉକି ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ତିନି ଗୋଟି ମୋଟର ଯାନ ଦୁର୍ଘଟଣା ଜନିତ ମକଦ୍ଦମାର ବିଚାର କରି ମୃତକର ପରିବାର ଓ ଆହାତ ବ୍ୟକ୍ତିଙ୍କୁ କ୍ଷତିପୂରଣ ରାଶି ବାବଦକୁ ପାଖାପାଖି ୩୮ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ ପାଇଁ ବୀମା କମ୍ପାନୀମାନଙ୍କୁ ଆଦେଶ ଦେଇଛନ୍ତି। କ୍ଷତିପୂରଣ ରାଶି ଭାବେ ମନୋରମା ଦେବତାଙ୍କୁ ୨ ଲକ୍ଷ, ନିହାରିକା ପ୍ରିୟଦର୍ଶୀନୀ ପୁରୀ ଓ ଅନ୍ୟମାନଙ୍କୁ ୩୪ ଲକ୍ଷ ୯୦ ହଜାରେ ଟଙ୍କା, ଦେବାଶିଷ ପୁରୀଙ୍କୁ ୧ ଲକ୍ଷ ୬୦ ହଜାର ଟଙ୍କା ଦେବାପାଇଁ ଆଦେଶ ଦେଇଛନ୍ତି। ଚଣ୍ଡିଖୋଲ କୋର୍ଟ ସବଜଜ୍ ବିଶ୍ୱଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାର୍ ଆସୋସିଏସନର ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ଦେବରାଜ ବେହେରା, ପ୍ରତାପ ଦାସ ଓ ଜନ ବେହେରା, ଯୁଗ୍ମସମ୍ପାଦକ ସିରିଶ ସାମଲ, କୈଳାସ ସାମଲ ଶ୍ରୀକାନ୍ତ ବଳ, ସୁବ୍ରତ ସ୍ୱାଇଁ, ପ୍ରେମାନନ୍ଦ ବେହେରା, ଅରୁଣ ସାହୁ, ତରୁଣ ବିଶ୍ୱାଳ, ବୀରେନ୍ ବିଶ୍ୱାଳ, ପ୍ରିୟଗୋବିନ୍ଦ ଦାସ, ଲକ୍ଷ୍ମୀପ୍ରିୟା ବେହେରା, ଲୋମାରାଣୀ ନାୟକ, ଦୀନବନ୍ଧୁ ନାୟକ, କୁମର ପ୍ରସାଦ ବେହେରା, ଯତୀନ ସାମଲ, ଅବିନାଶ ବଳ, ଜ୍ଞାନେଶ ମହାନ୍ତି, ସତ୍ୟବ୍ରତ ସାମଲ, ଜ୍ୟୋତିର୍ମୟୀ ସ୍ୱାଇଁ, ଜ୍ୟୋତିଶଙ୍କର ମହାପାତ୍ର, ଉପେନ୍ଦ୍ର ସିଂହ, ମାନସ ସାହୁ, ନିଗମାନନ୍ଦ ପାତ୍ର, ପ୍ରଭୁଦତ୍ତ ରାଉତରାୟଙ୍କ ସମେତ ବହୁ ଆଇନଜୀବୀ ସହଯୋଗ କରିଥିଲେ।

## ଦଶରଥପୁର ମଣ୍ଡଳସ୍ତରୀୟ ଓଷ୍ଟା ଶିଶୁଉତ୍ସବ



**ଦଶରଥପୁର, ୧୪।୧୨(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ଅଧୀନସ୍ଥ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସଭାପତି ଶ୍ରୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଧନଞ୍ଜୟ କେଶରୀ ରାଉତରାୟ, ସମ୍ମାନିତ ଅତିଥି ଭାବେ ଏବିଇଓ ସାବିତ୍ରୀ ସେଠୀ, ବରିଷ୍ଠ ଶିକ୍ଷାବିତ ତଥା ଆଇନଜୀବୀ ବୈକୁଣ୍ଠ ନାଥ ପରିଡ଼ା, ଶିକ୍ଷାବିତ ଦିଗାମ୍ବର ସାହୁ, ସୁରେନ୍ଦ୍ର କୁମାର ମୁଦୁଲି, ସାରଦା କାନ୍ତ ମହାପାତ୍ର, ଶିଶିର କୁମାର ଶତପଥୀ, ବିପିନ ରାୟ, ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ, ଶିଶୁ ସାହିତ୍ୟିକ ଡ. ଧୀରେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ପ୍ରାୟ ୨୧ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ସାହିତ୍ୟିକ ହରେରାମ ପଣ୍ଡା, ଶିକ୍ଷାବିତ ସନାତନ ନାୟକ, ସରସ୍ୱତୀ ପଣ୍ଡା, ଚିନ୍ମୟ ଦାସ, ସାହିତ୍ୟିକ ସୁଦେଶ ପାତ୍ର, କଳାକାର ମାଷ୍ଟର ମିହିର କୁମାର, କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉଦ୍‌ଘାଟକ ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ଏମ୍‌ସି ମେମ୍ବର କୈଳାଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ଓଷ୍ଟାର ଯୁଗ୍ମ ସମ୍ପାଦକ ମମତା ମିଶ୍ର, ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ସଭ୍ୟ ସୀତାରାମ ପାଢ଼ୀ, ଏମ୍‌ସି ଚେୟାର ପର୍ସନ ରାଜେଶ ବିଶ୍ୱାଳ ଯୋଗଦେଇଥିଲେ। ଗାନ୍ଧୀଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ, ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାମଲ, ହରିଶ ମହାରଣା, ଅଶୋକ ନାୟକ, ଶରତ ଚନ୍ଦ୍ର ସାହୁ, ଶିକ୍ଷା କର୍ମଚାରୀ କଳ୍ପତରୁ ରାଉତ, ବ୍ରଜକିଶୋର ବେହେରାଙ୍କ ସମେତ ଓଷ୍ଟାର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାଭିୟର ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଦଶରଥପୁର, ୧୪।୧୨(ସମିସ):** ଆଜି ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତ ବୋତଲଟାଙ୍ଗସ୍ଥ କାଳୀପଡ଼ିଆ ଠାରେ ଜାଭିୟର ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ପାଇଁ ଏକ ସଭା ଆୟୋଜନ କରାଯଇଥିଲା। ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ କୈଳାସ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ନାରୀଗାଁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ତଥା ବୈଜ୍ଞାନିକ ଡ. ଶଶଧର ମେଦିନୀ ସିଂ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ, ବିଦ୍ୟାଳୟର ପ୍ରତିଷ୍ଠାତା ସୁବ୍ରତ କୁମାର ସାମଲ, ଅଧ୍ୟକ୍ଷ ବାସନ୍ତୀ ଲତା ସାମଲ ପ୍ରମୁଖ ଯୋଗଦେଇଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ରୁବିନା ପାରବିନ, ଜୟଶ୍ରୀ ମହାପାତ୍ର, କୃପାସିନ୍ଧୁ ମଳିକ, ଜୀବନଜ୍ୟୋତି ଓଝା, ମନୋରମା ମହାନ୍ତି, ଅଲିପ୍ତା ମହାନ୍ତି, ବର୍ଷା ପ୍ରିୟଦର୍ଶନୀ ସାମଲ, ଆଶୁତୋଷ ମହାନ୍ତି, ଶୁଭଶ୍ରୀ ଦାସ, ଜୟଶ୍ରୀ ଜେନା, ଅନିତା ନାୟକ, ପ୍ରୀତି ସୁହାନି ନାୟକ, ସାମସଦ ପରବୀନ, ସୁଇଟ ମଳିକ, ଲୋପାମୁଦ୍ରା ମଳିକ, ସୁନିତା ମଳିକ ଓ ବେବିନା ମଳିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଟମ୍‌କା ବିଦ୍ୟାଳୟରେ ଖୋଲିଲା ଲାଇବ୍ରେରୀ

**ଦାନଗଦି, ୧୪।୧୨ (ସମିସ):** ଗ୍ରାମାଞ୍ଚଳର ବିଦ୍ୟାର୍ଥୀଙ୍କ ଶିକ୍ଷାର ବିକାଶକୁ ଆଉ ପାଦେ ତ୍ୱରାନ୍ୱିତ କରିବା ଲକ୍ଷରେ ଆଗେଇ ଆସିଛି ଟାଟାଷ୍ଟିଲ। ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଏ ନେଇ ଏକ ଲାଇବ୍ରେରୀ କମ୍ କମ୍ପୁଟର ଲ୍ୟାବର ଶୁଭାରମ୍ଭ କରାଯାଇଛି। ଦାନଗଦୀ ବ୍ଲକ ଅନ୍ତର୍ଗତ ଟମକା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ଏହି ଲାଇବ୍ରେରୀକୁ ଓଡ଼ିଶା ସରକାରଙ୍କର ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହାର ଉଦଘାଟନ କରିଛନ୍ତି। ଟାଟା ଷ୍ଟିଲର ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶରେ ସହାୟକ ହେବ ବୋଲି ଶ୍ରୀ ବଳ ସାମନ୍ତ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ ବ୍ରାହ୍ମଣୀପାଳ ଏଫଏମ୍‌ଡ଼ି ମୁଖ୍ୟ ଆଦର୍ଶ ଅର୍ଗୱାଲ, ଲଜିଷ୍ଟିକ ମୁଖ୍ୟ ଅନଙ୍ଗ କୁମାର ମହାରଣା, ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର ମୋହନ ଜେନା, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ, ବରିଷ୍ଠ ବିଜେପି ନେତା ପ୍ରତାପ ଚନ୍ଦ୍ରଧୀର, ଦେଉଳକଣ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ଜେନା, କିଆଝର ପଞ୍ଚାୟତ ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନର ବ୍ରାହ୍ମଣୀପାଳ ଶାଖା ମୁଖ୍ୟ ଡ. ରଜତ କୁମାର ଶତପଥିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଟିଏସ୍‌ଏଫ କର୍ମଚାରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଏକ ବିଜ୍ଞାନମେଳାକୁ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ବୁଲି ଦେଖିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



## ସବୁଜ ବାହିନୀ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର



**ଯାଜପୁର, ୧୪।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ, ଜିଲ୍ଲା କାର୍ଯ୍ୟକାରିଣୀ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଇକୋ କ୍ଲବ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ପ୍ଲାଷ୍ଟିକ ପରିଚାଳନା ସମ୍ବନ୍ଧିୟ ଏକ ଦିବସିୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ମୁଖ୍ୟ ଅତିଥି ଯାଜପୁରର ସହ କୃଷି ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ମୁଖ୍ୟବକ୍ତା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ କଳିଙ୍ଗ ନଗରର ଆଞ୍ଚଳିକ ଶାଖାର ସହ ପରିବେଶ ଯନ୍ତ୍ରୀ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଶାଖାର ଉପ ପରିବେଶ ଯନ୍ତ୍ରୀ ସୌମେନ୍ଦ୍ର ସାହୁ, ମୁଖ୍ୟ ପ୍ରଶିକ୍ଷକ ଡ. ମହେଶ୍ୱର ଜେନା ସାମନ୍ତ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ବନ୍ଦନା ପଣ୍ଡା ଓ ଗାୟତ୍ରୀ ନାୟକ ମଧ ପ୍ଲାଷ୍ଟିକ ଆବର୍ଜନା ଓ ଗୃହ ଆବର୍ଜନରୁ ବିଭିନ୍ନ ପଦାର୍ଥ ନିର୍ମାଣ ପଦ୍ଧତି ଦେଖାଇଥିଲେ। ଆବାହକ ଡ. ଶରତ କୁମାର ସାହୁ ଉକ୍ତ ଦକ୍ଷତା ବୃଦ୍ଧି କାର୍ଯ୍ୟ କ୍ରମର ଆବଶ୍ୟକତା ଓ ପ୍ରଣାଳୀ, ଉପାଦେୟତା, ନିୟମ ଇତ୍ୟାଦି ପାୱାର ପଏଣ୍ଟ ଜରିଆରେ ଉପସ୍ଥାପନ କରିଥିଲେ। ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ସଭା ପରିଚାଳନା କରିଥିଲେ। ଇକୋ କ୍ଲବ ଛାତ୍ରୀ ମାନେ ଉଦ୍‌ଘାଟନୀ ସଙ୍ଗୀତ ଗାନ କରିଥିଲେ। ବରୀ, ବଡ଼ଚଣା, ଧର୍ମଶାଳା, ରସୁଲପୁର ଇତ୍ୟାଦି ବ୍ଲକରୁ ପଚାଶରୁ ଅଧିକ ଇକୋ କ୍ଲବ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ।

## ସୁକିନ୍ଦା ମହାବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା



**ସୁକିନ୍ଦା, ୧୪।୧୨(ସମିସ):** ସୁକିନ୍ଦା ମହାବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଉଦଘାଟନୀ ଅବସରରେ ଛାତ୍ର ଛାତ୍ରୀ ଏକ ଶୋଭାଯାତ୍ରାରେ ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡୁରାଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲରେ ଅଗ୍ନି ସଂଯୋଗ ପୂର୍ବକ ମହାବିଦ୍ୟାଳୟକୁ ଆସିଥିଲେ। ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କୁ ମଶାଲ ହସ୍ତାନ୍ତର କରିଥିଲେ। କ୍ରୀଡ଼ା ପତାକା ଉତ୍ତୋଳନ ସହିତ ଛାତ୍ରଛାତ୍ରୀ ଶପଥ ପାଠ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଅଧ୍ୟକ୍ଷ ସୁସ୍ଥ ଶରୀର ଓ ମନ ପାଇଁ ଛାତ୍ର ଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଥିବା ମତବ୍ୟକ୍ତ କରିଥିଲେ। ପରେ ପରେ କ୍ରୀଡ଼ା ଶିକ୍ଷକ କାଳନ୍ଦୀ ଚରଣ ସାହୁ, ସଞ୍ଜୟ କୁମାର ବାରିକ, ଗଣେଶ୍ୱର ବେହେରା, କୈଳାସ ମହାପାତ୍ର, ଅଜିତ କୁମାର ପାଲଙ୍କ ପରିଚାଳନା ଓ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହଯୋଗରେ ଦୁଇ ଦିନ ଧରି ବିଭିନ୍ନ ପ୍ରକାରର ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଅଧ୍ୟକ୍ଷ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

## ମା' ଦୟାଶୁଣୀଙ୍କ ପୀଠରେ ଗୀତା ମହାଯଜ୍ଞ

**ବଡ଼ଚଣା, ୧୪।୧୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଉପୂଳା ଗ୍ରାମର ଆରାଧ୍ୟା ଦେବୀ ମା' ଦୟାଶୁଣୀଙ୍କ ପୀଠରେ ଶ୍ରୀଜଗନ୍ନାଥ ଚେତନା ଚାରଣ ସଂଘ ମୁଖ୍ୟ ଶାଖା ବୈତରଣୀ ବେଳାଭୂମି ସାଂସ୍କୃତିକ କେନ୍ଦ୍ର ମକେଇପୁର ମଠାଧୀଶ ଋଷିମଣି ବଶିଷ୍ଠ ପଣ୍ଡା ଅଜ୍ଞାଦେବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଦିନାତ୍ମକ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆୟୋଜିତ ହୋଇଯାଇଛି। କର୍ତ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଅଜୟ କୁମାର ଲେଙ୍କା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଲେଙ୍କା ଯଜ୍ଞ କାର୍ଯ୍ୟରେ ଦାୟିତ୍ୱ ନିର୍ବାହ କରିଥିଲେ। ଦେବଙ୍କ ମୁଖ୍ୟ ପଣ୍ଡିତ ସତ୍ୟବାନ ମିଶ୍ର, ପଣ୍ଡିତ ନୀଳମଣି ମିଶ୍ର, ଗୌରାଙ୍ଗ ଚରଣ ପଣ୍ଡା, ପ୍ରଭାକର ପଣ୍ଡା, ନୀଳକଣ୍ଠ ପତି, ମାଧବାନନ୍ଦ ପଣ୍ଡା, ନୀଳାମ୍ବର ପଣ୍ଡା ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ହୃଷୀକେଶ ନାୟକ, ବିଷ୍ଣୁଚରଣ ନାୟକ, ସୁଶାନ୍ତ କୁମାର ଲେଙ୍କା, ଅକ୍ଷୟ କୁମାର ଲେଙ୍କା, ମନ୍ମଥକୁମାର ନନ୍ଦ, କୃଷ୍ଣଚନ୍ଦ୍ର ପଣ୍ଡା, ପବିତ୍ର ପଢ଼ିଆରି, ପ୍ରକାଶ ଚନ୍ଦ୍ର ମହାନ୍ତି, ଅରୁଣ କୁମାର ନାୟକ, ପ୍ରଭାକର ସାମଲ ଏକାଦଶୀ ମହାରଣା, ରମେଶ ଚନ୍ଦ୍ର ପଢ଼ିଆରୀ, ଭାଗ୍ୟଧର୍ ଦାସ, ଲକ୍ଷ୍ମୀଧର ରାଉତ, କବି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

**ବ୍ରହ୍ମବରଦା, ୧୪।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଡିଅସାହି ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା 'ଜନ୍ମଭୂମି' ଖବରକାଗଜର ପ୍ରତିଷ୍ଠାତା ସମ୍ପାଦକ ଭିକାରୀ ଚରଣ ବିଶ୍ୱାଳ (୭୮)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଓ ବ୍ରହ୍ମବରଦା ଇଲେକ୍ଟ୍ରି ସବଷ୍ଟେସନ ସ୍ଥାପନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଶେଷ ଦର୍ଶନ ନିମିତ୍ତ ବରୀ ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ବିଜେପି ନେତା ଦେବେନ୍ଦ୍ର ଦାସଙ୍କ ସମେତ ବ୍ରହ୍ମବରଦା ତଥା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ।

## ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ



**ଯାଜପୁର, ୧୪।୧୨(ସମିସ):** ଆମ୍ବେଦକର ବିକାଶ ପରିଷଦ ବରୀ ପକ୍ଷରୁ ରବିବାର ଆମ୍ବେଦକର ଭବନ ନେଉଳାଠାରେ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶିକ୍ଷାବିତ ଦୁର୍ଯ୍ୟୋଧନ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବରୀର ପୂର୍ବତନ ବିଧାୟକା ସୁନନ୍ଦା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରମ୍ଭା ସରପଞ୍ଚ ମାନସ ଜେନା, ଆର୍ତ୍ତତ୍ରାଣ ମଲ୍ଲିକ, ହରିଶ୍ଚନ୍ଦ୍ର ଦାସ, ଅଭିନ କୁମାର ଜେନା, ଦୁଷ୍ମନ୍ତ ସେଠୀ, ବିଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥବଲେ। ଶିକ୍ଷାବିତ ଜଳଧର ମଲ୍ଲିକ ଅତିଥି ପରିଚୟ ଦେଇଥିବା ବେଳେ ରମାକାନ୍ତ ମଲ୍ଲିକ ସମ୍ବିଧାନ ପଠନ କରିଥିଲେ।

### ମନରେଗା ଅର୍ଥ ଅନିୟମିତତା ଅଭିଯୋଗ

# କାମ ନ କରି ଟଙ୍କା ଉଠାଇନେଲେ ଠିକାଦାର

ବ୍ରହ୍ମବରଦା, ୧୪।୧୨(ସମିସ)



ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତ ଜୟସୁଙ୍ଗୁଡ଼ା ଗ୍ରାମ ୧୩ ନମ୍ବର ୱାର୍ଡରେ ଥିବା ବହୁ ପୁରାତନ ଗୋବରା ନାଳଟି ବର୍ଷ ବର୍ଷ ଧରି ନାଗ ଦଳରେ ଭର୍ତ୍ତି ହୋଇ ପଡ଼ି ରହିଛି। ଫଳରେ ଗ୍ରାମବାସୀଙ୍କ ସହିତ ଗୃହପାଳିତ ପଶୁମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ପରେ ଚଳିତ ବର୍ଷ ଏହି ନାଳରୁ ଦଳ ସଫା କରିବା ଓ ଏହାର ପୁନଉଦ୍ଧାର ନିମନ୍ତେ ଗତ ନଭେମ୍ବର ୧୯ ତାରିଖରେ ମନରେଗା ଯୋଜନାରେ ସାମିଲ କରାଯାଇଥିଲା। ଯୁଗଳ ମଲ୍ଲିକ ଘର ଠାରୁ ଜୟସୁଙ୍ଗୁଡ଼ା ଘୁଷୁରିଆ ମୁହଁ ପର୍ଯ୍ୟନ୍ତ ଗୋବରା ନାଳର ପୁନଉଦ୍ଧାର ନିମନ୍ତେ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଗ୍ରାମର ଲୋକମାନଙ୍କୁ ନେଇ ଏହି କାର୍ଯ୍ୟ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ଥିବା ବେଳେ ଠିକାଦାର କାମ ଆରମ୍ଭ ନ କରି ୩୫ ଜଣ ଶ୍ରମିକ ୧୮୩ ଦିନ ଶ୍ରମଦାନ କରି ୫୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବିଲ କରି ନେଇଛି। ସବୁଠୁବଡ କଥା ଏଠାରେ ନିୟୋଜିତ ହୋଇଥିବା ଶ୍ରମିକମାନେ ଏହି ଅଞ୍ଚଳର ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଏହି ଗ୍ରାମର ସପ୍ତେଶ୍ୱର ନାଳର ପୁନଉଦ୍ଧାର ଓ ଜଳ ସଂରକ୍ଷଣ ନିମନ୍ତେ ଚଳିତ ବର୍ଷ ନଭେମ୍ବର ୧୯ ତାରିଖରେ ମଞ୍ଜୁର ହୋଇ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏଠି ମଧ ସମାନ ଅବସ୍ଥା ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡିସପ୍ଲେ ବୋର୍ଡ ନିର୍ମାଣ ହୋଇନାହିଁ କି ଦଳ ସଫା କରା ନ ଯାଇ ଶ୍ରମିକ ପାଉଣା ୨୭୩ ଟଙ୍କା ଲେଖାଏଁ ଦୈନିକ ମଜୁରି ବାବଦରେ ୩୫ ଜଣ ଶ୍ରମିକ ୨୨୯ ଦିନ କାମ କରି ୬୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବିଲ କରି ନେଇ ଥିବା ମନରେଗା ପୋର୍ଟାଲରେ ଦର୍ଶାଯାଇଛି। ଏଠି ବି ମଧ୍ୟ ସମାନ ଅବସ୍ଥା ଏଠାରେ ନିୟୋଜିତ ହୋଇଥିବା ଶ୍ରମିକ ମାନେ ଏହି ଗ୍ରାମର ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ କୁହନ୍ତି ସେ ଏ ବିଷୟରେ ଅବଗତ ନାହାନ୍ତି। ଏ ବିଷୟରେ କନିଷ୍ଟ ଯନ୍ତ୍ରୀ ସହିତ କଥା ହେବେ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଏହି ନାଳକୁ ପୁନଉଦ୍ଧାର କରିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମର ପ୍ରଦିପ ସାହାଣୀ, ବିଚିତ୍ର ମଲ୍ଲିକ, ଗୌତମ ଜେନା, ବୃନ୍ଦାବନ ସାହାଣୀ, ମଣ୍ଟୁ ମଲ୍ଲିକ, ଜଳଧର ଜେନା, ପୂର୍ଣ୍ଣଚନ୍ଦ୍ର ସାହାଣୀ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ସମ୍ପାଦକୀୟ



ଖେଳରେ ବଲ୍‌କୁ ମାରି ଧାଇଁବା ବେଳେ ମୁଁ ଭାବେ, ମୁଁ ହେଉଛି ପୃଥିବୀର ସର୍ବାଧିକ ଉଲ୍ଲସିତ ବ୍ୟକ୍ତି।
-ଡିଏଗୋ ମାରାଡୋନା

ସକାଳ
THE SAKALA

## ଶିକ୍ଷା-କର୍ତ୍ତୃତ୍ୱର କେନ୍ଦ୍ରୀକରଣ!

ଏକ ଦେଶ ଏକ ଟିକସ(ଜିଏସ୍‌ଟି), ଏକ ଦେଶ ଏକ ନିର୍ବାଚନ, ଏକ ଦେଶ ଏକ ନାଗରିକ ସଂହିତା ଆଦି ଯୋଜନା ପରେ କେନ୍ଦ୍ର ସରକାର ଏବେ ଜାତୀୟ ଶିକ୍ଷା ନୀତି-୨୦୨୦ର ସୁପାରିସ ଅନୁଯାୟୀ 'ଏକ ଦେଶ ଏକ ଶିକ୍ଷା ନିୟାମକ କର୍ତ୍ତୃପକ୍ଷ' ଭଳି ଏକ ସଂସ୍ଥା ଗଠନ କରିବାକୁ ଯାଉଛନ୍ତି। ଏ ସଂକ୍ରାନ୍ତ ଚିଠା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବା ବେଳେ ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଉପସ୍ଥାପିତ ହେବାର ସମ୍ଭାବନା ଅଛି। 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ ବିଧେୟକ ୨୦୨୫' ନାମକ ଏହି ଚିଠା ପ୍ରସ୍ତାବ ଆଇନରେ ପରିଣତ ହେଲେ ଗୋଟିଏ ଛାତ ତଳେ ଦେଶର ସମସ୍ତ ଶିକ୍ଷା ଓ ତାଲିମ୍ ସମ୍ବନ୍ଧୀୟ କର୍ତ୍ତୃପକ୍ଷ ଓ ଅନୁଷ୍ଠାନଗୁଡ଼ିକ ରହିବେ। ଅର୍ଥାତ୍ ବହୁଅନୁଷ୍ଠାନଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଉଚ୍ଛେଦ ହୋଇ ପରିଚାଳନାର କେନ୍ଦ୍ରୀକରଣ କରାଯିବ। ଏପରିକି ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ(ୟୁଜିସି), ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ପରି ସଂସ୍ଥାମାନଙ୍କର ମଧ୍ୟ ବିଲୟ ଘଟିବ।

ଏହି ପରିପ୍ରେକ୍ଷୀରେ କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଭାରତ ପରି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ଓ ବହୁଭାଷାଭାଷୀ ରାଷ୍ଟ୍ରରେ ଶିକ୍ଷା କ୍ଷେତ୍ରଟି ଅବହେଳିତ ଓ ଅବ୍ୟବସ୍ଥିତ। ପରିଚାଳନାର ବିକେନ୍ଦ୍ରୀକରଣ ମାଧ୍ୟମରେ ଏହାକୁ ଶୃଙ୍ଖଳିତ ଓ ବିକଶିତ କରିବା ପାଇଁ ଦୀର୍ଘବର୍ଷ ଧରି ମତ ପ୍ରକାଶ ପାଇଆସୁଛି। ଏହାଛଡ଼ା ଶାସନ ହେଉ କି ସଂଗଠନ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ 'ପରିଚାଳନାର ବିକେନ୍ଦ୍ରୀକରଣ'(ଡିସେଣ୍ଟ୍ରାଲାଇଜେସନ୍ ଅଫ୍ ମ୍ୟାନେଜ୍‌ମେଣ୍ଟ) ବହୁପରୀକ୍ଷିତ ବିଶ୍ୱାଦୃତ ସଫଳ ମଡେଲ୍ ଭାବେ ପ୍ରମାଣିତ ଓ ସ୍ୱୀକୃତ ହୋଇଆସିଛି। ଏହି ଆଧାରରେ ବଡ଼ ବଡ଼ ରାଜ୍ୟ ଓ ଜିଲ୍ଲାମାନଙ୍କୁ ଭାଙ୍ଗି ନୂଆ ରାଜ୍ୟ ଓ ଜିଲ୍ଲା ସୃଷ୍ଟି କରାଯାଉଛି। ଗଣତନ୍ତ୍ରରେ ମଧ୍ୟ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟ କରୁଛି। ଇତିମଧ୍ୟରେ ବିକାଶର ପରିଭାଷା ବଦଳିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଆଇନଶୃଙ୍ଖଳା, ସାମାଜିକ ବ୍ୟବସ୍ଥା ଆଦି ଆଜି ନୂଆ ଆହ୍ୱାନ ସୃଷ୍ଟି କରୁଛି। ସରକାରୀ ଯୋଜନାମାନଙ୍କର ରୂପାୟନ ଓ ତଦାରଖ ମଧ୍ୟରେ ଦୂରତା ବଢ଼ି ଚାଲିଛି। ଶାସନ ଓ ପ୍ରଶାସନର ବିକେନ୍ଦ୍ରୀକରଣ ବିନା ଏହାର ସମାଧାନ ସମ୍ଭବ ନୁହେଁ। ଏହି ପୃଷ୍ଠଭୂମିରେ ଭାରତର ଜଟିଳ ଶିକ୍ଷା ପରିଚାଳନା କେନ୍ଦ୍ରୀକୃତ ହେଲେ ସମସ୍ୟା ଆହୁରି ଜଟିଳ ହେବ ନା ସରଳ ହେବ ତାହା ବୁଝାପଡୁନାହିଁ।

ସାମ୍ପ୍ରତିକ ବହୁ ନିୟାମକ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ, ପରୀକ୍ଷା ପରିଚାଳନାରେ ଅନିୟମିତତା, ପରୀକ୍ଷା ବାତିଲ୍, ଜାଲ୍ ସାର୍ଟିଫିକେଟ୍, ନମ୍ବରରେ ପ୍ରିୟାପ୍ରୀତି ତୋଷଣ ଆଦି ଏକ ସାଧାରଣ ଘଟଣା ହୋଇଗଲାଣି। ଓଡ଼ିଶାର ବିଗତ ଦଶମାସର ସମୟକୁ ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ନିଆଯାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ଯେଉଁଠି ଆହୁରି ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି ସେଠାରେ ସମ୍ପୂର୍ଣ୍ଣ ବିପରୀତ ଭାବେ କେନ୍ଦ୍ରୀକୃତ ନିୟାମକ ଗଠନ ଦ୍ୱାରା ଉପରୋକ୍ତ ସମସ୍ୟା କେତେ ଯେ ଜଟିଳ ହେବ ତାହା ଅନୁମେୟ। ଜାତୀୟ ଶିକ୍ଷା ନୀତି ୨୦୨୦ରେ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ, ଗୋଟିଏ 'ଜାତୀୟ ଉଚ୍ଚ ଶିକ୍ଷା ନିୟାମକ ପରିଷଦ' ଅଧୀନରେ ଡାକ୍ତରୀ ଓ ଆଇନ ଶିକ୍ଷାକୁ ବାଦ୍ ଦେଇ ଚାରିଟି ସ୍ୱାଧୀନ ନିୟାମକ କାର୍ଯ୍ୟ କରିବେ। ତେଣୁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନର କୌଣସି ଦୃଢ଼ କାରଣ ପରିଦୃଶ୍ୟ ହେଉ ନାହିଁ। ଯଦି ସରକାର କେବଳ ନାମ ପରିବର୍ତ୍ତନ ଆଳରେ('ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି' ଯୋଜନାର ନାମ ପରିବର୍ତ୍ତନ କରି 'ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର' ଯୋଜନା କରିବାକୁ ଯାଉଛନ୍ତି) ଶିକ୍ଷା ପରିଚାଳନା ଓ ନିୟାମକରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି ତେବେ ତାହା ଭିନ୍ନ କଥା।

ପୂର୍ବରୁ ମଧ୍ୟ କେନ୍ଦ୍ର ସରକାର ଏଭଳି ଏକ ଉଦ୍ୟମ କରିଥିଲେ ହେଁ ତାହା ସାକାର ହୋଇପାରି ନ ଥିଲା। ୨୦୧୮ରେ 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ(ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଆଇନ ରଦ୍ଦ) ବିଲ୍' ସଂସଦରେ ଉପସ୍ଥାପିତ ହୋଇଥିଲା, ଯେଉଁଥିରେ 'ୟୁଜିସି'କୁ ଉଚ୍ଛେଦ କରି 'ଭାରତୀୟ ଉଚ୍ଚ ଶିକ୍ଷା ପରିଷଦ' ନାମରେ ଏକ ଅନୁଷ୍ଠାନ ଗଠନ କରିବାର ପ୍ରସ୍ତାବ ଥିଲା। ସେଥିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଧ୍ୟକ୍ଷ, ଜଣେ ଉପାଧ୍ୟକ୍ଷଙ୍କ ବ୍ୟତୀତ ୧୨ଜଣ ସଦସ୍ୟ ରହିବେ ବୋଲି ଉଲ୍ଲେଖ ଥିଲା। କିନ୍ତୁ ପ୍ରବଳ ବିରୋଧ ପରେ ଉକ୍ତ ବିଲ୍ ପ୍ରତ୍ୟାହୃତ ହୋଇଥିଲା। ଅର୍ଥାତ୍ ପୂର୍ବରୁ କେନ୍ଦ୍ର ସରକାର ଯେଉଁ ଯୋଜନା କରିଥିଲେ ତାହା ହିଁ ଜାତୀୟ ଶିକ୍ଷା ନୀତି-୨୦୨୦ରେ ସ୍ଥାନ ପାଇଲା ଏବଂ ସେହି ଆଧାରରେ 'ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ ବିଧେୟକ ୨୦୨୫' ବିଲ୍ ଏକ ଭିନ୍ନ ରୂପରେ ପ୍ରସ୍ତୁତ ହୋଇଛି।

ଉପରୋକ୍ତ ଚିଠା ପ୍ରସ୍ତାବ ବିରୋଧରେ ମତ ପ୍ରକାଶ ପାଇଛି ଯେ ୟୁଜିସିର ଅର୍ଥନୈତିକ କ୍ଷମତା ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ହାତକୁ ଚାଲିଯିବ। ଏହାଛଡ଼ା ଏଥିରେ ସମାଜର ସବୁବର୍ଗର ପ୍ରତିନିଧିତ୍ୱର ସୁଯୋଗ ରହିବ ନାହିଁ। ସରକାର ନିଜକୁ ସୁହାଇବା ଭଳି(ଏବେ ନିର୍ବାଚନ ଆୟୋଗ ଭଳି) ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତ କରିବେ। ତେଣୁ ଶିକ୍ଷାର ସାର୍ବଜନିକ ଓ ମହତ୍ ଲକ୍ଷ୍ୟ ବ୍ୟାହତ ହେବ। ଏହାଦ୍ୱାରା କେନ୍ଦ୍ର ସରକାର ତାଙ୍କର ନୀତି ଓ ଆଦର୍ଶକୁ ଅନ୍ୟ ଭାଷାଭାଷୀ ରାଜ୍ୟଗୁଡ଼ିକ ଉପରେ ଲଦି ଦେବେ ବୋଲି ମଧ୍ୟ ଅଭିଯୋଗ ହୋଇଛି।

କେବଳ ପରିବର୍ତ୍ତନ ଆଳରେ ପରିବର୍ତ୍ତନ ବିକାଶର ମାନଦଣ୍ଡ ନୁହେଁ। ଏଥିପାଇଁ ସୁଚିନ୍ତିତ ଓ ଦୂରଦର୍ଶୀ ଯୋଜନା ଲୋଡ଼ା। ଜ୍ଞାନୀ, ଗୁଣୀ ଜନପ୍ରତିନିଧିମାନେ ସଂସଦରେ ଏ ସମ୍ପର୍କରେ ଆଲୋଚନା ଓ ବିତର୍କ କରିବେ ନିଶ୍ଚୟ। କିନ୍ତୁ ନୀତି ନିର୍ଦ୍ଧାରଣରେ ଜନତାଙ୍କ ସ୍ୱର ଭାବରେ ଆମେ ସେମାନଙ୍କର ପ୍ରତିକ୍ରିୟା ଓ ମତାମତକୁ ଉପସ୍ଥାପନ କରୁଛୁ। ନୀତି ନିର୍ଦ୍ଧାରକମାନେ ଚୂଡ଼ାନ୍ତ ନିର୍ଣ୍ଣୟ ନେବା ପୂର୍ବରୁ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ତୃଣମୂଳସ୍ତରର ସମସ୍ୟା ଓ ବାସ୍ତବତାକୁ ହୃଦୟଙ୍ଗମ କଲେ ଯୋଜନା ଯୁଗାନ୍ତକାରୀ ହୋଇପାରିବ। ●

## ମଧ୍ୟବିତ୍ତର ରଜତ-ବିହଗ

**ଗୌରୀ ପ୍ରସାଦ ମହାପାତ୍ର**

ଭାରତର ବିମାନ ସେବା ଶିଳ୍ପରେ ସର୍ବାଧିକ ବଜାରଅଂଶ ଦଖଲ କରିଥିବା 'ଇଣ୍ଡିଗୋ'ରେ ଆକସ୍ମିକ ବିଭ୍ରାଟ ସୃଷ୍ଟି ହେବା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ(ଡିଜିସିଏ)ର କର୍ତ୍ତବ୍ୟନିଷ୍ଠା, ସଂସ୍ଥାର ପରିଚାଳନା ଦକ୍ଷତା ଓ ନିଷ୍ପତ୍ତି ଗ୍ରହଣର ସମୟୋଚିତତା, ବିମାନ ସେବାରେ ଏକଚାଟିଆ ସ୍ଥିତିର ବାଧ୍ୟବାଧକତା, ସରକାରୀ ନିଷ୍ପକ୍ଷତା ଆଦି ଉପରେ ପ୍ରଶ୍ନଚିହ୍ନ ଲାଗିଛି। ଏଥିସହିତ ଯୋଡ଼ି ହୋଇଯାଇଛି ଇଣ୍ଡିଗୋ-ବିଭ୍ରାଟରେ ସର୍ବାଧିକ ପ୍ରଭାବିତ, କ୍ଷତିଗ୍ରସ୍ତ ମଧ୍ୟବିତ୍ତ ବର୍ଗର ସ୍ୱପ୍ନ, ବାସ୍ତବତା, ଯନ୍ତ୍ରଣା, ଅଧିକାର ଭଳି କେତେକ ଜଟିଳ ପ୍ରସଙ୍ଗ। ଏହା ଅନସ୍ୱୀକାର୍ଯ୍ୟ ଯେ ଭାରତର ବିମାନସେବା ଶିଳ୍ପର ଉତ୍ଥାନରେ ମଧ୍ୟବିତ୍ତର ରଜତ-ବିହଗ(ପାଶ୍ଚାତ୍ୟ ଓ ବିକଶିତ ରାଷ୍ଟ୍ରରେ ବିମାନର ଆଳଙ୍କାରିକ ଉପାଧି) ବିଚରଣ ସ୍ୱପ୍ନ ହିଁ ନିର୍ଣ୍ଣାୟକ ହୋଇଛି। ଅପରପକ୍ଷରେ ମଧ୍ୟବିତ୍ତର ଏହି ଆକାଂକ୍ଷା ପୂରଣ କରିବାକୁ ଯାଇ ରଜତ-ବିହଗମାନେ ମଧ୍ୟ ଅଜସ୍ର ଜଟିଳ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି। 'ସବଳ ହିଁ ତିଷ୍ଠିବ' - ଡାରୱିନ୍‌ଙ୍କ ଏହି ବିବର୍ତ୍ତନ ତତ୍ତ୍ୱକୁ ବଜାର ଅର୍ଥନୀତିରେ ସଫଳ ପ୍ରୟୋଗ କରି 'ଇଣ୍ଡିଗୋ' ଭଳି କେତେକ ସଂସ୍ଥା ମଧ୍ୟାକାଶରେ ସଦର୍ପେ ପକ୍ଷବିସ୍ତାର କରି ଉଡ଼ି ଚାଲିଛନ୍ତି। ଆଉ କେତେକ ଏହି ଦୁର୍ବାର ଆହ୍ୱାନର ମୁକାବିଲା କରି ନ ପାରି ଧରାଶାୟୀ ହୋଇଛନ୍ତି। ତେଣୁ ମଧ୍ୟବିତ୍ତ ବର୍ଗକୁ ବାଦ୍ ଦେଇ ଭାରତୀୟ ବିମାନ ଶିଳ୍ପର ଅତୀତ, ବର୍ତ୍ତମାନ କିମ୍ବା ଭବିଷ୍ୟତର ଆଲୋଚନା ଅସମ୍ପୂର୍ଣ୍ଣ।

ବିଗତ ଶତାବ୍ଦୀର ନବେଦଶକ ପର୍ଯ୍ୟନ୍ତ ଭାରତରେ ବିମାନ ସେବା କେବଳ ସମ୍ଭ୍ରାନ୍ତ ଓ ଧନାଢ଼୍ୟ ବର୍ଗର କ୍ଷେତ୍ରାଧିକାର ବୋଲି ବଦ୍ଧମୂଳ ଧାରଣା ରହି ଆସିଥିଲା। ନବେ ଦଶକର ପ୍ରାରମ୍ଭରେ ଐତିହାସିକ ଆର୍ଥିକ ସଂସ୍କାର ସହିତ ଏହି ଧାରଣାରେ ଧୀରେଧୀରେ ପରିବର୍ତ୍ତନ ଘଟିଲା। ଜଗତୀକରଣ ବ୍ୟବସ୍ଥାରେ ବହୁଦେଶୀୟ କମ୍ପାନୀମାନେ ମୁଖ୍ୟତଃ ଭାରତର ମଧ୍ୟବିତ୍ତ ଗୋଷ୍ଠୀକୁ ନେଇ ସେମାନଙ୍କର ବଜାର ରଣନୀତି ପ୍ରସ୍ତୁତ କଲେ। ଟେଲିଭିଜନ୍, କମ୍ପ୍ୟୁଟର, ଟେଲିଫୋନ୍, ୱାସିଂମେସିନ୍, ରେଫ୍ରିଜିରେଟର ଆଦି ଦାମିକା ଓ ଆଧୁନିକ ଉପଭୋକ୍ତା ସାମଗ୍ରୀମାନ ଧନୀମାନଙ୍କର ବ୍ୟବହାରିକ ପରିସୀମାରୁ ମୁକ୍ତ ହୋଇ ମଧ୍ୟବିତ୍ତବର୍ଗ ହାତକୁ ଆସିଲା। ତଥାପି ମଧ୍ୟବିତ୍ତ ବର୍ଗ ପାଇଁ ଅପହଞ୍ଚ ରହିଯାଇଥିଲା ବିମାନ ଯାତ୍ରା ବା ରଜତ-ବିହଗରେ ବିଚରଣର ସ୍ୱପ୍ନ।

ମଧ୍ୟବିତ୍ତମାନଙ୍କର ଏହି ସ୍ୱପ୍ନ ସାକାର କରିବାର ମଙ୍ଗ ଧରିଲେ କ୍ୟାପ୍‌ଟେନ୍ ଜି ଆର ଗୋପୀଚାନ୍ଦ। ୨୦୦୪ରେ ବହୁଦେଶୀୟ କମ୍ପାନୀଙ୍କ ବଜାର କୌଶଳ ପ୍ରୟୋଗରେ 'ନୋ ଫ୍ରିଲ୍' ଟିକେଟ୍ ଜରିଆରେ ଭାରତୀୟ ବିମାନ ସେବାରେ ଗୋପୀଚାନ୍ଦ ଆଣିଲେ ବୈପ୍ଳବିକ ପରିବର୍ତ୍ତନ। ଯେତେବେଳେ ଭାରତର ପ୍ରମୁଖ ବିମାନ ସେବା ସଂସ୍ଥା ଯେଉଁ ପଥ ପାଇଁ ୯ ହଜାରରୁ ୧୦ ହଜାର ଟଙ୍କା ନେଉଥିଲେ ଗୋପୀଚାନ୍ଦଙ୍କ 'ଏୟାର ଡେକାନ୍' ସେହି ସମୟରେ ଓ ସେହିପଥରେ ପ୍ରାୟ ୨ ହଜାରରୁ ୩ ହଜାର ଟଙ୍କାରେ ବିମାନ ଯାତ୍ରା ଉପଲବ୍ଧ କରାଇପାରିଲା। ବିମାନରେ ଆରାମଦାୟକ ସେବା ଅପେକ୍ଷା ବିମାନ ଯାତ୍ରା ହିଁ ସର୍ବାଧିକ ଈପ୍‌ସିତ - ମଧ୍ୟବିତ୍ତଙ୍କର ଏହି ମାନସିକତାକୁ ସଠିକ ପଢ଼ିପାରିଥିବା ଗୋପୀଚାନ୍ଦ ଇଣ୍ଡିଆନ୍ ଏୟାର ଲାଇନ୍‌ସ ଓ ଏୟାର ଇଣ୍ଡିଆର ରାଜକୀୟ ଜୀବନଶୈଳୀର ପ୍ରତୀକ(ମାସ୍କଟ) 'ମହାରାଜା' ସାମ୍ନାରେ ଠିଆ କରାଇଲେ ବିଖ୍ୟାତ୍ କାର୍ଟୁନିଷ୍ଟ ଆର କେ ଲକ୍ଷ୍ମଣଙ୍କ 'ସାଧାରଣ ମଣିଷ' ବା 'କମନ୍‌ମ୍ୟାନ୍'। 'କମନ୍‌ମ୍ୟାନ୍'ର ଜୀବନତତ୍ତ୍ୱ ମାଧ୍ୟମରେ ସେ ଦେଖାଇଲେ ମଧ୍ୟବିତ୍ତର ସ୍ୱପ୍ନ ସାକାର ହେବାର ରାସ୍ତା ଏବଂ ସୃଷ୍ଟି କରେ ଯୁଗାନ୍ତକାରୀ ଉଦାହରଣ।

'ଏୟାର ଡେକାନ୍'ର ବ୍ୟବସାୟିକ କୌଶଳର ସଫଳତାରେ ଅନୁପ୍ରାଣିତ ହୋଇ ପରବର୍ତ୍ତୀ ଦୁଇ/ତିନି ବର୍ଷ ମଧ୍ୟରେ ଭାରତୀୟ ବିମାନ ସେବା ଶିଳ୍ପରେ 'ମଧ୍ୟବିତ୍ତର-ବିମାନ' ପରିଚୟ ନେଇ ଆତ୍ମପ୍ରକାଶ କଲେ 'ସ୍ପାଇସ୍ ଜେଟ୍', 'ଏୟାର ସାହାରା', 'ଇଣ୍ଡିଗୋ', 'ପାରାମାଉଣ୍ଟ ଏୟାରୱେଜ୍', 'ଗୋଏୟାର', 'କିଙ୍ଗ୍‌ଫିସର୍' ପରି ପ୍ରାୟ ଡଜନେ ସରିକି କମ୍ପାନୀ। କ୍ରମଶଃ ବଜାର ଅଂଶ ଦଖଲ ପାଇଁ ସେମାନଙ୍କ ଭିତରେ ଆରମ୍ଭ ହେଲା ପ୍ରତିଯୋଗିତା। ଭାରତର ଯେକୌଣସି ସ୍ଥାନକୁ ବିମାନଯାତ୍ରା ମାତ୍ର ୨ ହଜାରରୁ ୫ହଜାର ଟଙ୍କା ମଧ୍ୟରେ ଉପଲବ୍ଧ ହୋଇପାରୁଥିବାରୁ ଯାତ୍ରୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା ସହିତ ବଢ଼ିଚାଲିଲା ବିମାନ ସେବା ସଂସ୍ଥାମାନଙ୍କର ଲାଭାଂଶ।

୨୦୦୮ ପରେ କିନ୍ତୁ ଏହି ଚିତ୍ର ସମ୍ପୂର୍ଣ୍ଣ ବଦଳିଗଲା। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରୁ ବିମାନ ସେବା ସଂସ୍ଥାମାନଙ୍କର ପରିଚାଳନା ପୁଞ୍ଜିର ୫୦% କେବଳ ଇନ୍ଧନ ବାବଦରେ ଖର୍ଚ୍ଚ ହେଲା। ଏଥିସହିତ ବିମାନ ବନ୍ଦର ଭଡ଼ା ମଧ୍ୟ ବୃଦ୍ଧି ପାଇଲା। ବନ୍ଦର ଆଧୁନିକୀକରଣ ନାମରେ ଯାତ୍ରୀମାନଙ୍କଠାରୁ ୟୁଜର୍ସ ଫି ଆଦାୟ କରାଗଲା। କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଏବଂ ସର୍ବୋପରି ବିମାନ କର୍ମଚାରୀ ଓ ପାଇଲଟ୍‌ମାନଙ୍କ ବେତନ ବୃଦ୍ଧି ପରିଚାଳନା ଖର୍ଚ୍ଚକୁ ଆହୁରି ଊର୍ଦ୍ଧ୍ୱମୁଖୀ କଲା। ପାଇଲଟ୍‌ମାନଙ୍କ ଦରମା ହାରାହାରି ପ୍ରାୟ ୧.୫୦ ଲକ୍ଷରୁ ୪.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଲା।

ଏକପକ୍ଷରେ ପରିଚାଳନା ଖର୍ଚ୍ଚ ବୃଦ୍ଧି, ଅପରପକ୍ଷରେ ଭଡ଼ା ଜନିତ ରାଜସ୍ୱ ହ୍ରାସ ଯୋଗୁଁ 'ମଧ୍ୟବିତ୍ତର-ବିମାନ' ସଂସ୍ଥାମାନେ ୨୦୦୭ ସୁଦ୍ଧା ସାମଗ୍ରିକ ଭାବେ ୪୬, ୫୧୫ କୋଟି ଟଙ୍କାର କ୍ଷତି ସହିଲେ। ୨୦୧୩ ମାର୍ଚ୍ଚ ଶେଷ ସୁଦ୍ଧା ସେମାନଙ୍କର ମୋଟ ଋଣ ପରିମାଣ ୯୮, ୭୦୦ କୋଟି ଟଙ୍କା ଟପିଲା। ପରିଣାମ ସ୍ୱରୂପ କେତେକ ବିମାନ ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ହେଲା କିମ୍ବା ଅନ୍ୟ କମ୍ପାନୀ ଦ୍ୱାରା ଅଧିଗୃହୀତ ହେଲା। ଆଉ କେତେକ ଉଡ଼ାଣରେ କାଣ୍ଟଛାଣ୍ଟ କଲେ। ବଜାର ଅଂଶ ଦଖଲର ତୀବ୍ର ପ୍ରତିଯୋଗିତାରେ 'ଏୟାର ସାହାରା'କୁ ଅଧିଗ୍ରହଣ କରିଥିବା 'ଜେଟ୍ ଏୟାରୱେଜ୍', 'ଇଣ୍ଡିଆନ୍ ଏୟାରଲାଇନ୍ସ'କୁ ଅଧିଗ୍ରହଣ କରିଥିବା 'ଏୟାର ଇଣ୍ଡିଆ' ଓ 'ଏୟାର ଡେକାନ୍'କୁ ଅଧିଗ୍ରହଣ କରିଥିବା 'କିଙ୍ଗ୍‌ଫିସର୍' ପରି ବିମାନ କମ୍ପାନୀମାନଙ୍କର ଆର୍ଥିକ ସ୍ଥିତି ଅଧିକ ବିପନ୍ନ ହେବାରେ ଲାଗିଲା। ୨୦୧୨ ଡିସେମ୍ବର ସୁଦ୍ଧା ଭାରତୀୟ ଆକାଶରେ ବେସାମରିକ ବିମାନ ଚଳାଚଳ ବାର୍ଷିକ ୧୯% ହାରରେ ହ୍ରାସ ପାଇଲା। ୨୦୧୦ରେ 'ପାରାମାଉଣ୍ଟ ଏୟାର ୱେଜ୍' ଓ ୨୦୧୨ରେ 'କିଙ୍ଗ୍‌ଫିସର୍' ବନ୍ଦ ହେବା ସହିତ 'ନୋ ଫ୍ରିଲ୍' କୌଶଳର ପ୍ରୟୋଗ ବିଫଳ ସାବ୍ୟସ୍ତ ହେଲା। ୨୦୧୪ରେ ଟାଟା ସନ୍‌ସ ଓ 'ଏୟାର ଏସିଆ'ର ଯୌଥ ଉଦ୍ୟୋଗରେ 'ଏୟାର ଏସିଆ ଇଣ୍ଡିଆ' ନାମରେ ପୁଣି ଏକ 'ମଧ୍ୟବିତ୍ତର-ବିମାନ' ନିଜ ଭାଗ୍ୟ ପରୀକ୍ଷା କରି ବିଫଳ ହେଲା।

ଶେଷରେ ଭୁଶୁଡ଼ି ପଡ଼ିଥିବା ଆର୍ଥିକ ସ୍ଥିତିର ପୁନରୁଦ୍ଧାର ପାଇଁ ବିମାନ ସଂସ୍ଥାମାନଙ୍କ ପାଖରେ ଟିକେଟ୍ ବା ଯାତ୍ରୀ ଭଡ଼ା ବୃଦ୍ଧି ବ୍ୟତୀତ ଅନ୍ୟ ବିକଳ୍ପ ନଥିଲା। ଏୟାର ଇଣ୍ଡିଆ ପ୍ରଥମେ ଏହି ଦୁଃସାହସିକ ପଦକ୍ଷେପ ନେବା ପରେ ଅନ୍ୟ ସଂସ୍ଥାମାନେ ତା'କୁ ଅନୁସରଣ କଲେ। ଆର୍ଥିକ ସ୍ଥିତିରେ ସୁଧାର ଏବଂ ବଜାର ସ୍ଥିତି ବଜାୟ ରଖିବା ଆଳରେ ଭାରତର ବିମାନ ସେବା କ୍ଷେତ୍ରରେ ଟିକେଟ୍ ଦର ବୃଦ୍ଧିର ଆଉ ଏକ ପ୍ରତିଯୋଗିତା ଆରମ୍ଭ ହେଲା। ଏହାକୁ ପ୍ରତିଯୋଗିତା ନ କହି ବରଂ ବ୍ୟବସାୟିକ ଅଭିସନ୍ଧି (କାର୍ଟେଲାଇଜେସନ୍) କହିବା ଅଧିକ ଉଚିତ ହେବ। କାର୍ଟେଲାଇଜେସନ୍ ପ୍ରଭାବରେ ବିମାନ ଯାତ୍ରୀ ଭଡ଼ା ହାରାହାରି ୨୫୦% ରୁ ୩୦୦% ବୃଦ୍ଧି ପାଇବାରୁ ବିମାନ ଯାତ୍ରୀ ସଂଖ୍ୟା ତଦନୁପାତରେ ହ୍ରାସ ପାଇଲା। ଅଧିକାଂଶ ବିମାନରେ ସିଟ୍ ଫାଙ୍କା ପଡ଼ିଲା। ତେଣୁ ଉଭୟ ଯୋଜନାରେ ଭରତୀୟ ବିମାନ ସେବା ସଂସ୍ଥାମାନେ ବିଫଳ ହେଲେ।

କ୍ରମଶଃ ଭାରତୀୟ ବିମାନ ଶିଳ୍ପର ଆର୍ଥିକ ପରିସ୍ଥିତି ଆହୁରି ଉତ୍କଟ ହେଲା। ପ୍ରତିକାର ସ୍ୱରୂପ କେତେକ ବିମାନ 'ଏକ୍‌ଜିକ୍ୟୁଟିଭ୍' ସିଟ୍‌କୁ 'ଇକନୋମି' ସିଟ୍‌ରେ ପରିବର୍ତ୍ତନ କଲେ। ପ୍ରଥମେ 'ସ୍ପାଇସ୍ ଜେଟ୍' ଓ ଏହାର ଦେଖାଦେଖି ଅନ୍ୟ କେତେକ ବିମାନ କମ୍ପାନୀ ଋତୁକାଳୀନ ଶସ୍ତା ଟିକେଟ୍ ଯୋଜନା ଘୋଷଣା କଲେ। ମଧ୍ୟବିତ୍ତ ଯାତ୍ରୀମାନଙ୍କୁ ଆକୃଷ୍ଟ କରିବାରେ ଏହି ଯୋଜନା କେତେକାଂଶରେ ସଫଳ ହେଲେ ହେଁ ରାଜସ୍ୱ କ୍ଷତି ଭରଣାରେ ବିଫଳ ହେଲା। ତେଣୁ ବିମାନସଂସ୍ଥାମାନେ ପ୍ରିମିୟମ୍ ଚାର୍ଜ ଭଳି ଆଉ ଏକ ବିକଳ୍ପ ଉପରେ ଗୁରୁତ୍ୱ ଦେଲେ। 'ଏୟାର ଇଣ୍ଡିଆ' ଫ୍ରି ଲଗେଜ୍ ନିୟମକୁ କଠୋର କଲା ଏବଂ 'ଇଣ୍ଡିଗୋ' ନିର୍ଦ୍ଦିଷ୍ଟ ସିଟ୍ ପାଇଁ ପ୍ରିମିୟମ୍ ଘୋଷଣା କଲା। ଏହାସହିତ ଖାଦ୍ୟପେୟ, ମନୋରଞ୍ଜନ ଓ ଅନ୍ୟାନ୍ୟ କେତେକ ସାମଗ୍ରୀରେ ଅଧିକ ଦେୟଆଦାୟ କରିବା ପାଇଁ ଡିଜିସିଏ ବିମାନ କମ୍ପାନୀମାନଙ୍କୁ ଅନୁମତି ଦେଲା। ଏହିକ୍ରମରେ 'ମଧ୍ୟବିତ୍ତର-ବିମାନ' ସଂସ୍ଥାମାନେ ଧୀରେ ଧୀରେ ଅଣ୍ଟା ସଳଖିବା ଆରମ୍ଭ କରୁଥିବା ବେଳେ ସରକାରଙ୍କ 'ଉଡ଼ାନ(ଉଡ଼େ ଦେଶ୍‌କେ ଆମ୍ ନାଗରିକ)' ଯୋଜନା ଭିଟାମିନ୍ ପରି କାର୍ଯ୍ୟକଲା। ଇଣ୍ଡିଗୋ, 'ଏୟାର ଇଣ୍ଡିଆ ଏକ୍ସପ୍ରେସ୍', 'ଆକାଶ ଏୟାର', 'ସ୍ପାଇସ୍ ଜେଟ୍' ସମେତ ଆହୁରି ୭ଟି ଆଞ୍ଚଳିକ ବିମାନ ସେବା ସଂସ୍ଥା ଜରିଆରେ ମଧ୍ୟବିତ୍ତର ରଜତ-ବିହଗ ବିଚରଣ ସ୍ୱପ୍ନ ପୁଣି ଥରେ ରଙ୍ଗୀନ ହେଲା।

ଏକଚାଟିଆ ଓ ଆଧିପତ୍ୟର ପ୍ରତିଯୋଗିତାରେ 'ଇଣ୍ଡିଗୋ'ର ପକ୍ଷଭଙ୍ଗ ସହିତ ମଧ୍ୟବିତ୍ତର ରଜତ-ବିହଗ ପୁଣି ଥରେ ଦିଗହରା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅର୍ଥନୀତିକୁ ସଙ୍କଟମୁକ୍ତ ରଖିବାକୁ ହେଲେ ରଜତ-ବିହଗମାନଙ୍କୁ 'ଇଣ୍ଡିଗୋ'ରୁ ସୃଷ୍ଟ ବ୍ୟାଧି ସଂକ୍ରମଣରୁ ସୁରକ୍ଷିତ ରଖିବା ଅପରିହାର୍ଯ୍ୟ। ଏ କାର୍ଯ୍ୟଟି କାହାର ତାହା ଉଲ୍ଲେଖ ଅନାବଶ୍ୟକ। ●


ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ହାୟରେ ପୁରସ୍କାର!

**ଧ୍ରୁବ ଚରଣ ଘିବେଲା**

ଏବେ କିଛି ଲେଖକଙ୍କ ପାଖରେ ଯେତୋଟି ପ୍ରକାଶିତ ଲେଖା ନାହିଁ, ତା'ଠୁ ଅଧିକ ପୁରସ୍କାର ରହିଲାଣି ସେମାନଙ୍କ ହାତରେ। ଏହି କରିତକର୍ମା ଲେଖକମାନେ ନାଁକରା ହୋଇସାରିଲେଣି କେବଳ ପୁରସ୍କାର ପାଇଁ। ସାହିତ୍ୟ କିନ୍ତୁ ତାଙ୍କର ନିଶା କିମ୍ବା ପେସା ନଥାଏ। କେବଳ ବାରମାସୀ ସାହିତ୍ୟ ପୁରସ୍କାର ହାତେଇବାରେ ସେମାନେ ଥା'ନ୍ତି ମସଗୁଲ୍। କେଉଁ ଦିନ କେବେ କେଉଁଠୁ ପୁରସ୍କାର ହାତେଇବେ ସେ ନେଇ ତିଆରି କରିଥା'ନ୍ତି ମାଷ୍ଟର ପ୍ଲାନ୍। ଏହି ପୁରସ୍କାରକାଙ୍ଗାଳଙ୍କ ପାଇଁ ପୁରସ୍କାରର ଚମକ ମହକ ଆଜି ଆଉ ଆଗ ଭଳି ରହିପାରୁ ନାହିଁ। ତେଣୁ ପୁରସ୍କାରକୁ ନେଇ ଆଜି ସବୁଠି ଚର୍ଚ୍ଚା ଚାଲିଛି।

କେତେକ ଲେଖକ ଆପଣଉଛନ୍ତି 'ଦିଆ-ନିଆ ଧାରା'। ଅର୍ଥାତ୍ 'ତୁମ୍ଭେ ଦେଲେ ଆମ୍ଭେ ଦେବୁ'। ସଫଳ ବି ହେଉଛନ୍ତି। ସେହି ସଫଳ ଉପଯୋଗିତା, ସେଇ ନିୟମ ଓ ସେଇ ଧାରା ପରେ ଏବେ ଆଉ ଆଉ ଗୋଟେ ଧାରା ଆରମ୍ଭ ହୋଇଛି - ଯାହାର ନାମ 'ବିକା-କିଣା ଧାରା।' ଯେଉଁ ସାହିତ୍ୟସଂସ୍ଥା ପୁରସ୍କାର ବିପଣି ଖୋଲିଥା'ନ୍ତି ସେମାନେ ପୁରସ୍କାରର ନିର୍ଦ୍ଧାରିତ ଦର ଅନୁସାରେ ବିକନ୍ତି। ପୁରସ୍କାର କିଣିବା ପାଇଁ ଲାଳାୟିତ ଦୁର୍ବଳ ଲେଖକ ପୁରସ୍କାର କିଣନ୍ତି ମୂଲଚାଲ କରି। ଉଡ଼ାଜାହାଜ ଉଡ଼ାଣ ଦର ଘଡ଼ିଘଡ଼ିକେ ବଦଳୁଥିବା ଭଳି ପୁରସ୍କାର ଦର କମ ବେଶି ହୋଇଥାଏ।



ପୁରସ୍କାର ଭଳି ଉପାଧି ବିକ୍ରି ହେବା କଥା ମଧ୍ୟ ଶୁଣାଗଲାଣି। ତା'ର ବି ସେମିତି ଦର ଥାଏ। ପୁରସ୍କାର / ଉପାଧି ବିପଣିରେ ମୂଲଚାଲ ବି କୁଆଡ଼େ ଚାଲେ। ଜଣକୁ ଦର ଅଧିକ ମନେ ହେଲେ ସେ କେମିତି କିଣିବେ! ଦର ନେଇ କ୍ରେତା-ବିକ୍ରେତା ଉଭୟ ପକ୍ଷ ରାଜି ହେଲେ ଯାଇ ପୁରସ୍କାର କିଣାବିକା ସମ୍ଭବ ହୁଏ। ପୁରସ୍କାର ମିଳୁ କି କିଣା ଯାଉ ପୁରସ୍କାର ପ୍ରହସନ ଥମୁ ନାହିଁ। କ୍ୱଚିତ କେଉଁ ଅନୁଷ୍ଠାନ ସ୍ୱଚ୍ଛ ପୁରସ୍କାର କେଉଁଠି ଦେଉ ଥାଇପାରନ୍ତି ଆଜିର ଦିନରେ।

ସାଧାରଣତଃ ପୁରସ୍କାର ପାଇବା ପାଇଁ ପୁରସ୍କାର ଆଣିବାକୁ ଯିବାକୁ ପଡ଼ିଥାଏ। ଏବେ ତହିଁରେ ବି ପରିବର୍ତ୍ତନର ଗନ୍ଧ ଜଣାପଡ଼ିଲାଣି। କେଉଁଠି କେଉଁଠି ବାରି ହେଲାଣି। ଯେଉଁଠି ବିବାହ ପାଇଁ ପୁଅ ବାହା ହୋଇ ଆସେନି ଝିଅ ଘରକୁ, ସେଇଠି ଝିଅ ଯାଏ ପୁଅ ଘର ପାଖକୁ। ସେଠି ହୁଏ ବିବାହ। ସେଇ ରୀତିରେ ପୁରସ୍କାର ଦେଉଥିବା ସଂସ୍ଥା ଆସିଲେଣି ପୁରସ୍କାର ପାଉଥିବା ପୁରସ୍କାରମନସ୍କ ଲେଖକର ସଂସ୍ଥା ପାଖକୁ। ପୁରସ୍କାରମନସ୍କ ସେଇ ଲେଖକର ନିଜ ସଂସ୍ଥାର ବାର୍ଷିକ ଉତ୍ସବରେ ନିଜେ ଭିଡ଼ିଥିବା ମଞ୍ଚରେ ପୁରସ୍କାର ଛିନ୍ଦେ(ପାଏ) ପୁରସ୍କାର ଦେବାକୁ ଆସିଥିବା ସଂସ୍ଥା ନିକଟରୁ। ଏମିତି ହେଲାଣି ଆଜି ପୁରସ୍କାର ପାଇବାର (ହାତେଇବାର) ଗତି ଓ ରୀତି। ପୁରସ୍କାର ନେବାରେ ଆଉ ଲାଜସରମ ବି ରହୁ ନାହିଁ।

ବାର୍ଷିକ ଉତ୍ସବ ଆଗରୁ କିଏ କିଏ ସମ୍ବର୍ଦ୍ଧିତ ହେବେ ତାହା ବି ଘୋଷଣା ହୁଏ ନାହିଁ। ଆଜି କିଛି ସାହିତ୍ୟ ସଂସ୍ଥା ନିଜ ମଞ୍ଚରୁ ନିଜେ ଯେତେବେଳେ ପୁରସ୍କାର ନେବେ, କେମିତି ଆଗରୁ ଘୋଷଣା କରନ୍ତେ ଯେ ଇଏ ସିଏ ପୁରସ୍କାର ପାଇବେ? ଆଗରୁ ଘୋଷଣା କଲେ ଅଧିକ ଲଜ୍ଜିତ ହୋଇପାରନ୍ତି। ଧନ୍ୟ କହିବା ନିଶ୍ଚୟ ସେଇ ପୁରସ୍କାର କାଙ୍ଗାଳଙ୍କୁ, ତାଙ୍କର ମାନସିକତାକୁ। ଖାଲି ସେତିକି ନୁହେଁ, ଏମିତି ବ୍ୟକ୍ତିଙ୍କୁ ଅତିଥି କରନ୍ତି, ଯିଏ ରାଜ୍ୟସ୍ତରୀୟ କେଉଁ କମିଟିରେ ଜୁରି ସଦସ୍ୟ ହେଲେ ସେଇ ପୁରସ୍କାର କାଙ୍ଗାଳର ନାଁ ସୁପାରିସ କରିବେ ଆଉ କେଉଁ ପୁରସ୍କାର ହାତେଇବା ପାଇଁ ଆଗାମୀ ଦିନରେ ଯାହା ଯାହାଠୁ ଉପକୃତ ହୋଇପାରିବେ, ସେଇ ସେଇ ମୂର୍ଦ୍ଧନ୍ୟଙ୍କୁ ଅତିଥି ଆସନରେ ବସାଇଥା'ନ୍ତି। ଆଗକୁ ଆଉ କେଉଁ ପୁରସ୍କାର ଉପରେ ଆଖି ରଖାଯାଇ ଅତିଥି ଆଣନ୍ତି। ପରବର୍ତ୍ତୀ କାଳରେ କେବେ ବି ସେଇ ଅତିଥିଙ୍କ ଦ୍ୱାରା ଉପକୃତ ହେବାର ଆଶା ରଖନ୍ତି।

ମୋଟାମୋଟି ଭାବେ ଏମାନେ ସାରା ରାଜ୍ୟରେ ପୁରସ୍କାର ଲୁଟିବାର ଏକ ରାକେଟ ତିଆରି କରିଥିବାର ଅନୁମାନ କରାଯାଏ। ଏମାନେ ସାହିତ୍ୟ ସେବାରେ ନିଜକୁ ନିୟୋଜିତ ରଖନ୍ତି କମ, ଅନୁଷ୍ଠାନ ନାମକୁ ମାତ୍ର ଗଢ଼ି ନିଜେ ପ୍ରତିଷ୍ଠାତା ବୋଲାଇ ଅନୁଷ୍ଠାନକୁ ଢାଲ କରି ନିଜ ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ କେବଳ ଚେଷ୍ଟିତ ଥା'ନ୍ତି। ଆଉ ପୁରସ୍କାର ଲୁଟେରା ସାଜି ନିଜ ପରିଚୟ ବଳୟ ତିଆରିବା କାମ ଅଧିକ କରନ୍ତି। ସେଭଳିଆ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ତଥା ଆକାଂକ୍ଷାକୁ ତାଙ୍କ ପଛଲିଆ ଦଳ ବୁଝିପାରନ୍ତି କି ନାହିଁ - ଏ କଥା ଯେ ଭାବିବ ସେ ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ତଥାପି ଧନ୍ୟ କହିବା ସେଇ ପୁରସ୍କାର କାଙ୍ଗାଳ ପୁରସ୍କାର ହଡ଼ପକାରୀଙ୍କୁ। ●

ବଡଦରାଜ(ବୌଦ୍ଧ), ମୋ: ୯୪୩୭୪୭୮୪୬୬

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

### ପାନ
(Betel-Piper betel)

ପ୍ରକୃତି-ପରିବେଶ

'ପାନ' ଦକ୍ଷିଣ-ପୂର୍ବ ଏସିଆ, ବିଶେଷକରି ଭାରତ, ଫିଲିପାଇନ୍ସ, ବାଂଲାଦେଶ, ଇଣ୍ଡୋନେସିଆ, ଶ୍ରୀଲଙ୍କା, ମାଲେସିଆ ଆଦି ଦେଶମାନଙ୍କର ମୂଳ ଜାତ। ଉପନିବେଶ ଯୁଗରେ ଭାରତୀୟ ପ୍ରବାସୀମାନଙ୍କ ଦ୍ୱାରା ଏହା କାରିବିଆନ ଅଞ୍ଚଳକୁ ଯାଇଥିଲା। ବର୍ତ୍ତମାନ ଏହା ବିଶ୍ୱର ଅନେକ ଦେଶରେ ବହୁଳ ଉପଲବ୍ଧ। ପାନର ଅନେକ ଶ୍ରୁତିମଧୁର ନାମଗୁଡ଼ିକ ମଧ୍ୟରେ ତାମ୍ବୁଳ, ପୂର୍ଣ୍ଣତାମ୍ବୁଳ, ଭୂଜ୍ୟଲତା, ସପ୍ତଲତା, ନାଗବଲ୍ଲୀ ଅନ୍ୟତମ। ଭାରତ ଓ ଶ୍ରୀଲଙ୍କାରେ ପାରମ୍ପରିକ ଭାବରେ ସମ୍ମାନ ଓ ଶୁଭାରମ୍ଭର ଚିହ୍ନ ଭାବରେ ପାନ ପତ୍ରର ଏକ ବିଡ଼ା ପ୍ରଦାନ କରାଯାଏ। ଅଧିକାଂଶ ପୂଜା ଏବଂ ଶୁଭ ଅବସରରେ ଏବଂ ବିବାହ ପାଣି ଗ୍ରହଣ ଉତ୍ସବରେ ପାନ ପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ।

'ପାନ' ଏକ ଚିରହରିତ, ବହୁବର୍ଷୀୟ ଲତା, ଯାହାର କାଣ୍ଡ ସାମାନ୍ୟ କାଠିଆ ଏବଂ ପତ୍ର ଚକଚକିଆ ହୃଦୟ ଆକୃତିର। ଏହା ଗୋଟିଏ ବର୍ଷ ମଧ୍ୟରେ ୨-୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡର ଗଣ୍ଠିଗୁଡ଼ିକ ଫୁଲିଥାଏ ଏବଂ ସେଥିରୁ ଛୋଟ ଛୋଟ ଚେର ଉତ୍ପନ୍ନ ହୁଏ ଯାହା ଏହାକୁ ଆଶ୍ରୟ ଦେଉଥିବା ଗଛରେ ଆରୋହ କରିବାରେ ସାହାଯ୍ୟ କରେ। ପ୍ରତ୍ୟେକ ଗ୍ରନ୍ଥ ବା ଗଣ୍ଠିରେ ଗୋଟିଏ ଲେଖାଏଁ ପତ୍ର ଥାଏ। ପୁଷ୍ପଦଗମ ପତ୍ର କକ୍ଷରେ କାଣ୍ଡର ଗଣ୍ଠିରେ ବିକଶିତ ହୁଏ। ଫୁଲଗୁଡ଼ିକ ବହୁତ ଛୋଟ; ପୁଂକେଷ ୨ ଟି; ଗର୍ଭକେଶ ୪- ବା ୫ ଟି। ଫଳଗୁଡ଼ିକ ଯୌଗିକ ମାଂସଳ, ଲାଲ ବର୍ଣ୍ଣ। ବିହନଗୁଡ଼ିକ ମସୃଣ, ଆୟତାକାରରୁ ଲମ୍ବାଳିଆ। ଫୁଲ ଫୁଟିବାର ଋତୁ ହେଉଛି ମେ-ଜୁଲାଇ।

'ପାନ'ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ କବକ ବୃଦ୍ଧି, କର୍କଟ, ପାକସ୍ଥଳୀ ପ୍ରଦାହ, କୋଷ୍ଠକାଠିନ୍ୟ, ଆଲର୍ଜିକ୍ ପ୍ରତିକ୍ରିୟା, କ୍ଷତ, ରକ୍ତ ଶର୍କରା ନିୟନ୍ତ୍ରଣ, ବିଷମୁକ୍ତି ଆଦ ଉପଚାର ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଥିରେ ଥିବା ଆଲକାଲଏଡ୍, ଚାଭିବେଟୋଲ୍, ସାଫ୍ରୋଲ୍, ୟୁଜେନୋଲ୍, ଆଇସୋୟୁଜେନୋଲ୍, ଜର୍ମାକ୍ରେନ୍ ଡି, ହାଇଡ୍ରୋକ୍ସିଚାଭିକୋଲ୍, କାରିଓଫାଇଲିନ୍, ଫାଇଟୋଷ୍ଟେରୋଲ୍ (ବିଟା-ସିଟୋଷ୍ଟେରୋଲ୍, ବିଟା-ଡାଉକୋଷ୍ଟେରୋଲ୍, ଷ୍ଟିଗମାଷ୍ଟେରୋଲ୍ ଇତ୍ୟାଦି), ଆଲକାଲଏଡ୍ (ପାଇପେରିନ୍, ପେଲିଟୋରିନ୍, ପାଇପର୍ଡାର୍ଡିନ୍, ଗୁଇନିନ୍ସାଇନ୍ ଇତ୍ୟାଦି), ଲିଗନାନ୍ (ପିନୋରେସିନୋଲ୍), ଆରିଷ୍ଟୋଲୋଲାକ୍ଟାମ୍ ଏ-୨, ଏକ ଫିନାଇଲ୍ପ୍ରୋପେନ୍, ୪-ଆଲିଲ୍ ରିସୋର୍ସିନଲ୍ ଓ ଏକ ଡାଇକେଟୋଷ୍ଟେରୋଏଡ୍ ଷ୍ଟିଗମାଷ୍ଟ-୪-ଏନ-୩, ୬-ଡାୟୋନ୍ ଆଦି ଜୈବ ରସାୟନ ଭରପୂର ରହିଛି। ଏହାର ଅତ୍ୟାବଶ୍ୟକ ତେଲରେ ପ୍ରାୟ ୫୦ଟି ବିଭିନ୍ନ ଯୌଗିକ ଉପାଦାନ ଥାଏ, ଯାହା ମଧ୍ୟରୁ ମୁଖ୍ୟ ଉପାଦାନଗୁଡ଼ିକ ହେଉଛି ୟୁଜେନୋଲ୍, କାରିଓଫାଇଲିନ୍, ଟେର୍ପିନୋଲେନ୍, ଟେର୍ପିନେନ୍, କାଡିନେନ୍ ଏବଂ ୩-କାରେନ।

ପାନ ଲତା ମୁଖ୍ୟତଃ ମୌସୁମୀ ଋତୁର ଆରମ୍ଭରେ ଲଗାଯାଏ। ଏହାର କାଣ୍ଡ ଦୁର୍ବଳ ହୋଇଥିବାରୁ ଆଶ୍ରୟ ପାଇଁ ଏକ ସୁସଙ୍ଗତ ଗଛ କିମ୍ବା ଏକ ଲମ୍ବା ଖୁଣ୍ଟ ଆବଶ୍ୟକ ହୁଏ। ମାଟିକୁ ଖୋଳରେ ହଳ କରାଯାଏ। ତେଲ ପିଠା, ଖତ, କାଠ କୋଇଲା ପାଉଁଶ, ଗୋବର ଏବଂ ଶୁଖିଲା ପତ୍ରଗୁଡ଼ିକୁ ଖୋଳର ଉପର ମାଟି ସହିତ ସମ୍ପୂର୍ଣ୍ଣ ଭାବରେ ମିଶାଇ ଦିଆଯାଏ। ଏହି ଫସଲର ସଫଳ ଚାଷ ପାଇଁ ଉପଯୁକ୍ତ ଛାଇ ଏବଂ ନିୟମିତ ଜଳସେଚନ ଜରୁରୀ। ପାନକୁ ନିରନ୍ତର ଆର୍ଦ୍ର ମାଟି ଆବଶ୍ୟକ, କିନ୍ତୁ ଅତ୍ୟଧିକ ଆର୍ଦ୍ରତା ରହିବା ଉଚିତ୍ ନୁହେଁ। ଜଳବନ୍ଦୀ, ଲୁଣିଆ ଏବଂ କ୍ଷାରୀୟ ମାଟି ଏହାର ଚାଷ ପାଇଁ ଅନୁପଯୁକ୍ତ। ତିନିରୁ ଛଅ ମାସ ମଧ୍ୟରେ, ଲତାଗୁଡ଼ିକ ୧୫୦ ରୁ ୧୮୦ ସେମି ଉଚ୍ଚତାରେ ପହଞ୍ଚିଥାଏ ଏବଂ ସେମାନେ ଶାଖା ସୃଷ୍ଟି କରନ୍ତି। ଅମଳ ୧୫ ଦିନରୁ ଗୋଟିଏ ମାସ ପର୍ଯ୍ୟନ୍ତ ରହିଥାଏ। ଅମଳ ହୋଇଥିବା ପତ୍ରଗୁଡ଼ିକୁ ସ୍ଥାନୀୟ ଭାବରେ ବ୍ୟବହାର କରାଯାଏ ଏବଂ ଏସିଆ, ମଧ୍ୟପ୍ରାଚ୍ୟ, ୟୁରୋପ, ଆମେରିକାର ଅନ୍ୟାନ୍ୟ ଅଞ୍ଚଳକୁ ରପ୍ତାନି ପାଇଁ ବିଡ଼ା ବାନ୍ଧି ପ୍ରସ୍ତୁତ ରଖାଯାଏ। ସହସ୍ରାଧିକ ପ୍ରକାରର ପାନ ଅଛି। ସେଥିମଧ୍ୟରୁ ବନାରସି ପାନ, ଦେଶୀ ପାନ, ମିଠା ପତ୍ର ପାନ, ମଘୀପାନ, ଚନ୍ଦ୍ରକଣା ପାନ, ବଙ୍ଗାଳି ପାନ ପ୍ରମୁଖ। ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ ଛାଚି ପାନ ବା ସାରୁଆ ପାନ ଚାଷ ହେଉଥିବା ବେଳେ ଅବଶିଷ୍ଟ ଅଞ୍ଚଳରେ ତିନି ପ୍ରକାର ମେଳକ ପାନ ଯଥା ନାଉଆ, ଆଲୁ ପତ୍ରିକା ଓ ରାଶି ମେଳକ ପାନ ଚାଷ ହୁଏ। ପାନ ଲତା ଚାଷ ଶିଳ୍ପ ପ୍ରାୟ ୪/୫ଲକ୍ଷ କୃଷି ପରିବାରକୁ ରୋଜଗାର ପ୍ରଦାନ କରେ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସଚେତନତା ଅଭାବରୁ ଦିଗହରା ପିଏମ୍ ବିଶ୍ୱକର୍ମା ଯୋଜନା

## ଜିଲ୍ଲାର ଏକମାତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଉଛନ୍ତି ହାତଗଣତି କାରିଗର

ବ୍ରହ୍ମପୁର,୧୪।୧୨(ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପିଏମ୍ ବିଶ୍ୱକର୍ମା ଯୋଜନା ଗଞ୍ଜାମ ଜିଲ୍ଲାରେ ଦିଗହରା ହେବାକୁ ବସିଛି। ତୃଣମୂଳସ୍ତରରେ ସଚେତନତା ଅଭାବରୁ ଏହି ଯୋଜନା କାରିଗରଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଫଳରେ କାରିଗରଙ୍କୁ ଦକ୍ଷତା ପ୍ରଶିକ୍ଷଣ, ଦକ୍ଷତା ରୁପାନ୍ତରୀକରଣ ଓ ପ୍ରସ୍ତୁତ କରୁଥିବା ଉତ୍ପାଦର ବିକ୍ରିବଟା ପାଇଁ ବଜାର ସୃଷ୍ଟି କରିବା ଭଳି ସରକାରଙ୍କ ଲକ୍ଷ୍ୟ ହାସଲ ହୋଇପାରୁନାହିଁ।
କୁଶଳୀ କାରିଗରଙ୍କ ଦକ୍ଷତା ବିକାଶ ସହ କୌଳିକ ବୃତ୍ତିକୁ ଏକ ନୂତନ ପରିଚୟ ପ୍ରଦାନ ନିମନ୍ତେ ୨୦୨୩ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍-ବିଶ୍ୱକର୍ମା ଯୋଜନା ଲୋକାର୍ପିତ କରିଥିଲେ। ଏହି ଯୋଜନାରେ ୧୮ ପ୍ରକାର କୌଳିକ ବୃତ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ କୌଳିକ ବୃତ୍ତି ଉପରେ ନିର୍ଭର କରୁଥିବା କାରିଗରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଏ। ଏହାସହ ତାଲିମ କେନ୍ଦ୍ରରେ ମାର୍କେଟିଂ ଓ ଆନୁଷଙ୍ଗିକ ଭିତ୍ତିଭୂମି ପ୍ରଦାନ ସହ ମାନପତ୍ର ଏବଂ ଆର୍ଥିକ ସହାୟତା ଠାରୁ ଆରମ୍ଭ କରି ସରକାରୀସ୍ତରରେ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ସରକାରୀ ସ୍ତରରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏକ୍ଷେତ୍ରରେ ସଚେତନତାର ଅଭାବ ଥିବା ଅଭିଯୋଗ ହୋଇଛି।

ବ୍ରହ୍ମପୁର ସ୍ଥିତ ସିଟିସିସି ସମ୍ପ୍ରସାରଣ କେନ୍ଦ୍ରରେ କାରିଗରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଗତ ୩ମାସ ଧରି ପଥର ଶିଳ୍ପୀ, କୁମ୍ଭାର ଓ ବେତ କାରିଗରଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ ଦିଆଯାଉଛି। ୩ଟି ବ୍ୟାଚରେ ୭୮ଜଣ ପ୍ରଶିକ୍ଷଣ ନେଇଛନ୍ତି। ଗୋଟିଏ ବ୍ୟାଚରେ ସର୍ବାଧିକ ୪୦ଜଣ କାରିଗରକୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ଥିବାବେଳେ ମାତ୍ର ୧୨ରୁ ୧୫ଜଣ ହିଁ ପ୍ରଶିକ୍ଷଣ ନେଉଥିବା ଦେଖିବାକୁ ମିଳିଛି। ଜଣେ ଆବେଦନକାରୀଙ୍କ ଆବେଦନର ଯାଞ୍ଚ ପଞ୍ଚାୟତରୁ ଆରମ୍ଭ କରି ଜିଲ୍ଲା ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ ଓ ରାଜ୍ୟସ୍ତରୀୟ ଜିଲ୍ଲା ଫେଲିସିଟେସନ ଅଫିସରଙ୍କ ଅନୁମୋଦନ ସହ ତିନୋଟି ପର୍ଯ୍ୟାୟରେ ଆବେଦନକାରୀଙ୍କ ନିରୀକ୍ଷା କରାଯାଇଥାଏ। ଏହାପରେ ଆବେଦନକାରୀ ତଥା କାରିଗରଙ୍କ ପାଇଁ ଉଦ୍ଦିଷ୍ଟ ସାପ୍ତାହିକ ପ୍ରଶିକ୍ଷଣ ଶିବିରରେ ପ୍ରଥମ ଦିନକୁ ଜିରୋ ଦିବସ ଏବଂ ଶେଷ ଦିନକୁ ଆସେସ୍‌ମେଣ୍ଟ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରଶିକ୍ଷଣ ନେଉଥିବା ଜଣେ କାରିଗର ପିଛା ୬ହଜାର ୨୫୦ଟଙ୍କାର ଆର୍ଥିକ ସହାୟତା ସହିତ ଅତ୍ୟାଧୁନିକ ଟୁଲ କିଟ୍ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ତାଲିମ ଗ୍ରହଣ ପରେ




କାରିଗର ନିକଟକୁ ଡ଼ାକବିଭାଗ ଜରିଆରେ ଟୁଲ୍ କିଟ୍ ଯୋଗାଇ ଦିଆଯାଇଥାଏ। ଏହା ବ୍ୟତିତ ତାଲିମପ୍ରାପ୍ତ କାରିଗରଙ୍କୁ ଋଣ ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିଛି। ତେବେ ଏହି ଯୋଜନାରେ ପ୍ରଶିକ୍ଷଣ ନେବା ପାଇଁ ଗଞ୍ଜାମ ଜିଲ୍ଲାରେ ମୋଟ ୭୨ହଜାର ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୧୬ହଜାର ୪୭୬ଜଣ କାରିଗରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନାରେ ସାମିଲ କରାଯାଇଛି। ଅନ୍ୟମାନଙ୍କୁ ବିଭିନ୍ନ କାରଣ ଦର୍ଶାଇ ବାଦ୍ ଦିଆଯାଇଛି। ସେହିଭଳି ତାଲିମପ୍ରାପ୍ତ କାରିଗରଙ୍କ ମଧ୍ୟରୁ କେବଳ ୨୦୮୫ଜଣଙ୍କୁ ଋଣ ମିଳିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବରୁ କିଛି ଘରୋଇ ସଂସ୍ଥାର ସହଭାଗିତାରେ ଜିଲ୍ଲାର ୨୩ଟି ସ୍ଥାନରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଥିଲା ଯାହା ବର୍ତ୍ତମାନ କେବଳ ବ୍ରହ୍ମପୁରର ଗୋଟିଏ କେନ୍ଦ୍ରରେ ହେଉଛି। କେନ୍ଦ୍ରରେ ରହିବା ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ବେଳେ ଦୂରଦୂରାନ୍ତରୁ ଆବେଦନକାରୀ ଏଠାକୁ ଆସି ପ୍ରଶିକ୍ଷଣ ନେବାକୁ ଆଗ୍ରହ ପ୍ରକାଶ କରୁନଥିବା ଦେଖିବାକୁ ମିଳୁଛି। ଏଭଳି ଭାବେ ସଚେତନତା ଅଭାବ ସାଙ୍ଗକୁ ଆବଶ୍ୟକ ଭିତ୍ତିଭୂମିର ଅଭାବ କାରଣରୁ ଜିଲ୍ଲାରେ ଥିବା ଏକମାତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ମଧ୍ୟ ପ୍ରତି ବ୍ୟାଚରେ ହାତଗଣତି କାରିଗର ପ୍ରଶିକ୍ଷଣ ନେଉଥିବା ଜଣାପଡ଼ିଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ଏହି ଯୋଜନାର ପ୍ରଚାର ପ୍ରସାର କରିବା ସହ ତୃଣମୂଳ ସ୍ତରରେ କାରିଗରଙ୍କ ନିକଟରେ ଯୋଜନାର ଲାଭ ସମ୍ପର୍କରେ ଅବଗତ କରିବା ଜରୁରୀ ହୋଇପଡ଼ିଛି।

## ଦିଲ୍ଲୀ ପୁଲିସ ଦ୍ୱାରା ଭଦ୍ରକରୁ ୨ ଯୁବକ ଗିରଫ ଘଟଣା

# ବିସ୍ଫୋରଣରେ ହାତ ନାହିଁ; ମିଳିଛି ଅନ୍‌ଲାଇନ୍ ଠକେଇ ଲିଙ୍କ୍

ଭଦ୍ରକ,୧୪।୧୨(ସମିସ): ଦିଲ୍ଲୀ ପୁଲିସ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରୁ ୨ ଯୁବକଙ୍କୁ ଗିରଫ ଘଟଣାରେ ନେଇ ଏବେ ବିଭିନ୍ନ ଚର୍ଚ୍ଚା ଚାଲିଥିବାବେଳେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ଶ୍ରୀ ରାଉତ କହିଛନ୍ତି ଯେ ଏହି ୨ଯୁବକଙ୍କର ଦିଲ୍ଲୀ କାର୍ ବିସ୍ଫୋରଣ ମାମଲା ସହ କୌଣସି ସମ୍ପର୍କ ନାହିଁ। ତେବେ ଏମାନେ ଅନ୍‌ଲାଇନ୍ ଠକେଇ ମାମଲାରେ ଗିରଫ ହୋଇଛନ୍ତି। ଡିଜିଟାଲ ଆରେଷ୍ଟ ମାମଲାରେ ବ୍ୟବହାର ମୋବାଇଲ୍ ନମ୍ବର୍ ଏମାନଙ୍କ ନିକଟରେ ଥିଲା। ଦିଲ୍ଲୀ ପୁଲିସ ଭଦ୍ରକ ପୁଲିସକୁ ସ୍ପଷ୍ଟ ତଥ୍ୟ ଦେଇଥିବା କହିଛନ୍ତି ଏସ୍‌ପି ଶ୍ରୀ ରାଉତ।

ସୂଚନାଯୋଗ୍ୟ, ବେଆଇନ ସିମ୍ ଏବଂ ନକଲି ଫୋନ୍ ବିକ୍ରି ଅଭିଯୋଗରେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ ବଜାରରେ ଥିବା ମୋବାଇଲ୍ ଦୋକାନୀ ସନ୍ତୋଷ ଖଣ୍ଡାଇକୁ ଦିଲ୍ଲୀ ପୁଲିସ୍ ଗିରଫ କରିଥିଲା। ସେହିଭଳି ବନ୍ତ ଅଞ୍ଚଳର ମହେଶ୍ୱର ଖୁଣ୍ଟିଆଙ୍କୁ ବି ଉଠାଇନେଇଥିଲା ଦିଲ୍ଲୀ ପୁଲିସ। ଭଣ୍ଡାରିପୋଖରୀ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ସନ୍ତୋଷଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେ ନକଲି ମୋବାଇଲ ଓ ସିମ୍ ବିକ୍ରି କରୁଥିବା ଜଣା ପଡ଼ିଥିଲା। ପରେ ଅଭିଯୁକ୍ତ ସନ୍ତୋଷ ଓ ମହେଶ୍ୱରଙ୍କୁ ଭଦ୍ରକ କୋର୍ଟର ଟ୍ରାନଜିଟ୍ ରିମାଣ୍ଡରେ ଦିଲ୍ଲୀ ନିଆଯାଇଥିବା ଜଣାପଡ଼ିଛି। ଦୁହେଁ ମିଶି ନୂଆ ସିମ୍ କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କର ଆଧାର କାର୍ଡ ଉପଯୋଗ କରି ଅଜଣାତରେ ଏକକାଳୀନ ବହୁ ସିମ୍‌କୁ ଆକ୍ଟିଭ କରୁଥିବା ସୂଚନା ମିଳିଛି। ଗ୍ରାହକଙ୍କୁ ଗୋଟିଏ ସିମ୍ କାର୍ଡ ଦେଇ ଅନ୍ୟଗୁଡ଼ିକ ଆକ୍ଟିଭ କରି ଚଢ଼ା ଦରରେ ଠକଙ୍କୁ ବିକ୍ରି କରୁଥିଲେ। ଏହି ସିମକାର୍ଡଗୁଡ଼ିକ ଅପରାଧିକ କାର୍ଯ୍ୟରେ ବ୍ୟବହାର ହେଉଥିଲା। ଦିଲ୍ଲୀ ସାହିନବାଗ ଥାନାରେ ଏ ନେଇ ରୁଜୁ ହୋଇଥିବା ମାମଲାରେ ଅଭିଯୁକ୍ତଙ୍କ ଠାରୁ ବେଆଇନ ସିମକାର୍ଡ ଜବତ ହେବା ପରେ ଏହି ଘଟଣାର ପର୍ଦ୍ଦାଫାସ ହୋଇଥିଲା।

## ବିଫଳ ପ୍ରେମିକଙ୍କ ଉନ୍ମତ୍ତ କାଣ୍ଡ

# ପ୍ରେମିକାର ତଣ୍ଟି କାଟିଲା ପରେ ନିଜ ତଣ୍ଟି କାଟିଲା

ଫୁଲବାଣୀ/ଫିରିଙ୍ଗିଆ,୧୪।୧୨(ସମିସ): ପ୍ରେମରେ ବିଫଳ ହେବାପରେ ପ୍ରେମିକ ଘଟାଇଛି ଉନ୍ମତ୍ତ କାଣ୍ଡ। ଛୁରୀରେ ପ୍ରେମିକାଙ୍କ ସହ ନିଜର ବେକ କାଟି ପକାଇଛି। ଉଭୟ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ। ଏଭଳି ଘଟଣା ଘଟିଛି ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ପିଅନପଡ଼ା ଅଞ୍ଚଳରେ।

ସୂଚନା ଅନୁଯାୟୀ, ଭଞ୍ଜନଗର ନିକଟ ଗୋବରା ବଣିପଲ୍ଲୀର ଶୁଭମ ସ୍ୱାଇଁଙ୍କ ପିଅନପଡ଼ା ଅଞ୍ଚଳର ଜନୈକା ଯୁବତୀଙ୍କ ସହିତ ପ୍ରାୟ ତିନି ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା। ଉଭୟେ ବାହା ହେବାକୁ ପରସ୍ପରକୁ କଥା ଦେଇଥିଲେ। ମାତ୍ର ପ୍ରେମିକାଙ୍କ ଅନ୍ୟତ୍ର ବିବାହ ପ୍ରସ୍ତାବ ଆସିବାରୁ ସେ ରାଜି ହୋଇଯାଇଥିଲେ। ଏହା ଶୁଣି ପ୍ରେମିକର ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଶନିବାର ସନ୍ଧ୍ୟାରେ ଫୁଲବାଣୀରେ ପହଞ୍ଚି ପ୍ରେମିକାଙ୍କ ଘରେ କେହି ନ ଥିବା ବେଳେ ଘରକୁ ଯାଇ ପୁଣି ବାହା ହେବାକୁ ନେହୁରା ହୋଇଥିଲା। ମାତ୍ର ପ୍ରେମିକା ମନା କରିବାରୁ ଏକ ଛୁରୀରେ ତାଙ୍କ ବେକକୁ କାଟି ଦେଇଥିଲା। ଚିତ୍କାର ଶୁଣି ପଡ଼ୋଶୀ ଧାଇଁ ଆସି ଯୁବକଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବା ଦେଖି ଶୁଭମ ଧରିଥିବା ଛୁରୀରେ ନିଜ ବେକକୁ ମଧ୍ୟ କାଟି ଦେଇଥିଲେ। ଉଭୟେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କହିଛନ୍ତି ଡାକ୍ତର। ଟାଉନ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଟାଉନ ଥାନା ଅଧିକାରୀ ପି.ସ୍ୱରୂପ କିଶନ୍ କହିଛନ୍ତି।

# ସୁଟାଣୀ ଘାଟିରେ ଡକାୟତଙ୍କୁ ଧରି ନିର୍ଘୁମ୍ ଛେଚିଲେ ଗ୍ରାମବାସୀ

ଫିରିଙ୍ଗିଆ,୧୪।୧୨(ସମିସ): ଫିରିଙ୍ଗିଆ ଓ କନ୍ଧମାଳ ବ୍ଲକ ସୀମାନ୍ତ ଲୁଇସିଂ ପଞ୍ଚାୟତର ସୁଟାଣୀ ଘାଟିରେ ୨ ଡକାୟତଙ୍କୁ ଧରି ଶନିବାର ରାତିରେ ଗ୍ରାମବାସୀ ନିର୍ଘୁମ ମାଡ଼ ମାରିବା ପରେ ଗୋଚ୍ଛାପଡ଼ା ପୁଲିସ ଜିମା ଦେଇଛନ୍ତି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ଜନମୁର ଗାଁର ହେମନ୍ତ କଉର(୨୫) ଓ ଇନ୍ଦ୍ରଜିତ ମହାନନ୍ଦ(୨୬)।




ପ୍ରକାଶ ଯେ, ଫିରିଙ୍ଗିଆ ଓ କନ୍ଧମାଳ ବ୍ଲକ ସୀମାନ୍ତ ଲୁଇସିଂ ପଞ୍ଚାୟତର ସୁଟାଣୀ ଘାଟିରେ ନିୟମିତ ଲୁଟ୍‌ପାଟ କରୁଥିଲେ ଡକାୟତ। ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରି ସୁନା, ଟଙ୍କା, ମୋବାଇଲ ଏମିତି କି ବାଇକ, କାର ମଧ୍ୟ ଲୁଟି ନେଉଥିବା ପୂର୍ବରୁ ଅଭିଯୋଗ ହୋଇଛି। ଲୋକେ ଡକାୟତଙ୍କୁ କାବୁ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେମାନେ ଅସ୍ତ୍ରଶସ୍ତ୍ର ଦେଖାଇ ଭୟଭୀତ କରି ଫେରାର ହୋଇଯାଉଥିଲେ। କିଛିଦିନ ତଳେ ଏକ ବୋଲେରୋକୁ ଅଟକାଇ ଦୁର୍ବୃତ୍ତ ଲୁଟ୍‌ପାଟ୍ କରିଥିବାବେଳେ ଶନିବାର କୁଏରମାଣ୍ଡୁ ପଞ୍ଚାୟତର ତେତେଲ ପଡାଗାଁର ଜରନି କହଁର ପୁଅର ଦେହ ଅସୁସ୍ଥ ଥିବାରୁ ସ୍ତ୍ରୀ ଓ ପୁଅକୁ ଧରି ବାଇକ୍‌ରେ କନ୍ଧମାଳ ଯାଉଥିବାବେଳେ ସୁଟାଣୀ ଘାଟିରେ କିଛି ଡକାୟତ ସେମାନଙ୍କୁ ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ଭୟଭୀତ କରି ବାଇକ, ମୋବାଇଲ ଓ ୨୫ ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏହାର କିଛି ସମୟ ପୂର୍ବରୁ ଅନ୍ୟକିଛି ଲୋକଙ୍କ ଠାରୁ ଲୁଟିବାକୁ ଉଦ୍ୟମ କରିଥିବାରୁ ସେମାନେ ନିକଟରେ ଥିବା ଗାଁରେ ସୂଚନା ଦେଇଥିଲେ। ଗ୍ରାମବାସୀ ଖବର ପାଇ ଘାଟିକୁ ଘେରିଯାଇ ହେମନ୍ତ ଓ ଇନ୍ଦ୍ରଜିତଙ୍କୁ କାବୁ କରି ନିର୍ଘୁମ ଚେଚ୍ଛିଥିବାବେଳେ ଅନ୍ୟ ୨ ଜଣ ଖସି ପଳାଇଥିଲେ। ଖବର ପାଇ ଗୋଚ୍ଛାପଡ଼ା ପୁଲିସ ପହଞ୍ଚିବା ପରେ ଅଟକ ଦୁଇ ଡକାୟତଙ୍କୁ ଗ୍ରାମବାସୀ ସେମାନଙ୍କ ଜିମା ଦେଇଥିଲେ। ପୁଲିସ ହେମନ୍ତ ଓ ଇନ୍ଦ୍ରଜିତ୍‌ଙ୍କ ଠାରୁ ୨୫ ଶହ ଟଙ୍କା, ମୋବାଇଲ ଓ ବାଇକ ଜବତ କରିଛି। ଏନେଇ ଗୋଚ୍ଛାପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୁଟାଣୀ ଘାଟିରେ ବାରମ୍ବାର ଏଭଳି ଲୁଟପାଟ୍ ହେଉଥିବାରୁ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦେଶରେ ରୁଜୁ ମାମଲା କ୍ଷେତ୍ରରେ ବିଦେଶରେ ପଞ୍ଜିକୃତ ଫୌଜଦାରୀ ମାମଲା ବାଧକ ନୁହେଁ: ହାଇକୋର୍ଟ

କଟକ,୧୪।୧୨(ସମିସ): ବିଦେଶରେ ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ପଞ୍ଜିକୃତ ହୋଇଥିବାରୁ ଭାରତରେ ସମାନ ତଥ୍ୟ କିମ୍ବା ସମାନ ଅପରାଧ ପାଇଁ ରୁଜୁ ମାମଲାରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୌମ୍ୟରଞ୍ଜନ ପଣ୍ଡାଙ୍କ ତରଫରୁ ରୁଜୁ ଏକ ଜାମିନ ଆବେଦନକୁ ମଞ୍ଜୁର କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ରାୟ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ବିରୁଦ୍ଧରେ ଜାମ୍ବିଆରେ ଏକ ଫୌଜଦାରୀ ମାମଲା ପଞ୍ଜୀକରଣ କିମ୍ବା ୱାରେଣ୍ଟ ଜାରି ହେବା ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ଭାରତରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରତିବନ୍ଧକ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। କେବଳ ଏହି ପ୍ରତିବନ୍ଧକ ସେତେବେଳେ ପ୍ରଯୁଜ୍ୟ ହେବ ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ଏକ ଅଦାଲତ ଦ୍ୱାରା କୌଣସି ଅପରାଧ ପାଇଁ ଅଭିଯୁକ୍ତ କିମ୍ବା ଦୋଷମୁକ୍ତ କରାଯାଇଥିବ ବୋଲି ପ୍ରକାଶିତ ରାୟରେ ହାଇକୋର୍ଟ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିରୋଧରେ ଜାମ୍ବିଆରେ ଏକ ଆର୍ଥିକ ଠକେଇ ଅଭିଯୋଗ ହୋଇଥିଲା। କମ୍ପାନୀ ଆକାଉଣ୍ଟରୁ ଯାଜପୁରସ୍ଥିତ ନିଜ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟକୁ ୧ଲକ୍ଷଡଲାର ଟ୍ରାନ୍ସଫର କରିଥିଲେ। ଜାମ୍ବିଆରେ ତାଙ୍କ ବିରୁଦ୍ଧରେ ଏକ ଅପରାଧିକ ମାମଲା ରୁଜୁ ସହ ୱାରେଣ୍ଟ ଜାରି କରାଯାଇଥିଲା।



ସେହିଭଳି ନିଯୁକ୍ତିଦାତା କମ୍ପାନୀର ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଯାଜପୁର ବରି ରାମଚନ୍ଦ୍ରପୁର ଥାନାରେ ଏକ ଏତଲା ରୁଜୁ କରାଯାଇଥିଲା। ପୁଲିସ ଏହି ଘଟଣାରେ ଆବେଦନକାରୀଙ୍କୁ ଗିରଫ କରିଥିବା ବେଳେ ଯାଜପୁରର ଜେଏମଏଫସି ଅଦାଲତରେ ଜାମିନ ଖାରଜ ହେବାରୁ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାରତ ବାହାରେ ଆବେଦନକାରୀଙ୍କ ବିରୋଧରେ ମାମଲା ରହିଥିବାରୁ ଏଠାରେ ଜାମିନ ଆବେଦନକୁ ସରକାରୀ ଓକିଲ ବିରୋଧ କରିଥିଲେ। ଯେହେତୁ ଉକ୍ତ ଅପରାଧ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାରଯୋଗ୍ୟ ଏବଂ ତାଙ୍କ ପାସପୋର୍ଟ ଜବତ କରାଯାଇଛି। ଏଣୁ ମାମଲାରେ ଆବେଦନକାରୀଙ୍କୁ ହେପାଜତରେ ପଚରାଉଚରା ଆବଶ୍ୟକ ନଥିବାରୁ ତାଙ୍କୁ ଜାମିନରେ ମୁକ୍ତ କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।


**AFFIDAVIT**

By virtue of an affidavit sworn before Notary public Bhubaneswar on dated 12.12.2025, I Dipuna Gouda permanent resident of At-Bharasa, Po-Mathura, Sub Dist-Khalikote, Dist-Ganjam, Odisha, Pin-761030 declare that I have changed my name from Dipun Kumar Gouda to Dipuna Gouda. Henceforth I shall be known as **DIPUNA GOUDA** for all purposes.
Dipuna Gouda

**AFFIDAVIT**

By virtue of an affidavit sworn before Notary public Bhubaneswar on dated 12.12.2025, I Kajala Parichha permanent resident of At-Dengapadar, Jayantigada, Po-G.Dengapadar, Sub Dist-Gangapur, Dist-Ganjam, Odisha, PIN-761124 declare that I have changed my name from Kajal Paricha to Kajala Parichha. Henceforth I shall be known as **KAJALA PARICHHA** for all purposes.
Kajala Parichha

**NOTICE**
(Above 18 years of age)

By Virtue of an Affidavit sworn before the Excutive Magistrate, Udala, Mayurbhanj, dated 13-11-2025 I, Sail Sethi, Address At- Jadurghera, Po-Balidiha, Ps- Khunta, Dist-Mayurbhanj, Pin- 757109 declare that I have changed my name Sail Dei to Sail Sethi. Henceforth I shall be known as Sail Sethi for all purposes.
Sail Sethi


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଷ୍ଟ୍ରେଲିଆରେ ଆତଙ୍କୀ...

୧୯୯୬ ଏପ୍ରିଲ ୨୮ ରେ ଏକ ବଡ଼ ଧରଣର ଗୁଳିକାଣ୍ଡ ହୋଇଥିଲା ଓ ଏହାକୁ ପୋର୍ଟ ଆର୍ଥର ନରସଂହାର ବୋଲି କୁହାଯାଇଥିଲା। ଏଥିରେ ୩୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୩ ଜଣ ଆହତ ହୋଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ ସିଡନୀର ବଣ୍ଡି ବିଚ୍‌ରେ ରବିବାର ଲୋକମାନେ ଛୁଟି କାଟିବାକୁ ଯାଇ ସେଠାରେ ଉତ୍ସବ ମନାଉଥିବା ବେଳେ ଦୁଇଜଣ ଆତଙ୍କବାଦୀ ସେମାନଙ୍କ ଉପରେ ଗୁଳି ବର୍ଷା ଆରମ୍ଭ କରିଥିଲେ। ଇହୁଦୀମାନେ ହୁନକା ଉତ୍ସବ ପାଳନ କରିବା ବେଳେ ଏହି ଆକ୍ରମଣ ହୋଇଥିଲା ବୋଲି ଅଧିକାରୀମାନେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସାମାଜିକ ଗଣମାଧ୍ୟରେ ପ୍ରସାରିତ ହେଉଥିବା ଭିଡିଓ ଫୁଟେଜରେ କଳା ପୋଷାକ ପିନ୍ଧିଥିବା ଦୁଇଜଣ ଯୁବକ ରାସ୍ତା ଉପରେ ଠିଆ ହୋଇ ଉଚ୍ଚ କ୍ଷମତା ସମ୍ପନ୍ନ ବନ୍ଧୁକରୁ ଗୁଳି ଫୁଟାଉଥିବା ଲକ୍ଷ୍ୟ କରାଯାଉଛି। ପାଖରେ ଥିବା ଲୋକମାନେ ଚିତ୍କାର କରି ଜୀବନ ବଞ୍ଚାଇବା ପାଇଁ ଦୌଡ଼ୁଥିବା ଦେଖାଯାଇଛି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣକୁ ପୁଲିସ ଗୁଳି କରିଛି। ଅନ୍ୟଜଣକୁ ସାଧାରଣ ଲୋକେ କାବୁ କରି ନେଇଥିଲେ। ଏବେ ସେ ପୁଲିସ ହେପାଜତ୍‌ରେ ଅଛି। ସିଡନୀ ମର୍ଣ୍ଣିଂ ହେରାଲ୍ଡ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀମାନେ ପ୍ରାୟ ୫୦ ରାଉଣ୍ଡ ଗୁଳି ଚଳାଇଥିଲେ। ପୁଲିସ ଜବାବ ଦେବାକୁ ବାଧ ହୋଇଥିଲା ଘଟଣାସ୍ଥଳରୁ ଦୂରେଇ ରହିବାକୁ ପୁଲିସ ଜନସାଧାରଣଙ୍କୁ ନିର୍ଦ୍ଦେଶ ଦେଇଛି।

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନୀଜ ଏହି ଘଟଣା ନେଇ ଦୁଃଖ ବ୍ୟକ୍ତ କରି କହିଛନ୍ତି ଯେ, ବଣ୍ଡିର ଦୃଶ୍ୟଗୁଡିକ ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ। ପୁଲିସ ଓ ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଘଟଣାସ୍ଥଳରେ କାର୍ଯ୍ୟ କରୁଛନ୍ତି। ମୋର ଭାବନା ପ୍ରଭାବିତ ବ୍ୟକ୍ତିଙ୍କ ସହିତ ଅଛି। ମୁଁ ବର୍ତ୍ତମାନ ଏଏଫ୍‌ପି କମିଶନର ଓ ନ୍ୟୁ ସାଉଥୱେଲ୍ସ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଉଛି। ଆମେ ବର୍ତ୍ତମାନ ପୁଲିସ ସହିତ ମିଶି କାର୍ଯ୍ୟକରୁଛୁ। ପୁଲିସ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ଆଖାପାଖ ଲୋକଙ୍କୁ ଅନୁରୋଧ କରୁଛି।

ଉଲ୍ଲେଖଥାଉ କି, ସିଡ୍‌ନୀର ପୂର୍ବ ଉପକୂଳରେ ବଣ୍ଡି ବେଳାଭୂମି ୩,୦୦୦ ମିଟର ପର୍ଯ୍ୟନ୍ତ ଲମ୍ବି ରହିଛି। ଏହା ସିଡନୀ ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳି। ଲୋକେ ଏଠାକୁ ଛୁଟି କଟାଇବାକୁ ଆସିଥାନ୍ତି। ୧୧ ବର୍ଷ ତଳେ ସିଡନୀରେ ଏହଭଳି ଏକ ଘଟଣା ଘଟିଥିଲା। ସେତେବେଳେ ସିଡନୀର ଲଣ୍ଡ କାଫ୍‌ରେ ଜଣେ ବନ୍ଧୁକଧାରୀ ୧୮ ଜଣ ଲୋକଙ୍କୁ ପଣବନ୍ଦୀ ରଖିଥିଲା। ଏହି ଘଟଣାରେ ଦୁଇଜଣ ପଣବନ୍ଦୀ ଓ ଆକ୍ରମଣକାରୀ ମୃତ୍ୟୁବରଣ କରିଥିଲେ।

### ନିତିନ ନବୀନ...

କୁମାରଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଥିବା ନୀତୀନଙ୍କୁ ରାଜ୍ୟ ସ୍ତରରେ ଦଳର ବିଚକ୍ଷଣ ରଣନୀତିକାର ବୋଲି କୁହାଯାଉଛି। ସ୍ୱର୍ଗତ ବିJେପି ନେତା ନବୀନ କିଶୋର ଶର୍ମାଙ୍କ ପୁଅ ନୀତୀନ ଆରମ୍ଭରୁ ଆରଏସଏସ୍ ସହ ସଂପୃକ୍ତ ରହି ଆସିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିରେ ୧୯୮୦ରେ ଜନ୍ମ ଗ୍ରହଣ କରିଥିବା ନୀତୀନ ତାଙ୍କ ପିତାଙ୍କ ମୃତ୍ୟୁ ପରେ ୨୦୦୬ରେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିଥିଲେ। ୨୦୦୬ ଠାରୁ ଆରମ୍ଭ କରି ୨୦୧୦, ୨୦୧୫, ୨୦୨୦ ଏବଂ ୨୦୨୫ରେ ମଧ୍ୟ କ୍ରମାଗତ ଭାବେ ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି।

ସଭାପତି ଭାବେ ନିଯୁକ୍ତ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୀତୀନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସେ ଉଲ୍ଲେଖ କରିଛନ୍ତି ଯେ ନୀତୀନ ଜଣେ ପରିଶ୍ରମୀ କର୍ମୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଜଣେ ଯୁବ ଓ ପରିଶ୍ରମୀ ନେତା। ତାଙ୍କ ପାଖରେ ବଳିଷ୍ଠ ସାଂଗଠନିକ କ୍ଷମତା ଓ ଏ ନେଇ ଯଥେଷ୍ଟ ଅନୁଭବ ରହିଛି। ବିହାରରେ ସେ ବିଧାୟକ ଓ ମନ୍ତ୍ରୀ ଭାବେ ସଫଳତାର ସହ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି। ବିଜେପିର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଉଛି।

ଉଲ୍ଲେଖଥାଉ କି ବିଜେପିର ଅଧ୍ୟକ୍ଷ ପଦ ଦୌଡ଼ରେ ଶିବରାଜ ସିଂହ ଚୌହାନ, ସୁନୀଲ ବଂଶଲ, ଧର୍ମେନ୍ଦ୍ର ପ୍ରଧାନ, ରଘୁବର ଦାସ, ବାନତୀ ଶ୍ରୀନିବାସନ, ତାମିଲସାଇ ସୌନ୍ଦର୍ଯ୍ୟରାଜନ, ଡି ପୁରେନ୍ଦେଶ୍ୱରୀଙ୍କ ଭଳି ନେତାଙ୍କୁ ନେଇ ଜାତୀୟ ରାଜନୀତିରେ ଚର୍ଚ୍ଚା ଚାଲିଥିଲା।

### ବିହାର ରାସ୍ତାରେ...

କରି ଦୁଇ ବର୍ଷରେ କେତେ ବେଆଇନ୍ ବନ୍ଧୁକ ଜବତ ହୋଇଥିଲା ବୋଲି ପ୍ରଶ୍ନ କରିଥିଲେ। ଏହି ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ୭୧୬ଟି ବନ୍ଧୁକ ମିଳିଥିଲା ବେଳେ ୨୦୨୪ ମସିହାରେ ୫୭୨ଟି ବନ୍ଧୁକ ଜବତ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୪ ମସିହାରେ ଟୁଇନ୍‌ସିଟିରୁ ୭୧ଟି ବନ୍ଧୁକ ମିଳିଥିଲା ବେଳେ ୨୦୨୫ ମସିହାରେ ଟୁଇନ୍ ସିଟିରେ ୧୦୦ରୁ ଊର୍ଦ୍ଧ୍ୱ ବନ୍ଧୁକ ମିଳିଲାଣି।

ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଭିତରେ ଦେଶୀ ବନ୍ଧୁକ ପ୍ରସ୍ତୁତ କରୁଥିଲେ। ହେଲେ ଏବେ ଉପକୂଳ ଜିଲ୍ଲା ଗୁଡ଼ିକରେ ଦେଶୀ ନୁହେଁ ବିଦେଶୀ ବନ୍ଧୁକ ତିଆରି କାରଖାନା ଚାଲୁଛି। ବର୍ଷ ବର୍ଷ ଧରି ଏହି ବନ୍ଧୁକ କାରଖାନା ଚାଲୁଥିଲେ ମଧ୍ୟ ସ୍ଥାନୀୟ ପୁଲିସକୁ ସାମାନ୍ୟତମ ସୁରକ୍ ମିଳୁନି। କଟକ ଜିଲା ୪୨ ମୌଜା ଅଞ୍ଚଳରେ ଏକ ବନ୍ଧୁକ କାରଖାନା ୧ବର୍ଷ ଧରି ଚାଲୁଥିଲା। ହେଲେ ପୁଲିସକୁ ଖବର ବି ନଥିଲା। ଏସ୍‌ଟିଏଫ୍ ଚଢାଉ କଲାପରେ ବିପୁଳ ପରିମାଣରେ ବନ୍ଧୁକ ଜବତ କଲା। ଗତକିଛି ଦିନ ଧରି କମିଶନରେଟ୍ ପୁଲିସ ନିୟମିତ ଭାବେ ୫ରୁ ଅଧିକ ବନ୍ଧୁକ ଜବତ କରୁଛି। ଏହା ମଧ୍ୟରେ ମାରାତ୍ମକ କାରବାଇନ୍ ବନ୍ଧୁକ ରହୁଛି। ଯାହାକୁ ଦେଖିଲେ ଲାଗୁଛି ଯେ କେହିବି କିଣିବ ସେ ଯେପରି ଯୁଦ୍ଧ ଘୋଷଣା କରିବାକୁ ଯାଉଛି।

### ଅମଳ ବେଳରେ...

ହେବନି ବୋଲି ଭାବି ଧାନ ମୂଳ ଏବଂ ବିଲରେ ପଡ଼ିଥିବା କୁଟାକୁ ସଫା କଲେ ଟ୍ରାକ୍ଟର ଯୋଗେ ଚାଷ କରି ମୁଗ ବୁଣିବାର ଲକ୍ଷ୍ୟ ନେଇ ଗଜେନ୍ଦ୍ର ତାଙ୍କ ବିଲରେ ରବିବାର ସକାଳେ ନିଆଁ ଲଗାଇଥିଲେ। ମାତ୍ର ପାଖ ବିଲରେ କଟା ହୋଇ କଚଡ଼ା ପଡ଼ିଥିବା ଧାନକୁ ନିଆଁ ଧରିପକାଇଥିଲା। ଏହା ଦେଖି ଗଜେନ୍ଦ୍ର ବିଚଳିତ ହୋଇପଡ଼ିଥିଲେ। ପାଖ ବିଲର ନିଆଁକୁ ଲିଭାଇବାକୁ ବହୁ ଉଦ୍ୟମ କରିଥିଲେ ହେଁ ସେଥିରେ ବିଫଳ ହୋଇଥିଲେ ଏବଂ ବିଲରେ ପଡ଼ିଯାଇଥିଲେ। ଫଳରେ ସେହି ନିଆଁରେ ପୋଡ଼ିହୋଇ ମୃତ୍ୟୁବରଣ କରିଥିଲେ। ତେବେ ଅନ୍ୟ ଚାଷୀମାନେ ସେମାନଙ୍କ ବିଲକୁ ଯିବାରେ ଗଜେନ୍ଦ୍ରଙ୍କର ପୋଡ଼ିହୋଇ ମୃତ୍ୟୁ ହୋଇଥିବାର ଦେଖି ଡାକପକାଇଥିଲେ। ଡାକ ଶୁଣି ଗ୍ରାମର ତଥା ଆଖପାଖ ଗ୍ରାମର ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ପୁଲିସକୁ ଜଣାଇଥିଲେ। ଖବର ପାଇ ପିପିଲି ପୁଲିସ ଏବଂ ଅରିଶଳ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହିତ ତଦନ୍ତ ଜାରି ରଖିଛି।

### ଓଡ଼ିଶାରେ ସୁରକ୍ଷିତ...

କରିଥିବା ଛତିଶଗଡ ପୁଲିସ ସୂତ୍ରରୁ ପ୍ରକାଶ। ହେଲେ ନୂଆପଡା ଜିଲ୍ଲା ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ଥିବା ଏକ ସୂତ୍ରରୁ ଜଣାପଡିଛି। ଉଲ୍ଲେଖ ଯୋଗ୍ୟ ଯେ ଗତ ଦୁଇ ମାସ ମଧ୍ୟରେ ଛତିଶଗଡ ପୁଲିସ ହାତରେ କ୍ୟାଡର ମାଓ ଲିଡରମାନେ ମୃତାହତ ହେବାପରେ ତଳିଆ କ୍ୟାଡର ମାନେ କୁଆଡେ ନୂଆପଡା ଜିଲ୍ଲାର ଦୁର୍ଗମ ଜଙ୍ଗଲକୁ ସୁରକ୍ଷିତ ଜାଗା ବୋଲି ତାଲିମ କେନ୍ଦ୍ର କରି ରହୁଥିବା ଚର୍ଚ୍ଚା ହେଉଛି। ରାତି ଅଧିଆ ଜଙ୍ଗଲ ତଳି ଗାଁ ମାନଙ୍କରେ ଯାଇ ବୈଠକ ମଧ୍ୟ କରୁଥିବା କୁହାଯାଉଛି। ଆଗକୁ କିଛି ବଡ ଧରଣର ଅଘଟଣ କରିବାକୁ ସଜବାଜ କରୁଥିବା କିଛି ଲୋକ ନିଜ ନାମ ଗୋପନ ରଖିବାକୁ କହି ସୂଚନା ଦେଇଛନ୍ତି। ଅନ୍ୟପଟେ ଜିଲ୍ଲା ପୁଲିସର କୁମ୍ବିଂ ଅପରେସନ ମଧ୍ୟ ଆଖି ଦୃଶିଆ ହେଉନଥିବା କୁହାଯାଉଛି।

### ବନ ବିଭାଗରେ...

ତେବେ କାହା ପରାମର୍ଶରେ ଥର ଗାଡ଼ି କିଣାଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

ଅନୁରୂପ ଭାବରେ ଯେଉଁ ଗାଡ଼ି ଗୋଟାକୁ ୧୪.୦୧ ଲକ୍ଷ ଟଙ୍କା ଦେଇ ଜଙ୍ଗଲ ବିଭାଗ କିଣିଛି, ସେହି ଗାଡ଼ିର ସବୁଠୁ ଟପ୍ ମଡେଲ ମୂଲ୍ୟ ୧୯.୭ ଲକ୍ଷ। ତେଣୁ ସେହି ଗାଡ଼ି କ୍ରୟ ନ କରି ବେସ୍ ମଡେଲ ଗାଡ଼ି କିଣି ପ୍ରତି ଗାଡ଼ିରେ ୧୦.୨୮ ଲକ୍ଷ ଟଙ୍କା ମୋଡ଼ିଫିକେସନ ବାବଦରେ ଖର୍ଚ୍ଚ କେଉଁ ବୁଦ୍ଧିମାନର କାର୍ଯ୍ୟ ବୋଲି ମୋଟର ଯାନ ଓ ପରିବହନ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ଯେ ସରକାର କେବଳ ୫୧ଟି ଥର୍ କଥା ବିଧାନସଭାରେ ଉଲ୍ଲେଖ କରିଛନ୍ତି। ମାତ୍ର ମାତ୍ର ଆହୁରି କିଣାଯାଇଥିବା ୮୯ଟି ଇସୁଜୁ ଓ ଯୋଦ୍ଧା ଗାଡ଼ି କଥା ଏଠାରେ ଉଲ୍ଲେଖ କରାଯାଇ ନାହିଁ। ଗାଡ଼ି କିଣାରେ ଅନେକ ଦୁର୍ନୀତି ହେଇଛି। ଗୋଟିଏ ଥର୍ ଗାଡ଼ି ପିଛା ପ୍ରାୟ ୨.୭୫ ଲକ୍ଷ ଟଙ୍କା ରିହାତି ଦିଆଯାଇଥିଲେ ବି ଏ କଥା କେହି ଉଲ୍ଲେଖ କରିନାହାନ୍ତି। ପୁଣି ଏକ କାଳୀନ ୧୦ଟି ଗାଡ଼ି କିଣିଲେ, ଗୋଟିଏ ଗାଡ଼ି କମ୍ପାନୀ ସମ୍ପୂର୍ଣ୍ଣ ମାଗଣା ଦେଉଥିଲା। ପୁଲିସ ବାହିନୀ ନିଜ ଗାଡ଼ି କିଣିବା ବେଳେ ମଧ୍ୟ ୧୦ ଗାଡ଼ିରେ ଗୋଟିଏ ଗାଡ଼ି ମାଗଣାରେ ପାଆନ୍ତି। ତାହେଲେ ବନ ବିଭାଗ ମାଗଣାରେ ପ୍ରତି ୧୦ଟି ଗାଡ଼ି ପିଛା ପାଇଥିବା ୫ଟି ମାଗଣା ଗାଡ଼ି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସମସ୍ତ ଗାଡ଼ି ୨୦୨୪ ମସିହା ନଭେମ୍ବରରେ କିଣା ଯାଇଥିବା ବେଳେ ଉଭୟ ଗାଡ଼ି କିଣା ଏବଂ ମୋଡିଫିକେସନ ବାବଦରେ କୋଟି କୋଟି ଟଙ୍କା କାହିଁକି ବ୍ୟୟ କରାଗଲା ଓ ମୋଡ଼ିଫିକସନ ପାଇଁ କେଉଁ ପରିବହନ ଅଧିକାରୀ ଅନୁମତି ଦେଇଥିଲେ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଏପରିକି ଏହି ଗାଡ଼ି କିଣା ପାଇଁ ଅର୍ଥ ବିଭାଗର ଅନୁମତି ମିଳିଥିଲା କି ନାହିଁ ତାହା ମଧ୍ୟ ଏଯାଏ ସନ୍ଦେହାଛନ୍ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲ ମଧ୍ୟରେ ଏହି ଗାଡ଼ିର ଉପାଦେୟତା ଖୁବ କମ୍ ଥିବାବେଳେ କାହା ସ୍ୱାର୍ଥ ପୂରଣ ପାଇଁ ଏହି ଗାଡ଼ି କ୍ରୟ କରାଗଲା ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମୋଡିଫିକେସନ କରିବା ଆଗରୁ ପରିବହନ ବିଭାଗ ଏଥିପାଇଁ ଆବଶ୍ୟକୀୟ ଅନୁମୋଦନ ଦେଇଛି କି ନାହିଁ ମଧ୍ୟ ପ୍ରଶ୍ନ ଉଠିଛି।


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

ସକାଳ THE SAKALA



www.sakalaepaper.com

## ବରୀ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା

# 'ବରୀରୁ ଆରମ୍ଭ ହେଉ ଆଉ ଏକ ସ୍ୱାଧୀନତା ସଂଗ୍ରାମ'



**ବରୀ, ୧୪।୧୨(ସମିସ):** ସ୍ୱାଧୀନତା ସଂଗ୍ରାମରେ ବରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବରୀ ହେଉଛି ସ୍ୱାଧୀନତା ସଂଗ୍ରାମର ଏକ୍ସଡ଼ିଶାଳ। ଆମକୁ ବିନା ହାତଗୁଞ୍ଜାରେ ଠିକ୍ ସମୟରେ ସେବା ମିଳୁ ନାହିଁ। ତେଣୁ ବରୀରୁ ଆଉ ଏକ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ରାଜ୍ୟ ପଶୁ ସମ୍ପଦ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ସତ୍ୟରଞ୍ଜନ ରାଉତ ଯୋଗଦେଇ କହିଲେ ଯେ ନିଜକୁ କୃତଜ୍ଞ କରିନେଲେ ଜୀବନ ସାର୍ଥକ ହୋଇଥାଏ। ଆମେ ବିଶ୍ୱ ରଙ୍ଗମଞ୍ଚରେ କେବଳ ଅଭିନୟ କରୁଛେ ତେଣୁ ହିଂସା ନୁହେଁ, ବଙ୍ଗ ସମସ୍ତେ ସମସ୍ତଙ୍କୁ ଭଲ ପାଇ ବସିଲେ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। କଳା ସାହିତ୍ୟ ସଂସ୍କୃତି ପରିଷଦ, ବରୀ ପକ୍ଷରୁ ଅନୁଷ୍ଠିତ ତୃତୀୟ ବରୀ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା ବାଲିଆପାଳସ୍ଥିତ ବିଧାନଚନ୍ଦ୍ର ଏକାଡେମୀ ପଡ଼ିଆରେ ସଭାପତି ଡ. ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପିଲାମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ଗଗନ ବିହାରୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କୋଷାଧ୍ୟକ୍ଷ ବିଜୟ କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ଉପସଭାପତି ଡ. ସୁବାସ ଚନ୍ଦ୍ର ବିଶ୍ୱାଳ ସାଧାରଣ ସଂଗ୍ରାମୀ ମଞ୍ଚ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ନାରାୟଣ ଚନ୍ଦ୍ର ଦାଶ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ବୈଜ୍ଞାନିକ ଚିରରଞ୍ଜନ ମିଶ୍ର ଓ ଆଦର୍ଶ କୃଷକ ପ୍ରଫୁଲ୍ଲ ଚନ୍ଦ୍ର ସାମଲଙ୍କୁ ବରୀ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନା ମାନପତ୍ର ପାଠ କରିଥିବା ବେଳେ ପ୍ରଶାନ୍ତ କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଭଜନ ଶଙ୍ଖକ୍ଷେତ୍ର, ନିଆଳିର କଳାକାରମାନଙ୍କ ପକ୍ଷରୁ ସୁଗମ ସଙ୍ଗୀତ ପରିବେଷଣ କରାଯାଇଥିଲା। ଯାଜପୁରର ନାଟ୍ୟସଂସ୍ଥା ଆହ୍ୱାନ ପକ୍ଷରୁ ମଞ୍ଚ ନାଟକ ବୋଉ ଦର୍ଶକ ମାନଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଶିକ୍ଷକମାନଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗାଡ଼ି ଧକ୍କାରେ ଜଣେ ମୃତ ପ୍ରତିବାଦରେ ରାସ୍ତାରୋକ

**କୋରେଇ, ୧୪।୧୨(ସମିସ):** କୋରେଇ ଥାନା ଅନ୍ତର୍ଗତ ରଗଡ଼ି ରଘୁ ଢାବା ସମ୍ମୁଖରେ ଆଜି ରାତି ପ୍ରାୟ ୮ ଟା ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକ ହେଉଛନ୍ତି ସ୍ଥାନୀୟ ଅଣ୍ଡାରୀ ଚଢ଼େଇପାଟିଆ ଗ୍ରାମର ପ୍ରଦୀପ ମଲ୍ଲିକ। ସେ ରଗଡ଼ ପଲିଟେକନିକରେ ଜଣେ କର୍ମଚାରୀ ଭାବେ କାମ କରୁଥିଲେ। ନିଜ ଘରକୁ ସାଇକେଲ ଯୋଗେ ଫେରୁଥିବା ବେଳେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକେ ମୃତକ ପରିବାରକୁ କ୍ଷତିପୂରଣ ସହିତ ଘଟଣାର ତଦନ୍ତ କରିବାକୁ ଦାବି କରି ରାସ୍ତାରୋକ କରିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଉତ୍ତ୍ୟକ୍ତ ଗ୍ରାମବାସୀ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ରିଜିଓନାଲ ଡିଗ୍ରୀ ମହାବିଦ୍ୟାଳୟରେ ସଚେତନତା

**ଦଶରଥପୁର, ୧୪।୧୨(ସମିସ):** ରିଜିଓନାଲ ଡିଗ୍ରୀ କଲେଜର ଅଡିଟୋରିୟମ ହଲ୍‌ରେ (ଆଇସିସି) ର ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ସାମାଜିକ ସୁରକ୍ଷା ଓ ନିରାପତ୍ତା ସଂକ୍ରାନ୍ତୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବରେ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ଓଡ଼ିଆ ବିଭାଗ ମୁଖ୍ୟ (ବିଏନ୍‌ଏଏ ମହାବିଦ୍ୟାଳୟ) ପାଲିଆବିନ୍ଧା, ଭଦ୍ରକ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ବାର୍ ଆସୋସିଏସନ ସଦସ୍ୟ ଆଡ୍‌ଭୋକେଟ୍ ନିରୁପମା ଜେନା ଓ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ତଥା ସମାଜସେବୀ ଅଭିମନ୍ୟୁ ରାଉତ ଏବଂ ରିଜିଓନାଲ କଲେଜର ଅଧ୍ୟକ୍ଷ ଡ. ଶାନ୍ତନୁ କୁମାର ନାୟକ ଯୋଗଦେଇଥିଲେ। ଆଇସିସିର ସଭାପତି ଅଧ୍ୟାପକ ଶୁଭେନ୍ଦୁ ମହାପାତ୍ର ଛାତ୍ରୀମାନଙ୍କର ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ। ସଂଯୋଜିକା ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦାଶ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସଦସ୍ୟା ଅଧ୍ୟାପିକା ବିଜୟିନୀ ପାଟ୍ଟିକା ସାମଲ, ଅଧ୍ୟାପିକା ଡ. ମାନସୀ ମହାନ୍ତି ଓ ଅଧ୍ୟାପିକା ସଙ୍ଗୀତା ପତି ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ, ଆର୍ଥିକ ଓ ପରିବେଶ ସମ୍ପର୍କିତ ଆଲୋଚନାଚକ୍ର



**ଦଶରଥପୁର, ୧୪।୧୨(ସମିସ):** ଆଜି ଯାଜପୁର ଜିଲ୍ଲାର ସାମାଜିକ, ଆର୍ଥିକ ଓ ପରିବେଶ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପ୍ରଗତିଶୀଳ ମଞ୍ଚ ଦ୍ୱାରା ଆୟୋଜିତ ଓ ଓଡ଼ିଶା ଗବେଷଣା ଚକ୍ର ଭୁବନେଶ୍ୱରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ସମ୍ମିଳନୀରେ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଡ. ସୁଧାଂଶୁ କୁମାର ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉଦ୍‌ଘାଟନୀ ଉଦ୍‌ବୋଧନ ପ୍ରଫେସର ବିଜୟ ବହିଦାର ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ପ୍ରଫେସର ମନୋରଞ୍ଜନ ମହାନ୍ତି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀନବନ୍ଧୁ ତାଙ୍କର ଯାଜପୁର ଉପରେ କରାଯାଇଥିବା ଗବେଷଣା ଅନୁଭୂତି ବାଣ୍ଟିଥିଲେ। ଏଥିରେ ପ୍ରଫେସର ଦୀପକ କୁମାର ମିଶ୍ର, ସେଞ୍ଚୁରିଆଁନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ପ୍ରଫେସର ସ୍ମିତା ମିଶ୍ର ପଣ୍ଡା, ସମାଜସେବୀ ନିର୍ମଳା ରଥ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ରାଜୁ ଜେ. ଦାସଙ୍କ ଅଧ୍ୟକ୍ଷତାରେ ଲୋକମଞ୍ଚ ଆୟୋଜିତ ହୋଇଥିଲା। ଏଥିରେ ଦଶରଥପୁର ବ୍ଲକର ପାଣି, ଚାଷ, ଟ୍ରାଫିକ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ନିଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ଥାନୀୟ ଅଞ୍ଚଳରୁ ଭାଗ ନେଇଥିବା ବୁଦ୍ଧିଜୀବୀ, ସମାଜସେବୀ, ସାମ୍ବାଦିକ, ଶିକ୍ଷକ, ଡାକ୍ତର, ଛାତ୍ରଛାତ୍ରୀ ମତାମତ ଦେଇଥିଲେ। ସମ୍ମିଳନୀର ଶେଷରେ ସଂସ୍ଥାପକ ପ୍ରତାପ ଜେ. ଦାସ ଧନ୍ୟବାଦ ଦେଇଥିଲେ।

## ଯାଜପୁର ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷଙ୍କ ପରଲୋକ

**ଯାଜପୁର, ୧୪।୧୨(ସମିସ):** ଯାଜପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ କନକଲତା ସାହୁ(୭୨) ଙ୍କର ଆଜି ଅପରାହ୍ନରେ ପରଲୋକ ଘଟିଛି। କନକଲତା ଗତ ୧୯୯୭ ମସିହାରେ ଭୁବନେଶ୍ୱରପୁର ପଞ୍ଚାୟତର ସମିତିସଭ୍ୟା ଭାବେ ନିର୍ବାଚିତ ହେବା ପରେ ଯାଜପୁର ବ୍ଲକ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସେ ଗତ କିଛି ବର୍ଷ ଧରି କର୍କଟ ରୋଗରେ ପୀଡ଼ିତ ହୋଇ କଟକରେ ରହୁଥିଲେ। ଆଜି ତାଙ୍କର ମୃତ୍ୟୁ ହେବା ପରେ ତାଙ୍କ ମରଶରୀରକୁ ଶାଶୁ ଘର କୁନିନ୍ଦାକୁ ଅଣାଯାଇ ସେଠାରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ସ୍ୱର୍ଗତ ସାହୁଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳର ବହୁବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ଦୁଇ ଝିଅ ଏବଂ ଦୁଇ ଜ୍ୱାଇଁଙ୍କ ସମେତ ବନ୍ଧୁ ଓ ପରିଜନ ମାନେ ଉପସ୍ଥିତ ଥିଲେ।

## ନ୍ୟାୟ ଅଧିନିୟମ ପ୍ରଶିକ୍ଷଣ ଶିବିର

**ଯାଜପୁର, ୧୪।୧୨(ସମିସ):** ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଇଲ୍ଡ୍ ହେଲ୍ପ ଲାଇନ କର୍ମଚାରୀ ଓ ଅଧିକାରୀଙ୍କ କିଶୋର ନ୍ୟାୟ ଅଧିନିୟମ ଓ କାର୍ଯ୍ୟଧାରା ସମ୍ପର୍କିତ ଏକ ଦିବସୀୟ ଅଭିମୁଖୀକାରଣ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ରୂପେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ରେକ୍ସୋନା ଜେନା ଓ ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ଅଣଅନୁଷ୍ଠାନିକ ଅଧିକାରୀ ଅର୍ଚ୍ଚନା ସାମନ୍ତ ଯୋଗଦେଇ ଯତ୍ନ ଓ ସୁରକ୍ଷା ଲୋଡ଼ୁଥିବା ଶିଶୁମାନଙ୍କ ଉଦ୍ଧାର, ଥଇଥାନ ଓ ସାମାଜିକ ମୁଖ୍ୟସ୍ରୋତରେ ସାମିଲ ପାଇଁ ଜନ ସଚେତନତା ଓ ଜନ ସହଯୋଗର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଏଥିରେ ବିଷୟ ବିଶାରଦ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଡ୍‌ଭୋକେଟ ଚିତ୍ତରଞ୍ଜନ ମହାନ୍ତି କିଶୋର ନ୍ୟାୟ ଅଧିନିୟମ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ଶିଶୁ ମଙ୍ଗଳ କମିଟିର ପ୍ରାକ୍ତନ ସଦସ୍ୟ ହୃଷୀକେଶ ପଣ୍ଡା ଓ ଚାଇଲ୍ଡ୍ ହେଲ୍ପ ଲାଇନ, କଟକର ନାରାୟଣ ଶୁକ୍ଳ ଶିଶୁ ଉଦ୍ଧାର ଓ ଥଇଥାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ୟୁନିଟର ସମସ୍ତ ଅଧିକାରୀ, ଚାଇଲ୍ଡ୍ ହେଲ୍ପ ଲାଇନ ଓ ଓମେନ ହେଲ୍ପ ଲାଇନର କର୍ମଚାରୀ ଓ ଅଧିକାରୀ, ଏକକ ରହଣି କେନ୍ଦ୍ର, ରୁଚିକା ସମାଜ ସେବା ସଂସ୍ଥା, ଶକ୍ତି ସଦନ, ସମସ୍ତ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ, ଆଶ୍ୱାୟର, ଓ ଶିଶୁ ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ଶିଶିର ମଲ୍ଲିକ, ପ୍ରମିଳା ସାହୁ, ସରୋଜ ପରିଡ଼ା, ରବୀନ୍ଦ୍ରନାଥ ସେଠୀ ଓ ଚାଇଲଡ ହେଲ୍ପ ଲାଇନର ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାଶ, ବିନ୍ଦୁ ସାଗର ସାହୁ, ରଜତ କୁମାର ସାହୁ, ସସ୍ମିତା ଜେନା, ଜ୍ୟୋତିର୍ମୟୀ ମିଶ୍ର ଓ ମଧୁସ୍ମିତା ଦଳାଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କାଳୀ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଔଷଧ ଦୋକାନରୁ ଚୋରି

**ବାଲିଚନ୍ଦ୍ରପୁର, ୧୪।୧୨(ସମିସ):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ମାତକତପୁର (କଟିକଟା) ବଜାରରେ ଥିବା ଶଶିକାନ୍ତ ସାହୁଙ୍କ ଔଷଧ ଦୋକାନ ଗୃହର ଆଜବେଷ୍ଟ ଭାଙ୍ଗି ଗତ ୧୩ ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଭିତରେ ପଶି ୫୦ ହଜାରରୁ ଅଧିକ ଟଙ୍କାର ଔଷଧ ଓ ଅନ୍ୟାନ୍ୟ ଜିନିଷପତ୍ର ଚୋରି କରି ନେଇଥିବା ନେଇ ଶ୍ରୀ ସାହୁ ଆଜି ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଛି। ତେବେ ଏହି ବଜାରଟି ଏକ ଛୋଟ ବଜାର ହୋଇଥିବା ବେଳେ ରାତ୍ରି ଡିଉଟି ପାଇଁ ଏହି ବଜାରରେ ଦୁଇ ଜଣ ଗ୍ରାମରକ୍ଷୀ ନିଯୁକ୍ତି ପାଇଛନ୍ତି। ଏହା ସତ୍ତ୍ୱେ ଏହି ବଜାରର ଦୋକାନ ଗୃହ ଆଜବେଷ୍ଟ ଭାଙ୍ଗି ଚୋର ମାନେ କିଭଳି ଚୋରି କରିବାରେ ସଫଳ ହେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏଥିପ୍ରତି ପୁଲିସ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଏହି ବଜାରର ବ୍ୟବସାୟୀ ମାନେ ଦାବି କରିଛନ୍ତି।

## ଓଲାଶୁଣୀ ଗୁମ୍ଫା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବାଲିଚନ୍ଦ୍ରପୁର, ୧୪।୧୨(ସମିସ):** ରାଜ୍ୟର ପ୍ରମୁଖ ଧର୍ମ ଓ ସଂସ୍କୃତି ପୀଠ ତଥା ଅଷ୍ଟାଦଶ ଶତାବ୍ଦୀର ମହାନ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ସମାଧି କ୍ଷେତ୍ରରେ ଆୟୋଜିତ ହେବାକୁ ଯାଉଛି ଓଲାଶୁଣୀ ଗୁମ୍ଫା ମେଳା। ଆସନ୍ତା ବର୍ଷ ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ଠାରୁ ଆରମ୍ଭ ହେଉଥିବା ଏହି ମେଳାଦିନ ଅନୁଷ୍ଠିତ ହେବ ତ୍ରୟୋଦଶତମ ରାଜ୍ୟ ସ୍ତରୀୟ ଓଲାଶୁଣୀ ଗୁମ୍ଫା ମହୋତ୍ସବର ଭବ୍ୟ କାର୍ଯ୍ୟକ୍ରମ। ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆଜି ମା'ଓଲାଶୁଣୀଙ୍କ ବିଜେସ୍ଥଳୀ ମନ୍ଦିର ପ୍ରାଙ୍ଗଣରେ ଏଥିପାଇଁ ଆୟୋଜିତ ହୋଇଥିଲା ପ୍ରସ୍ତୁତି ବୈଠକ। ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମା'ଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପ୍ରଥମ ନିମନ୍ତ୍ରଣ ପତ୍ର ଟ୍ରଷ୍ଟ ପକ୍ଷରୁ ପୂଜକ ହୃଷୀକେଶ ପଣ୍ଡା ଅର୍ପଣ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ତଥା ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ଚଳିତବର୍ଷର ମହୋତ୍ସବ କାର୍ଯ୍ୟକ୍ରମ, ଅତିଥି ଆମନ୍ତ୍ରଣ ସାଧୁସନ୍ଥ ମାନଙ୍କୁ ସମ୍ବର୍ଦ୍ଧନା ନେଇ ଆଲୋକପାତ କରିଥିଲେ। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଆଠ୍ ଲେନ୍ ବିଶିଷ୍ଟ ସମ୍ପ୍ରସାରିତ ହେଉଥିଲା ବେଳେ ରାଜପଥ ପାର୍ଶ୍ୱରେ ଥିବା ମା'ଓଲାଶୁଣୀ ପୀଠକୁ ଆସିବା ପାଇଁ କୌଣସି ସୁବିଧା ଯାତାୟାତ ମାର୍ଗ ରଖାଯାଇନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବଡ଼ଚଣା ବିଧାୟକଙ୍କ ସହିତ ଆଲୋଚନା କରାଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ତଥା ଡେରାବିଶ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ପ୍ରଫେସର ରବୀନ୍ଦ୍ରନାଥ ସାମଲ, ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ଆବାହକ ଶୈଳେନ୍ଦ୍ର ନାରାୟଣ ରାୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ଟ୍ରଷ୍ଟି ଶ୍ରୀକାନ୍ତ କୁମାର ସାମଲ, ପ୍ରାଧ୍ୟାପକ ଡ.ଯତିନ୍ଦ୍ର ରାଉତ, ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀ, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ଅନନ୍ତ ସିଂହ, ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ସାମଲ, ଯୁବ ଶିଳ୍ପୋଦ୍ୟୋଗୀ ମନୋରଞ୍ଜନ ମହାନ୍ତି, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ମଧ୍ୟ ବଡ଼ଚଣା ବିଧାୟକ ଅମର ନାୟକଙ୍କୁ ମହୋତ୍ସବ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିବା ନେଇ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ମହାପାତ୍ର, ବିଭୁତିଭୂଷଣ ରାଉତ, ଜ୍ଞାନରଞ୍ଜନ ପ୍ରଧାନ, ପ୍ରତିମ ଜେନା, ମଦନ ଶାନ୍ତି ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ସ୍ନେହାଶିଷ ସାମଲ ଧନ୍ୟବାଦ ଦେଇଥିଲେ।



## ଅହିୟାସ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

**କୟାଁଗୋଲା, ୧୪।୧୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ସରକାରୀ ଉଚ୍ଚ ବିଦ୍ୟାଳୟ ତାର ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଛି। ୧୯୪୭ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ପୁରାତନ ଶିକ୍ଷାନୁଷ୍ଠାନ ବିଳମ୍ବରେ ହେଉ ପଛେ ୭୮ ବର୍ଷପରେ ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଛି। ଚଳିତ ମାସ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ତିନି ଧରି ଏହି ଉତ୍ସବ ପାଳିତ ହେବ। ଏଥିରେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଗୋକୁଳି ଚରଣ ପତି, ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗଦେବାର ରହିଛି ବୋଲି ପ୍ରଧାନ ଶିକ୍ଷକ ଦୁର୍ଗା ଶଙ୍କର ଦାସ ସୂଚନା ଦେଇଛନ୍ତି। ହୀରକ ଜୟନ୍ତୀ କମିଟିର ସଭାପତି ମଦନ ମୋହନ ପାଣି, ସମ୍ପାଦକ ଦିଗାମ୍ବର ସାହୁ, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ପାତ୍ର, ଙ୍କ ସମେତ କୁଳମଣି ତ୍ରିପାଠୀ, ସୁବାସ ଚନ୍ଦ୍ର ମହାନ୍ତି, ଅଚ୍ୟୁତାନନ୍ଦ ମିଶ୍ର, ରାଜେନ୍ଦ୍ର ନାରାୟଣ ତ୍ରିପାଠୀ, ଡ. ହିତାଂଶୁ ଶେଖର ମହାନ୍ତି, ବିନୋଦ କୁମାର ଜେନା ପ୍ରମୁଖ ପ୍ରସ୍ତୁତି ପର୍ବରେ ଲାଗିଛନ୍ତି। ମୁଖ୍ୟ ପରାମର୍ଶଦାତା ଗୌତମ ରାୟ ପ୍ରସ୍ତୁତିର ଅଗ୍ରଗତି ନେଇ ସମୀକ୍ଷା ମଧ୍ୟ କରିଛନ୍ତି।

## ଓଷ୍ଟାର ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ



**ସିଂହପୁର, ୧୪।୧୨(ସମିସ):** ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଞ୍ଝାରପୁର ବ୍ଲକସ୍ତରୀୟ ଓଷ୍ଟାର ୪୨ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭୟ କୁମାର ପଣ୍ଡା ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ମୁଖ୍ୟବକ୍ତା ବ୍ରଜ କିଶୋର ବିଶ୍ୱାଳ, ସମ୍ମାନିତ ଅତିଥି ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସମିତି ସଭ୍ୟା ଭାଗ୍ୟବତୀ ଧଳ, ଜିଲ୍ଲା ସମ୍ପାଦକ ପବିତ୍ର କୁମାର ପଣ୍ଡା, ସମାଜସେବୀ ପଦ୍ମାକର ଗୁରୁ, ପ୍ରାକ୍ତନ ସମ୍ପାଦକ ପ୍ରଦୀପ କୁମାର ଜେନା, ଉପଦେଷ୍ଟା ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ରାଜ୍ୟ ଓଷ୍ଟାର ସଭ୍ୟ ପିତାମ୍ବର ସ୍ୱାଇଁ, ଉପସଭାପତି ଦେବେନ୍ଦ୍ର କୁମାର ସାମଲ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ପଦ୍ମନାଭ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଓଷ୍ଟାର ସମ୍ପାଦକ ଭରତ ଚନ୍ଦ୍ର ନାୟକ ସଭା ସଞ୍ଚାଳନ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୀନକେତନ ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଶ୍ମି ରଞ୍ଜନ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୧୬ରୁ ରାଜ୍ୟସ୍ତରୀୟ ଖରସ୍ରୋତା ପୁସ୍ତକ ମେଳା

**ବିଞ୍ଝାରପୁର, ୧୪।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫଡ଼େପୁରସ୍ଥିତ ଯଜ୍ଞ ପଡ଼ିଆରେ ରାଜ୍ୟସ୍ତରୀୟ ୩ୟ ଖରସ୍ରୋତା ପୁସ୍ତକ ମେଳା ଚଳିତ ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପୁସ୍ତକ ମେଳାକୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପୁସ୍ତକ ମେଳାକୁ ଉଦଘାଟନ କରିବେ। ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ବିଶିଷ୍ଟ ଅତିଥି ରୂପେ, ବିଞ୍ଝାରପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସଙ୍କ ସହ ଜନପ୍ରତିନିଧି ଗଣ ଓ ସାହିତ୍ୟିକ ଗଣ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାର ସ୍ଥାନୀୟ ମଲ୍ଲିଆ ଯଜ୍ଞ ପଡ଼ିଆରେ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ଆୟୋଜିତ ସମୀକ୍ଷା ବୈଠକରେ ସୂଚନା ମିଳିଛି। ଏହି ସମିକ୍ଷା ବୈଠକରେ ରାଜ୍ୟସ୍ତରୀୟ ପୁସ୍ତକ ମେଳାକୁ ସରସ ସୁନ୍ଦର କରାଯାଇପାରିବ ସେଥିପାଇଁ ବ୍ୟାପକ ଆଲୋଚନା କରାଯାଇଥିଲା। ଏହି ସମିକ୍ଷା ବୈଠକରେ ସୁବାଷ ଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ବେଉରିଆ, ରମାକାନ୍ତ ନାୟକ, ନାରାୟଣ ଚନ୍ଦ୍ର ଦାସ, ଶ୍ରୀଧର ସାହୁ, ନିରଞ୍ଜନ ପାତ୍ର, ନିର୍ମଳ ଚନ୍ଦ୍ର ମଲ୍ଲିକ, ପ୍ରମୋଦ ସାମଲ, ସୁଧୀର କୁମାର ଆଚାର୍ଯ୍ୟ, ଭାରତ ଭୂଷଣ ମଲ୍ଲିକ, ଅକ୍ଷୟ କୁମାର ସେଠୀ, ପ୍ରଧାପକ ଅଜୟ କୁମାର ଓଝା, ନିରଞ୍ଜନ ବେହେରା, ବିଶ୍ୱମ୍ବର ସାହୁ, ଅନନ୍ତ ବେହେରା, ଶିଶିର କୁମାର ଦାସ, ନାରାୟଣ୍ ଚନ୍ଦ୍ର ପଣ୍ଡା, ପ୍ରକାଶ ଦାସ, କଳିଙ୍ଗ ମହାକୁଳ, ପ୍ରଦୀପ କର, ଉମାଶଙ୍କର ଗୁରୁ, ଉମେଶ ଚନ୍ଦ୍ର ସାମଲ, ମନୋରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ଥାଟୋଇ ଓ ନୃସିଂହ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳାରେ ସମ୍ପତ୍ତି ହଡ଼ପ ପାଇଁ ହତ୍ୟା

# ଚାରିମାସ ପରେ ଏତଲା ପଞ୍ଜୀକରଣ କଲା ପୁଲିସ

**ଯାଜପୁର, ୧୪।୧୨(ସମିସ)**

ଧର୍ମଶାଳା ଥାନା ଗଙ୍ଗାଧରପୁର ଗ୍ରାମରେ କୋଟିକୋଟି ଟଙ୍କାର ପୈତୃକ ସମ୍ପତ୍ତି ହଡ଼ପ ପରେ ଜଣେ ଯୁବକକୁ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗର ୪ ମାସ ପରେ ଗଣମାଧ୍ୟମର ଚାପରେ ପୁଲିସ ମାମଲା ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ତେବେ ଏହି ମାମଲା ପଞ୍ଜୀକରଣରେ ଅବହେଳା ପ୍ରଦର୍ଶନ କରିଥିବା ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ଜେନାପୁର ଥାନା ରାମଚନ୍ଦ୍ରପୁର ଗ୍ରାମର ବିକ୍ରମ ବେହେରାଙ୍କ ଭଉଣୀ ଝରଣା ଧର୍ମଶାଳା ଥାନା ଗଙ୍ଗାଧରପୁର ଗ୍ରାମର ମକରଧ୍ୱଜ ସାହୁଙ୍କ ପୁଅ ପ୍ରଶାନ୍ତ ସାହୁଙ୍କୁ ବିବାହ କରିଥିଲେ। ଶାଶୁ ଘରଲୋକେ ସ୍ୱାମୀକୁ ହାତକରି ଝରଣାଙ୍କ ଉପରେ ଅତ୍ୟାଚାର କରିବା ଯୋଗୁଁ ସେ ଜୀବନ ବିକଳରେ ଶାଶୁଘରୁ ଚାଲିଆସି ପୁଅଝିଅ ସହିତ ଗତ ୫/୬ ମାସ ହେବ ବାପଘରେ ରହୁଥିଲେ। ଝରଣାଙ୍କ ସ୍ୱାମୀ ମଧ୍ୟ ଶଶୁର ଘରକୁ ନିୟମିତ ଆସି ସ୍ତ୍ରୀ ଓ ପିଲାମାନଙ୍କ ସହିତ ମିଶିବା ସହ ସେମାନଙ୍କ ଭଲମନ୍ଦ ବୁଝୁଥିଲେ। ଗତ ଜୁଲାଇ ୨୦ ତାରିଖରେ ଶେଷଥର ପାଇଁ ପ୍ରଶାନ୍ତ ଶଶୁର ଘରକୁ ଆସି ନିଜ ପିଲାମାନଙ୍କ ସହ କଥାହୋଇ କିଛିଦିନ ମଧ୍ୟରେ ସମସ୍ତଙ୍କୁ ତାଙ୍କ ଘରକୁ ନେଇ ଯିବାକୁ କହି ଯାଇଥିଲେ। ତେବେ ଅଭିଯୋଗ କାରିଣୀ ଦୁଇ ପିଲାଙ୍କ ସହ ତାଙ୍କ ବାପାଘରେ ଥିବା ସମୟରେ ଗତ ଅଗଷ୍ଟ ମାସ ୨ ତାରିଖରେ ତାଙ୍କ ଘରଡିହ ସହ ଧର୍ମଶାଳା ତହସିଲର ଜାରକା ନୂଆଗାଁ ମୌଜାରେ ଥିବା ୨ଏକର ୨୨ ଡେସିମିଲ, ଗଙ୍ଗାଧରପୁର ମୌଜାରେ ଥିବା ୬୪ ଡେସିମିଲ ଓ ପଲାର ମୌଜାରେ ଥିବା ୩୯ ଡେସିମିଲ (ମୋଟ ୩ଏକର୨୫ ଡେସିମିଲ) ପରିମିତ ବହୁକୋଟି ଟଙ୍କାର ପୈତୃକ ସମ୍ପତ୍ତିକୁ ତଞ୍ଚକତା କରି ତାଙ୍କ ବିବାହିତା ନଣନ୍ଦ ଓ ଦେଢ଼ଶୁର ନିଜ ନାମରେ କରାଇନେଇଥିଲେ ଏବଂ ଜମି କବଲା ହେବାର ୧୩ ଦିନ ପରେ ଅଗଷ୍ଟ ୧୫ ତାରିଖରେ ନଣନ୍ଦଙ୍କ ଘରେ ତାଙ୍କ ସ୍ୱାମୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଯେଉଁ ନଣନ୍ଦ ତଞ୍ଚକତା କରି ତାଙ୍କ ସମ୍ପତ୍ତି ହଡ଼ପ କରିଛନ୍ତି ତାଙ୍କରି ଘରେ ସ୍ୱାମୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବାରୁ ସମ୍ପତ୍ତି ହଡ଼ପ ପାଇଁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେ ଜାଣି ପାରିଥିଲେ। ଏପରିକି ତାଙ୍କ ସ୍ୱାମୀ ପଢ଼ାଲେଖା ଜାଣିଥିବା ସହ ନିଜର ଦୁଇ ପିଲା ଓ ସ୍ତ୍ରୀ ଥାଉଥାଉ ସେ କିପରି ନିଜର ଘରଡିହ ସହିତ ସମସ୍ତ ପୈତୃକ ସମ୍ପତ୍ତିକୁ ଅନ୍ୟ ନାମରେ କବଲା କରିଦେଲେ ଓ ହୋଇଥିବା କବଲାରେ ଦସ୍ତଖତ ବଦଳରେ ସେ କିପରି କେବଳ ଟିପଚିହ୍ନ ଦେଇ ସମ୍ପତ୍ତି ହସ୍ତାନ୍ତର କଲେ ତାହା ଅଧିକ ସନ୍ଦେହ ସୃଷ୍ଟି କରିଥିଲା। ଯାହାକୁ ନେଇ ଝରଣା ଧର୍ମଶାଳା ଥାନାରେ ସେପ୍ଟେମ୍ବର ୩୦ ତାରିଖରେ ଏତଲା ଦେଇଥିଲେ। ଏହା ଉପରେ କିଛି କାର୍ଯ୍ୟାନୁଷ୍ଠାନ ନହେବାରୁ ଧର୍ମଶାଳା ଥାନାର ତତ୍କାଳିନ ଥାନା ଅଧିକାରୀ ରଞ୍ଜନ ମାଝୀଙ୍କୁ ଭେଟି ଏହାର ତଦନ୍ତ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ। ଏହାପରେ ମଧ୍ୟ ପୁଲିସ ତାଙ୍କ ଏତଲା ପଞ୍ଜୀକରଣ କରି ତଦନ୍ତ କରୁନଥିବାରୁ ଝରଣା ଯାଜପୁର ଏସ୍‌ପିଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ଦେବା ସହ ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ନେହୁରା ହୋଇଥିଲେ। ଏପରିକି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କୁ ଅବଗତ କରିବା ପରେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଫଳରେ ଘଟଣାର ୪ମାସ ପରେ ଅଭିଯୋଗକାରିଣୀ ଝରଣା ସାହୁଙ୍କୁ ଅଗତ୍ୟା ଧର୍ମଶାଳା ଥାନାକୁ ଡକାଇ ଗତ ଡିସେମ୍ବର ୯ ତାରିଖରେ ତାଙ୍କ ଏତଲାକୁ ଥାନା କେଶ ନଂ ୭୪୩/୨୫ରେ ପଞ୍ଜିକୃତ କରିବା ସହ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ନରହତ୍ୟା ଓ ମିଳିତ ଷଡ଼ଯନ୍ତ୍ର କରି ସମ୍ପତ୍ତି ହଡପ ପରି ଦଫା ଲଗାଇଥିବା ଜଣାପଡ଼ିଛି। ତେବେ ଏତେ ବଡ଼ ଜଘନ୍ୟ ଘଟଣାରେ ତତ୍କାଳିନ ଧର୍ମଶାଳା ଥାନା ଅଧିକାରୀ କାହିଁକି ଓ କେଉଁ ସ୍ୱାର୍ଥରେ ଦୀର୍ଘ ଚାରିମାସ ଧରି ଏତଲାକୁ ପଞ୍ଜିକୃତ ନକରି ଘଟଣାକୁ ଚପାଇ ରଖିଲେ ଓ ଅଭିଯୁକ୍ତ ମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ତାଙ୍କୁ ଓ ତାଙ୍କ ଦୁଇ ପିଲାଙ୍କୁ ମାନସିକ ଯନ୍ତ୍ରଣା ଦେଲେ ତାହାର ଉପଯୁକ୍ତ ତଦନ୍ତ ପାଇଁ ଦାବି ହୋଇଛି।

# ହଜାରେ ଲିଟର ଗୁଡ଼ ପୋଚ ନଷ୍ଟ କଲା ପୁଲିସ

ତିହିଡ଼ି,୧୪ ।୧୨(ସମିସ): ତିହିଡ଼ି ପୁଲିସର ଚଢ଼ଉବେଳେ ହଜାରେ ଲିଟରରୁ ଊର୍ଦ୍ଧ୍ୱ ଗୁଡ଼ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି । ସୂଚନା ଅନୁସାରେ, ତିହିଡି ବ୍ଲକ୍ ତାଳପଦା ଗାଁରେ ଥିବା ଦେଶୀ ମଦ ଭାଟି ଉପରେ ଆଜି ମଧ୍ୟାହ୍ନରେ ତିହିଡ଼ି ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଗୁଳ୍ମ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣରେ ଗୁଡ଼ ଟି ୫୦ ଲିଟରିଆ ଡ୍ରମ ରେ ରଖାଯାଇଥିବା ହଜାରେ ଲିଟରରୁ ଊର୍ଦ୍ଧ୍ୱ ଗୁଡ଼ ପୋଚ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିଲା । ଚଢ଼ଉ ସମୟରେ ଭାଟି ମାଲିକ ଓ କର୍ମଚାରୀ ଫେରାର ହୋଇଯାଇଥିଲେ । ସୂଚନା ଥାଉକି ଦୀର୍ଘ ବର୍ଷ ହେଲା ତିହିଡ଼ି ପୁଲିସ ତାଳପଦା ପଞ୍ଚାୟତରେ ଥିବା ୧୦ରୁ ଊର୍ଦ୍ଧ୍ୱ ଚୋରା ମଦ ଭାଟି ଉପରେ ବାରମ୍ବାର ଚଢ଼ଉ କରି ଗୁଡ଼ ପୋଚ ନଷ୍ଟ କରାଯାଉଥିଲେ ବି ପରେ ପୁଣି ମାଫିଆ ନିର୍ଭୟରେ ସେହି କାମ କରୁଥିବା ଅଭିଯୋଗ ହେଉଛି । ବେଆଇନ ମଦ ପ୍ରସ୍ତୁତ ଏବଂ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉବୋକରିଥାଏ କିନ୍ତୁ ପରଦିନ ଜାମିନରେ ଆସି ପୂର୍ବବତ ମଦ ପ୍ରସ୍ତୁତ ଚାଲୁ ରଖନ୍ତି । ଏହି ଦେଶୀ ବିଷାକ୍ତ ମଦ ପିଇ ନିଶାଡିମାନେ ଉଶୃଙ୍ଖଳିତ ହେଉଥିବା ବେଳେ ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା ।




# ଏନ୍‌ଆର୍‌ଆଇ ଇଣ୍ଟରନ୍ୟାସନାଲ ସ୍କୁଲରେ ବାର୍ଷିକ କ୍ରୀଡ଼ା

ଭଦ୍ରକ,୧୪ ।୧୨(ସମିସ): ଭଦ୍ରକ ଆରଡ଼ି ଛକସ୍ଥିତ ପ୍ରତିଷ୍ଠିତ ଏନ୍‌ଆର୍‌ଆଇ ଅନ୍ତର୍ଜାତୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ଏବଂ ଓଡ଼ିଶା କ୍ରିକେଟ ସଙ୍ଘର ସହକର୍ମୀ ନିର୍ଣ୍ଣାୟକ ଘୋଷ ପ୍ରମୁଖ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ସଭାପତିତ୍ୱରେ



ପରିଚାଳନା କମିଟିର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ, ଗୌରାଙ୍ଗ ଚରଣ ନାଥ, ସୁଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମେ ଛାତ୍ରଙ୍କ ଦ୍ୱାରା ମଶାଲ ପରିକ୍ରମା ଓ ଶପଥପାଠ କରାଯାଇ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । କ୍ରୀଡ଼ା ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଯାହା ସୁସ୍ଥ ଚିନ୍ତାଧାରା ଉଦ୍ରେକ କରେ ବୋଲି ଅତିଥିମାନେ କରିଥିଲେ । ଶେଷରେ ବିଭିନ୍ନ ଖେଳରେ କୃତିତ୍ୱହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ଦୀପକ କୁମାର ବାରିକ, ଶିକ୍ଷୟିତ୍ରୀ ମୁସାରା ବାନୋଙ୍କ ନେତୃତ୍ୱରେ ପରିଚାଳିତ ସପ୍ତାହ ବ୍ୟାପି ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ କର୍ମଚାରୀଙ୍କ ସହଯୋଗରେ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା ।

# ବନ୍ତ ଆଞ୍ଚଳିକ କଲେଜର ସମାବର୍ତ୍ତନ ଉତ୍ସବ

ବନ୍ତ/ଆଗରପଡ଼ା,୧୪।୧୨(ସମିସ):ବନ୍ତ ବ୍ଲକର ଅଗ୍ରଣୀ ତଥା ପୁରାତନ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ହେଉଥିବା ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ୪୬ତମ ସମାବର୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ମନୋରମା ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଶଶଧର ଦାସ, ମୁଖ୍ୟ ବକ୍ତା ଭାବେ



ଅବସାପ୍ରାପ୍ତ ଅଧ୍ୟକ୍ଷ ତଥା ଗାଳ୍ପିକ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ କଲେଜରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରି ଜଣେ ଚରିତ୍ରବାନ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ । ଅତିଥିମାନଙ୍କର ପରିଚୟ ପ୍ରଧାନ ଅଧ୍ୟାପକ ରାଜେଶ କୁମାର ବିଶ୍ୱାଳ, ମଞ୍ଚ ପରିଚଳନା ଓ ବାର୍ଷିକ ବିବରଣୀ ପାଠ ଅଧ୍ୟାପକ ଆଦିତ୍ୟନାରାୟଣ ବାରିକ, ବେଦପାଠ କରିଥିଲେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଦେବତା । ଏହି ଅବସରରେ ଅତିଥିମାନେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଦସ୍ୟ ସଦସ୍ୟା, ପୁରାତନ ଓ ବର୍ତ୍ତମାନର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

# ସମିତି କାର୍ଯ୍ୟାଳୟ ପରିସରରେ ବାଲି ଗଦା

ବାରିକପୁର,୧୪ ।୧୨(ସମିସ): ଚଳିତ ବର୍ଷ ଖରିଫ ଧାନ କ୍ରୟ ଶୁଭାରମ୍ଭ ପାଇଁ ଜିଲ୍ଲା ପ୍ରଶାସନ ଜାନୁୟାରୀ ୫ ତାରିଖକୁ ଦିନ ଧାର୍ଯ୍ୟ କରିଛି । ଏଥିପାଇଁ ସମସ୍ତ ମଣ୍ଡିରେ ପ୍ରାୟ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ସମବାୟ ସମିତି ଅଧୀନ ମଣ୍ଡିଗୁଡ଼ିକୁ ପ୍ରସ୍ତୁତ କରାଯାଉଛି । କିଛି ମଣ୍ଡିର ଗୋଦାମ ଗୃହକୁ ସଫାସୁତରା କରାଯାଉଥିବା ବେଳେ ଆଉ କିଛି ମଣ୍ଡିର ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏପଟେ ଗୋଟିଏ ଦୁଇଟି ମଣ୍ଡି ପରିସର ଅବ୍ୟବସ୍ଥିତ ଭାବେ ପଡ଼ିରହିଛି । ତନ୍ମଧ୍ୟରୁ ନାଆମୀ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ପରିସର ଅନ୍ୟତମ । ଉକ୍ତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଦୀର୍ଘଦିନ ଧରି ବାଲି ଗଦା ହୋଇ ରହିଛି । କାର୍ଯ୍ୟାଳୟକୁ ଲାଗି ପଞ୍ଚାୟତର ଅତିରିକ୍ତ ଗୃହ ନିର୍ମାଣ ପାଇଁ ବାଲି ଓ ଅନ୍ୟାନ୍ୟ ସାମଗ୍ରୀ ଆସିଥିବା ବେଳେ ଆଜି ଯାଏଁ କାମ ନହୋଇ ତାହା କୁଢ଼ କୁଢ଼ ହୋଇ କରାଯାଇଛି । ତେଣୁ ଏଥିପାଇଁ ମଣ୍ଡିରେ ଧାନ ଗଚ୍ଛିତ ରଖିବା କିମ୍ବା ବିକ୍ରି ବିକ୍ରିବଟା କରିବାରେ ଅସୁବିଧା ହେବ ବୋଲି ସ୍ଥାନୀୟ ଚାଷୀ ଜଣାଇଛନ୍ତି । ଏପଟେ ପ୍ରଶାସନିକ ସ୍ତରରେ ଅସୁବିଧା ଯୋଗୁଁ କାମ ହେଉନଥିବା କୁହାଯାଉଛି । ତୁରନ୍ତ ଏହା ପରିସରରୁ ବାଲିଗଦା ସ୍ଥାନାନ୍ତର କରି ମଣ୍ଡି ସୁରୁଖୁରୁରେ ଚଳାଇବାକୁ ଦାବି ହେଉଥିବାବେଳେ ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।



# 'ଆଳୁ ମିଶନ' ଯୋଜନାରେ ଚାଷ ଆରମ୍ଭ

ଧାମନଗର,୧୪ ।୧୨(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ଆଳୁ ମିଶନ ଯୋଜନାରେ ଆଳୁ ଚାଷ ଆରମ୍ଭ ହୋଇଛି । ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହେବା ସହିତ କିଭଳି ଆଳୁ ପାଇଁ ଆମକୁ ଆଉ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ୟୁପି ଭଳି ରାଜ୍ୟ ଉପରେ କିଭଳି ନିର୍ଭର କରିବାକୁ ପଡିବ ନାହିଁ ସେଥିପାଇଁ ରାଜ୍ୟ ସରକାର ଆଳୁ ମିଶନ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି । ଆଳୁ ମିଶନ ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଧାମନଗର ବ୍ଲକ୍ ଉଦ୍ୟାନ କୃଷି ବିଭାଗ ଉଦ୍ୟମ ଜାରି ରଖିଛନ୍ତି । ଉଦ୍ୟାନ କୃଷି ଭିତ୍ତିକ ଫଳ ଚାଷ, ଆଳୁ, ପନିପରିବା ଓ ମସଲା ଭିତ୍ତିକ ଚାଷ ଆଦି କରିବାକୁ ଉଦ୍ୟମ ହେଉଛି । ଏଥିସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ଉଦ୍ୟାନ କୃଷି ପ୍ରୋତ୍ସାହନ ଉଦ୍ୟୋଗରେ ଛତୁ ଚାଷ, ଜୈବିକ ପଦ୍ଧତିରେ ଅନ୍ୟାନ୍ୟ ୩ ପ୍ରକାରର ଚାଷ ପାଇଁ ଯୋଜନା ରହିଛି । ଏହି ସବୁ ଯୋଜନାରେ ଚାଷ ଅନୁଯାୟୀ ସରକାର ରିହାତି ବ୍ୟବସ୍ଥା ମଧ୍ୟ କରିଛନ୍ତି । ଖରିଫ ଋତୁ ପରେ ଆଳୁ, ମୁଗ, ବିରି, ପନିପରିବା ଇତ୍ୟାଦି ଚାଷ କରାଯାଏ । ଚଳିତ ବର୍ଷ ଧାମନଗର ଉଦ୍ୟାନ କୃଷି ବିଭାଗ ପ୍ରାୟ ୫୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ସରକାର ଧାର୍ଯ୍ୟ ଲକ୍ଷ୍ୟ ରଖିଛନ୍ତି । ତେବେ ଆଳୁ ଏକ କ୍ୱିଣ୍ଟାଲ ୫୦ କେଜି ବିହନ ଚାଷୀଙ୍କୁ ଯୋଗାଇ ଦିଆଯିବ, ଯେଉଁଥି ପାଇଁ ୩ ହଜାର ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ । ପରବର୍ତ୍ତୀ ସମୟରେ ଏହି ଅର୍ଥର ୫୦ ପ୍ରତିଶତ ଉଦ୍ୟାନ କୃଷି କାର୍ଯ୍ୟାଳୟ ଅର୍ଥାତ୍ ୧୫ ଶହ ଟଙ୍କା ରିହାତି ଆକାରରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫେରିବ । ବର୍ତ୍ତମାନ ଆଳୁ ଚାଷ ପାଇଁ ପ୍ରକୃଷ୍ଟ ସମୟ ହୋଇଥିଲେ ହେଁ ଅଦ୍ୟାବିଧି ଟାର୍ଗେଟର ଶୁକ୍ରବାର ସୁଦ୍ଧା ଶତପ୍ରତିଶତ ପୂରଣ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ଚାଷୀମାନଙ୍କୁ ସରକାରଙ୍କ ଏହି ଆଳୁ ମିଶନ ଯୋଜନା ସମ୍ପର୍କରେ ସଚେତନ କରିବା ସହ ବ୍ଲକ୍‌ର ୧୫ଟି ପଂଚାୟତରେ ବିଭାଗ ପକ୍ଷରୁ ଆଳୁ ବିହନ ଯୋଗାଇ ଦେବା ସହ ଏହି ପ୍ରୟାସ ଜାରି ରହିଛି ବୋଲି ଭାରପ୍ରାପ୍ତ ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର ଭୂୟାଁ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।






# କାଁପଡ଼ାରେ ମା'ବାସୁଳୀ ବରିଷ୍ଠ ନାଗରିକ ସଙ୍ଘ ଗଠିତ

ତିହିଡ଼ି,୧୪ ।୧୨(ସମିସ): ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘ ଆନୁକୁଲ୍ୟରେ କାଁପଡ଼ା ସ୍ଥିତ ମା'ବାସୁଳୀ ପ୍ରାଙ୍ଗଣରେ କାଁପଡ଼ା ଓ ତତ୍ ସଂଲଗ୍ନ ପଚଚାୟତକୁ ନେଇ ଏକ ବୈଠକ ତିହିଡ଼ି ଜୋନ୍ ସଭାପତି ନିତ୍ୟାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ୍ ସଂଯୋଜକ ସୁରେନ୍ଦ୍ର କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ତିହିଡ଼ି ବ୍ଲକ୍ ସମ୍ପାଦକ ବିଭୂତିଭୂଷଣ ସେନାପତି, ସମ୍ମାନିତ ଅତିଥି ଭାବେ ସମାଜସେବୀ କୃତିବାସ ଜେନା, ଶିକ୍ଷାବିତ୍ କୃତ୍ତିବାସ ଜେନା, ସରପଞ୍ଚଙ୍କ ପ୍ରତିନିଧି ଅଶୋକ ଦାସ, ଇନ୍ଦ୍ରମଣି ଦାସ ପ୍ରମୁଖ ଯୋଗଦାନ କରି ସଂଘ ଗଠନର ଆବଶ୍ୟକତା ଓ ବରିଷ୍ଠଙ୍କର ବିଭିନ୍ନ ସମସ୍ୟା ତଥା ସରକାରଙ୍କ ନିୟମାବଳୀ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସେବା, ଶୃଙ୍ଖଳା ଓ ଏକତା ଦ୍ୱାରା ସଂଗଠିତ ହୋଇ କାର୍ଯ୍ୟକଲେ ସରକାରଙ୍କର ସମସ୍ତ ସୁବିଧା ସୁଯୋଗ ପାଇପାରିବା ବୋଲି ସମସ୍ତ ସଭ୍ୟ ଉପଲବ୍ଧି କରିଥିଲେ । ନୂତନ ଭାବେ ଗଠିତ ଜୋନ୍‌ର ଉପଦେଷ୍ଟା ଭାବେ କମଳାକାନ୍ତ ଦାସ, ହେମନ୍ତ ମଳିକ୍, ମାର୍କଣ୍ଡ ମଳିକ, ବନମାଳୀ ଦାସ, ସୁବାସ ଦାସ, ଦାଶରଥି ଦାସ ଓ ଅର୍ଜ୍ଜୁନ ଚରଣ ଦାସ (ସଭାପତି), ରମାକାନ୍ତ ଦାସ (ଉପସଭାପତି), ରମାକାନ୍ତ ଦାସ (ସମ୍ପାଦକ), କେଶବ ଚନ୍ଦ୍ର ଦାସ (ସହ ସମ୍ପାଦକ) ଓ କୋଷାଧ୍ୟକ୍ଷ ଭାବେ ଶଙ୍କର୍ଷଣ ଦାସ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଜଗବନ୍ଧୁ ମଳିକ, ଧବଳ ମଳିକଙ୍କୁ ସମାଜସେବୀ ଆଶାକର୍ମୀ ଶୀତବସ୍ତ୍ର ପ୍ରଦାନ କରିଥିଲେ । ଶଙ୍କର୍ଷଣ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଭାଗବତ ପାରାୟଣ ଉଦ୍‌ଯାପିତ

ବନ୍ତ/ଆଗରପଡ଼ା,୧୪।୧୨(ସମିସ): ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ା ସ୍ଥିତ କପାଳିକ୍ଷେତ୍ର ପାଶ୍ୱର୍ରେ ଅବସ୍ଥିତ ଥିବା ରାଧାକୃଷ୍ଣ ମଠ ପରିସରରେ ସାତଦିନବ୍ୟପି ଅଣତ୍ରିଂଶ ତମ ଶ୍ରୀମଦ୍ ଭାଗବତ ପାରାୟଣ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗତ ସୋମବାର ପ୍ରତ୍ୟୁଷରୁ ଘଟୋତ୍ତୋଳନ କରାଯିବା ପରେ ରାଧାକୃଷ୍ଣଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା । ପାରାୟଣ ସପ୍ତାହ ଉର୍ଦ୍ଦେଶ୍ୟରେ ପ୍ରତ୍ୟହ ଭାଗବତ ପାଠ ସହ ଭଜନ, ନାମ ସଂକୀର୍ତ୍ତନ କରା ଯାଇଥିବା ବେଳେ ରବିବାର ଉଦ୍‌ଯାପନୀ ଦିବସରେ ପୂଜାର୍ଚ୍ଚନା ସହ ଗୃତ ଯଜ୍ଞ ସହ ପୂର୍ଣ୍ଣାହୂତି ପ୍ରଦାନ କରା ଯାଇଥିଲା । ଏହାକୁ ଶ୍ରବଣ ପାଇଁ ନିମାପଡ଼ା,ସାନବର୍ଛିକୟାଁ, ନରସିଂହପୁର, ରାମଚନ୍ଦ୍ରପୁର, ପାଟଣା, ରଘୁନାଥପୁର, ଜଗଦୀଶପୁର ,ଦୋଳପଦୀ ଆଦି ଗ୍ରାମରୁ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମଠର ପ୍ରତିଷ୍ଠାତା ରବିନ୍ଦ୍ର କର ଆୟୋଜନ କରିଥିବା ବେଳେ ପୂଜକ ଭାବେ ପଣ୍ଡିତ ବୀରେନ୍ଦ୍ର ତ୍ରିପାଠୀ, ସରୋଜ ମିଶ୍ର, ବଂଶୀଧର କର ପ୍ରମୁଖ ଭାଗବତ ପାଠ କରିଥିଲେ । ଉଦ୍‌ପାପନୀ ଉତ୍ସବରେ ରାଧା କୃଷ୍ଣଙ୍କ ସହ ଶ୍ରୀମଦ୍ ଭାଗଗତକୁ ପୂଜାର୍ଚ୍ଚନା କରାଯିବା ସହ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା ।




# ରାମଚନ୍ଦ୍ର ନୋଡାଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବନ୍ତ/ଆଗରପଡ଼ା, ୧୪।୧୨ (ସମିସ): ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସାନବର୍ଛିକୟାଁ ସ୍ଥିତ ରାମଚନ୍ଦ୍ର ନୋଡ଼ାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନାତନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସିଆର୍‌ସିସି ଉତ୍ତମ ଦାସ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷକ ରାଧାଶ୍ୟାମ ରାଉତ, ଜାଗୁଳାଇ ହାଇସ୍କୁଲର ଶିକ୍ଷକ ବସନ୍ତ କୁମାର ପ୍ରଧାନ ପ୍ରମୁଖ କ୍ରିଡ଼ାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ଛାତ୍ରଛାତ୍ରୀ ପାଠପଢ଼ା ସହ କ୍ରିଡ଼ା ପ୍ରତି ଆଗ୍ରହ ପ୍ରକାଶ କରିବାକୁ ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୌଡ଼, ଲମ୍ବ ଡିଆଁ,ଉଚ୍ଚ ଡିଆଁ, ଡିସକସ, ଜାଭେଲିନ, ପେଣ୍ଡୁ ଫିଙ୍ଗା,ମ୍ୟୁଜିକ୍ ଚେୟାର ଆଦି ଅନୁଷ୍ଠିତ ହୋଇଥିଲା । ଏହାକୁ ଶିକ୍ଷକ ନିରାକାର ସେଠୀ, ପ୍ରତାପ ବିଶ୍ୱାଳ, ଉମାକାନ୍ତ ମଲ୍ଲିକ, ମୀନାକ୍ଷୀ ଚାଟାର ପ୍ରମୁଖ ପରିଚାଳନା କରିଥିଲେ ।



# ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲରେ ଗଣିତ-ବିଜ୍ଞାନ ପ୍ରଦର୍ଶନୀ

ଭଦ୍ରକ,୧୪ ।୧୨(ସମିସ): ଭଦ୍ରକ ସହରର ଅନ୍ୟତମ ଘରୋଇ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲରେ ଗଣିତ-ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଫେସର ଅଟଳବିହାରୀ ନାୟକ, ସଂଯୁକ୍ତା ଯାଦବ ଓ ଦମୟନ୍ତୀ ରାଉତ ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଗଣିତ-ବିଜ୍ଞାନର ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ଏହିପରି କାର୍ଯ୍ୟକ୍ରମ ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ସୁଯୋଗ ସୃଷ୍ଟିକରେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଶିକ୍ଷାନୁଷ୍ଠାନ ପ୍ରିନ୍ସିପାଲ ଦୀପା ଉପାଧ୍ୟାୟ, ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲର ମୁଖ୍ୟ ସୁନୀଲ କୁମାର ପାଢ଼ୀ, ନିର୍ଦ୍ଦେଶକ ଅଚ୍ୟୁତ କୁମାର ସାହୁ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ପ୍ରଦର୍ଶନୀ ମେଳା ପରିଚାଳନାରେ ସହଯୋଗ କରିଥିଲେ ।



# ସମିତିରେ ନାହିଁ ଧାନ ପାଇଁ ଗୋଦାମ ଗୃହ

ଦୋଳସାହି,୧୪ ।୧୨(ସମିସ): ତିହିଡ଼ି ବ୍ଲକ୍ ଦୋଳସାହି ପଞ୍ଚାୟତରେ ଥିବା ପାଳିଆବିନ୍ଧା ସେବା ସମବାୟ ସମିତି ଭଦ୍ରକ ଜିଲ୍ଲାର ଅନ୍ୟତମ ସର୍ବବୃହତ ସମିତି ହୋଇଥିଲା ବେଳେ ଏହି ସେବା ସମବାୟ ସମିତି ରେ ଧାନ ଗୋଦାମ ଗୃହ ନଥିବା ଜଣାଯାଇଛି । ସୂଚନାଯୋଗ୍ୟ, ପାଳିଆବିନ୍ଧା ସେବା ସମବାୟ ସମିତି ଉପରେ ୪ ଟି ପଞ୍ଚାୟତର ଚାଷୀ ଭରସା କରୁଥିବା ବେଳେ ଏହି ସମିତିରେ ଧାନ ଗୋଦାମ ଗୃହ ନଥିବା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଏହି ସେବା ସମବାୟ ସମିତିରେ ଚଳିତ ବର୍ଷ ୫୮ ୯ ଜଣ ଧାନଚାଷୀ ଧାନ ଦେବା ନିମନ୍ତେ ଅନଲାଇନ୍ କରିଛନ୍ତି । ତେବେ ୨୬୦ ଜଣ ଋଣ ଖିଲାପ କରିଥିବା ଜଣାଯାଇଛି । ସେହିପରି ଏହି ଋଣ ଖିଲାପକାରୀଙ୍କ ବିରୁଦ୍ଧରେ କୋର୍ଟରେ ଅଭିଯୋଗ ପରେ କିଛି ଖିଲାପୀ ଋଣୀ ଟଙ୍କା ପରିଶୋଧ କରିଥିବା ସୂଚନା ଦେଇଛନ୍ତି ଚିଫ୍ ଏକ୍ସିକ୍ୟୁଟିଭ ଅଫିସର ସଞ୍ଜୟ କୁମାର ନାୟକ । ଏହି ସମବାୟ ସମିତିରେ ମେମ୍ବର ସଂଖ୍ୟା ୬୫୦୦ ରୁ ଅଧିକ ହୋଇଥିବା ବେଳେ ୧୫ ଶହରୁ ଅଧିକ ଜଣ ଧାନଚାଷ, କୁକୁଡ଼ା, ଛେଳି, ବ୍ୟବସାୟ ସହ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଗୋଷ୍ଠୀ ଇତ୍ୟାଦିଙ୍କୁ ଋଣ ସହାୟତା ଯୋଗାଇ ଦିଆଯାଇଥିବା ଜଣାଯାଇଛି ।



# ଶାଳନିଆ କେନାଲ ରାସ୍ତା ଶୋଚନୀୟ

ବାରିକପୁର,୧୪ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆ ଠାରୁ ମାନ୍ତପୁର ଛକ ୩ ନମ୍ବର ହାଇଲେବୁଲ କେନାଲକୁ ସଂଯୋଗ ହୋଇଥିବା ଶାଳନିଆ କେନାଲ ରାସ୍ତା ଏବେ ଶୋଚନୀୟ ହୋଇଛି । ପ୍ରାୟ ୩ ବର୍ଷ ପୂର୍ବରୁ ବିରିଡ଼ିଠାରୁ ଆମ୍ବଗଡ଼ିଆ ଓ ବନସ୍ତାଠାରୁ କେନାଲ ଶେଷ ମୁଣ୍ଡ ଯାଏଁ ବାମ ପାର୍ଶ୍ୱ ବନ୍ଧର ନିର୍ମାଣ କାର୍ଯ୍ୟ ହୋଇଥିଲା । ଦୁଇ ଜଣ ଠିକାଦାର ମୋରମ ଓ ମେଟାଲରେ ଏହି କେନାଲ ରାସ୍ତାକୁ ନିର୍ମାଣ କରିଥିଲେ । କାମ ସରିବାର ମାତ୍ର ଗୋଟିଏ ବର୍ଷ ପରେ ରାସ୍ତା ଉପରୁ ମେଟାଲ ଉଠି ଯାଇଥିବା ବେଳେ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା । ଚଳିତ ବର୍ଷ ବିରିଡି ଠାରୁ ଆମ୍ବଗଡ଼ିଆ ଗାଁ ଯାଏଁ କେନାଲ ରାସ୍ତାଟିରେ ପୁନଃ କାର୍ଯ୍ୟ ହୋଇଥିବା ବେଳେ ଏହାର ଫେବର ପିଚ ନିର୍ମାଣ ହୋଇଛି । ପରିତାପର ବିଷୟ ଏବେ ବନସ୍ତାଠାରୁ ନେରଡା ଓ ଯଶୋଟିକିରି ଠାରୁ ମାନ୍ତପୁର ଛକ ଯାଏଁ ପଥଚାରୀ ମାନେ ରାସ୍ତାରେ ଯିବାକୁ ଅତ୍ୟନ୍ତ କୁଣ୍ଠାବୋଧ କରୁଛନ୍ତି । ପାଖାପାଖି ୪ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି । ମୋଟରସାଇକଲ ଓ ସାଇକଲ ଯୋଗେ ଯାଉଥିବା ଲୋକମାନେ ଦୈନିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ସାରା ମେଟାଲ ମୋରମ ଉଠି ଯାଇଥିବା ବେଳେ ଲୋକଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି । ଦୈନିକ ଏହି ପଥରେ ହଜାର ହଜାର ଜନସାଧାରଣ ଯାତାୟାତ କରୁଥିବା ବେଳେ କେନାଲ ରାସ୍ତାଟିର ନବୀକରଣ କାର୍ଯ୍ୟ ପାଇଁ ଦାବି ହୋଇଛି । ତେଣୁ ଏହା ଉପରେ ଶାଳନିଆ ଓ ଶାଳପଡ଼ା ଜଳସମ୍ପଦ ବିଭାଗ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହୋଇଛି ।



**ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

# ୭୫ ବିଭାଗରେ ଭାଗ ନେଲେ ୪୪୨ ପ୍ରତିଯୋଗୀ

ଭଦ୍ରକ,୧୪।୧୨(ସମିସ)

ଭଦ୍ରକ ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତରେ ଜିଲ୍ଲାର ୭ଟି ବ୍ଲକ୍‌ରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ କ୍ଲବ୍ ସ୍ତରର ୧୪, ୧୬, ୧୮, ୨୦, ୨୩ ବର୍ଷରୁ କମ୍ ବର୍ଗର ବାଳକ ବାଳିକା ଉଭୟ ଜୁନିଆର୍ ଓ ସିନିୟର୍ ବିଭାଗରେ ମିଶି ମୋଟ ୪୪୨ ଜଣ ପ୍ରତିଯୋଗୀ ୭୫ ଗୋଟି ବିଭାଗରେ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାକୁ ଭଦ୍ରକ ଜିଲ୍ଲାପାଳ ତଥା ଆଥ୍ଲେଟିକ୍ ଆସୋସିଏସନ୍ର ସଭାପତି ଢଙ୍ଗଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଆସୋସିଏସନର ସମ୍ପାଦକ ଧୀରେନ ପଲାଇ, ବରେଣ୍ୟ ଅତିଥି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ଶଙ୍କର ଦାସ, କ୍ରୀଡ଼ା ସ୍ୱତନ୍ତ୍ର ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଆସୋସିଏସନ୍ର ସହସମ୍ପାଦକ ଅତିସ୍ କୁମାର ବେହେରା, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ସଦସ୍ୟ ଭବତୋଷ ଦାସ, ରବିନାରାୟଣ ପାଣିଗ୍ରାହୀ, ବେଦ ପ୍ରକାଶ ଗୁପ୍ତା, ସଞ୍ଜିବ ଦାସ, ରବିନାରାୟଣ ଓଝା, ମନୋଜ ସାହୁ, ସୁଶିଲ ପଟ୍ଟନାୟକ, ବାଇଧର ମହାକୁଡ଼, ଲକ୍ଷ୍ମଣ ବାରିକ, ଯଦବୀର ପ୍ରତାପରାୟ ପ୍ରମୁଖ ଯୋଗ ଦେଇଥିଲେ । ଅତିସ୍ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲର ବରିଷ୍ଠ ପର୍ବତାରୋହୀ ବିଜୟ କୁମାର ଗୁପ୍ତା, ବକ୍ସର କମଳାକାନ୍ତ ସାହୁ, ରେସ୍ଲର୍ ଶିବପ୍ରସାଦ ରାୟ, ଜାତୀୟ ସ୍ତରର ଫୁଟ୍‌ବଲ ଖେଳାଳୀ ଇପ୍ସିତା ରାଉତ, ଜାତୀୟ ସ୍ତରର ଆଥ୍ଲେଟିକ୍ ହରିଶଙ୍କର ପାଣିଗ୍ରାହୀ, ଜାତୀୟସ୍ତରର ସାଇକ୍ଲିଷ୍ଟ ସସ୍ମିତା ପଣ୍ଡା, ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟ ହର୍ଷିତ୍ ନାୟକ, ସତ୍ୟଜିତ୍ ଘୋଚ୍ଛାୟତ, ସଚିନ ଜେନା, ଅନୁସୟା ନନ୍ଦୀ, ସୂର୍ଯ୍ୟକାନ୍ତ ରାଉଳଙ୍କୁ ସମ୍ମାନିତ କରାଯାଇଥିଲା ।






## ବାଣିଜ୍ୟ ମହୋତ୍ସବ ଉଦ୍‌ଘାଟିତ

# ‘ଗଣମାଧ୍ୟମ ଶକ୍ତିଶାଳୀ ହେଲେ ସମାଜ ନିରାପଦ ରହିବ’

ଆନନ୍ଦପୁର, ୧୪।୧୨ (ସମିସ)



ଆନନ୍ଦପୁର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ଏବଂ ବାଣିଜ୍ୟ ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଅପରାହ୍ଣ ୩ଟା ସମୟରେ ଶ୍ରୀଦଧିବାମନଜୀଉ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରିବା ପରେ ଆଦିବାସୀ ଲୋକନୃତ୍ୟ ସହ ମାର୍ଶାପାଳର ସିଂହବାଜା, ଫକୀରପୁର ଘୋଡ଼ା ନାଚ ତାଳେତାଳେ ଶୋଭାଯାତ୍ରା ଆନନ୍ଦପୁର ଷ୍ଟାଡିୟମରେ ହୋଇଥିବା ସାଂସ୍କୃତିକ ମଞ୍ଚରେ ପହଞ୍ଚିଥିଲା। ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପ୍ରବଚକ ପଣ୍ଡିତ ଜିତୁ ଦାଶ ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଆନନ୍ଦପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଏଭଳି ନିଆରା କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଂଜନର ଖୋରାକ ଯୋଗାଇବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ସାମ୍ବାଦିକମାନେ ନିଜ ଲେଖା ମାଧ୍ୟମରେ ଲୋକଙ୍କ ସମସ୍ୟା ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ଗଣମାଧ୍ୟମ ଶକ୍ତିଶାଳୀ ହେଲେ ସମାଜ ନିରାପଦରେ ରହିବ ବୋଲି ଅତିଥିମାନେ କହିଥିଲେ। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁ, ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ଉପସ୍ଥିତିରେ ଅତିଥି କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋରଂଜନର ଖୋରାକ ଯୋଗାଇଥିଲା। ବରିଷ୍ଠ ସଦସ୍ୟ ନାରାୟଣ ପଣ୍ଡା, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଗୋପାଳ ରାଉତ, ଶ୍ରୀକୁମାର ମିଶ୍ର, ଉପେନ୍ଦ୍ର ସାହୁ, ଭାଗୀରଥି ଦାଶ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ସୁଶାନ୍ତ କୁମାର ସାହୁ, ପାର୍ଥସୌରଭ ସା, କୈଳାସ ଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନଦୁର୍ଗା ଷ୍ଟାର କ୍ଲବ୍ ପକ୍ଷରୁ ବୃକ୍ଷରୋପଣ



ଆନନ୍ଦପୁର, ୧୪।୧୨ (ସମିସ): ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଘସିପୁରା ବନଦୁର୍ଗା ଷ୍ଟାର୍ କ୍ଲବ ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ପ୍ରଥମେ ବୃକ୍ଷ ରୋପଣ କରିଥିଲା ବେଳେ ଏକ ସଚେତନତା ସଭାରେ ବନଦୁର୍ଗା ଷ୍ଟାର୍ କ୍ଲବର ସଭାପତି ଯଶୋବନ୍ତ ଦାଶ, ସଂପାଦକ ଶରତଚନ୍ଦ୍ର ପାତ୍ର, କାଉନସିଲର ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, ସରୋଜ କୁମାର ସାହୁ, ନାରାୟଣ ପାତ୍ର, ସମୀର ରଞ୍ଜନ ସାହୁ, ରଞ୍ଜନ କୁମାର ସାହୁ, ସୁଧାକର ପାତ୍ର, ଶିବାନନ୍ଦ ପାତ୍ର, ପିଣ୍ଟୁ ପାତ୍ର, ଦୀପକ କୁମାର ପାତ୍ର, ଅମୂଲ୍ୟ କୁମାର ମୁଖୀ, ଦେବଦତ୍ତ ଜେନା, ରାଜେନ୍ଦ୍ର କୁମାର ଜେନା, ବିଶ୍ୱଜିତ ଜେନା, ଦୀପୁ ପାତ୍ର, କୈଳାଶଚନ୍ଦ୍ର ପାତ୍ର, ଟୁକୁ ଦାଶ ପ୍ରମୁଖ ଯୋଗଦାନ କରିଥିଲେ।

## ଆନନ୍ଦପୁର ଖବରକାଗଜ ବିତରକ ସଂଘର ବୈଠକ



ଆନନ୍ଦପୁର,୧୪।୧୨ (ସମିସ): ଆନନ୍ଦପୁର ଖବରକାଗଜ ବିତରକ ସଂଘର ସାଧାରଣ ପରିଷଦ ବୈଠକ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ଜ୍ଞାନରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଗାମୀ ୨ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଜ୍ଞାନରଞ୍ଜନ ଦାଶ ସଭାପତି, ରମାକାନ୍ତ ମଲିକ ଉପସଭାପତି, ଗୋପୀନାଥ ପଟ୍ଟନାୟକ ସମ୍ପାଦକ, ଶ୍ରୀଧର ସାହୁ ସହସମ୍ପାଦକ ଓ ତ୍ରିଲୋଚନ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ ମଙ୍ଗୁଳି ଚରଣ ସାହୁ, ପାଗଳଚନ୍ଦ୍ର ରଣା, ଅଜୟ କୁମାର ପେରେଇ, ନିରଞ୍ଜନ ଜେନା, ଦୈତାରୀ ରାମ, କୃଷ୍ଣଚନ୍ଦ୍ର ବାହାଦୁର ସଦସ୍ୟ ଭାବେ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ସାମ୍ବାଦିକ ମଦନ ପାଣି, ଶତ୍ରୁଘ୍ନ ସାହୁ, ଲଲାଟେନ୍ଦୁ ଧୀର, ନିରଞ୍ଜନ ସ୍ୱାଇଁ, ଭରତଚନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଛି। ସଂଘର ସଦସ୍ୟ ଟୁଟୁଜେନା କୃଷ୍ଣଚନ୍ଦ୍ର ସେଠୀ, ବାପୁନୁ ଜେନା, ହେମନ୍ତ ଦଳେଇ, ଭାଗିରଥୀ ପଣ୍ଡା, ବନମାଳି ସାହୁ, ଶ୍ରୀଧର ସାହୁ, ନବଘନ ଦାଶ କେଦାରନାଥ ନିରଞ୍ଜନ ଜେନା, ଅଜୟ ପେରେଇ, ରମାକାନ୍ତ ମଲିକ, ପ୍ରେମାନନ୍ଦ ମହାନ୍ତି, ପାଗଳ ରଣା ଅଙ୍କିତ ମିଶ୍ର, ହେମନ୍ତ ଦଳେଇ, ମହେଶ୍ୱର ରାମ ପ୍ରମୁଖ ଯୋଗ ଦେଇଥିଲେ।

## ବାଟପଲସା ସରସ୍ୱତୀ ଶିଶୁମନ୍ଦିରରେ ସଂକୁଳସ୍ତରୀୟ କ୍ରୀଡ଼ା

କରଞ୍ଜିଆ, ୧୪।୧୨ (ସମିସ): କରଞ୍ଜିଆ ବ୍ଲକ୍‌ର ବାଟପଲସାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୪ତମ ସଂକୁଳକସ୍ତରୀୟ କ୍ରୀଡ଼ା ଆୟୋଜିତ ହୋଇଛି। ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରାନ୍ତରୁ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ବିଭିନ୍ନ ବର୍ଗରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି କ୍ରୀଡ଼ାରେ ୬୦ଟି ଖେଳର ଆୟୋଜନ ହୋଇଛି। ଏଥିରେ ୪ଜଣ ଛାତ୍ରଛାତ୍ରୀ ଚାମ୍ପିଅନ ହୋଇଛନ୍ତି। ଏହି କ୍ରୀଡ଼ା ସମାରୋହରେ ମୁଖ୍ୟଅତିଥି ଭାବେ ପ୍ୟାରୀମୋହନ ମହାନ୍ତ ଯୋଗ ଦେଇଥିବାବେଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗୁରୁଜୀ, ଗୁରୁମା ପରିଚାଳନା କରିଥିଲେ।

## ‘ଆମେ ୭ ୯’ ଅନୁଷ୍ଠାନର ବୈଠକ



କରଞ୍ଜିଆ,୧୪।୧୨(ସମିସ): ଆମେ ୭ ୯ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଟ୍ରେଜେରୀ ଅଫିସର ଶତ୍ରୁଘନ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ ଛାତ୍ର ସ୍ୱର୍ଗତ ମଦନ ସାହୁଙ୍କ ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍କୁଲ ପରିସରରେ ଆଗାମୀ ଦିନରେ ଚାରା ରୋପଣ, ଗରିବ ଛାତ୍ରଛାତ୍ରୀଙ୍କୁ ପୁସ୍ତକ, କଲମ, ଖାତା ଆଦି ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଇଣ୍ଟରନିଟି ପତ୍ରିକାର ସଂପାଦକ ହରେକୃଷ୍ଣ ମହାନ୍ତ ଓ ସାମ୍ବାଦିକ କର୍ଣ୍ଣାର୍ଜୁନ ସାହା “ଆମେ ୭ ୯” ଅନୁଷ୍ଠାନ ତରଫରୁ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଅଗ୍ରୱାଲା, ସଦାନନ୍ଦ ସାହୁ, ଗୋବିନ୍ଦ ସାମନ୍ତରାୟ, ସଜ୍ଜନ ଅଗ୍ରୱାଲା, ସଂଜୟ ଦାସ, କାଶୀନାଥ ମହାନ୍ତ, ସୁଶୀଲ ଅଗ୍ରୱାଲା, ସୁଭାଷ ମିଶ୍ର, ବରୁଣ ସାହା, ଅଜିତ୍ ସାହୁ, ଅଶୋକ ଦାସ, ଡକ୍ଟର ରଖୀତ୍ ପତି, ଡମ୍ବୁରୁଧର ମହାନ୍ତ, ସଂଜୟ ଓତା, ରଙ୍ଗାଧର ପାତ୍ର, ମହମ୍ମଦ କାୟୁମ୍, ବନମାଳୀ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରମେଶ୍ୱର ମହାନ୍ତ ଧନ୍ୟବାଦ ଦେଇଥିଲେ।

## ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ଚକ୍ଷୁ ଚିକିତ୍ସା ଶିବିର



ବଡସାହି/ମାଣତ୍ରୀ, ୧୪।୧୨(ସମିସ): ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ବିଜିପୁରଠାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୫ ଜଣ ଗରିବ ଗ୍ରାମୀଣ ଲୋକଙ୍କ ମାଗଣା ଆଖି ପରୀକ୍ଷା କରାଯିବା ସହିତ ୧୫ ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ୧୦୦ ଜଣ ଗରିବ, ଅସହାୟ ଲୋକଙ୍କୁ ଅସହ୍ୟ ଶୀତ ଲହରୀ ପାଇଁ ପରେଶ ଦଳେଇ, ଦେବବ୍ରତ ରଥ, ନୀଳମାଧବ ବସ୍‌ର ମାଲିକ ଚିଲନନାଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଓ ସର୍ବେଶ୍ୱର ଜେନାଙ୍କ ସହିତ ସମସ୍ତ ପୁରୁଷ, ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନ କେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ, ବନ୍ଧୁମିଳନ ଓ ସ୍ୱାସ୍ଥ୍ୟସେବା ପ୍ରଦାନ ଆଦି ଅନେକ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ସଭାପତି ଓ ସମ୍ପାଦକ ଜଣାଇଛନ୍ତି।

## କପ୍ତିପଦା ଉପଖଣ୍ଡସ୍ତରୀୟ ଉଦଳା ମହୋତ୍ସବ ଧୁମୁସା ଉଦଘାଟିତ



ଉଦଳା, ୧୪।୧୨(ସମିସ): ବାଜିଲା ଧୁମୁସା, ନାଚି ଉଠିଲା ଉଦଳା। ଆରମ୍ଭ ହେଲା ଉପଖଣ୍ଡସ୍ତରୀୟ ଉଦଳା ମହୋତ୍ସବ ଧୁମୁସା। ଉଦ୍‌ଘାଟନୀ ଉତ୍ସବରେ ଏକ ବଡ଼ କାର୍ଣ୍ଣିଭାଲ ଉଦଳା ଗୌଡିୟ ମଠଠାରୁ ବାହାରି ଧୁମୁସା ମଞ୍ଚ ନିକଟରେ ପହଞ୍ଚିଥିଲା। ବିଶାଳ କର୍ଣ୍ଣିଭାଲରେ ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କ ସହିତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ଆଦିବାସୀ ନୃତ୍ୟ ସହିତ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ନାଚିଥିଲା ଉଦଳା। ଏଥିସହିତ ବିଭିନ୍ନ କଲେଜ ଛାତ୍ରଛାତ୍ରୀ ମଧ ଏହି କାର୍ଣ୍ଣିଭାଲରେ ସାମିଲ ହୋଇଥିଲେ। ଯାହାକି ନୃତ୍ୟର ତାଳେ ତାଳେ କାର୍ଣ୍ଣିଭାଲ ଧୁମୁସା ମଞ୍ଚ ନିକଟରେ ପହଞ୍ଚିଥିଲା। ଉଦଘାଟନ ସନ୍ଧ୍ୟାରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢେଇ, ଉଦଳା ଏନଏସି ନଗରପାଳିକା ପ୍ରମିଳା ପଣ୍ଡା ଧୁମୁସା କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ପରେ ପ୍ରଥମ ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗୃହ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ସମେତ ଉଦଳା ବିଧାୟକ, ବଡ଼ସାହି ବିଧାୟକ, ଏନଏସି ନଗରପାଳିକା, ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନ, ପୂର୍ବତନ ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କ ସଭାପତିତ୍ୱରେ ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପ ପ୍ରଦାନ କରିବା ସହିତ ଧୂପ ଦୀପ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏ ଅବସରରେ ଧୁମୁସା ମହୋତ୍ସବର ସ୍ମରଣିକା ଅତିଥିଙ୍କ ହାତରେ ଲୋକାର୍ପିତ ହୋଇଥିଲା। ପରେ ବିଭିନ୍ନ କଲେଜ ସହିତ ଆଞ୍ଚଳିକ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଅସୀମା ପଣ୍ଡାଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ। ଏହି ମହୋତ୍ସବ ୮ ଦିନ ଧରି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ।

## ମାଫିଆଙ୍କ ଆତଙ୍କରାଜ | ବନ କର୍ମଚାରୀଙ୍କୁ ମାଡ଼ ମାରି କଲେ ଲହୁଲୁହାଣ



ଉଦଳା,୧୪।୧୨(ସମିସ): ମାତିଲେ ମାଫିଆ। ଚୋରା ଚାଲାଣ ଗାଡ଼ି ଜବତ କରିଥିବାରୁ ପୂର୍ବ ରାଗରୁ ବନ କର୍ମଚାରୀଙ୍କୁ ବିଚ ରାସ୍ତାରେ ନିର୍ଘାତ ମାଡ଼ ମାରି ଲହୁଲୁହାଣ କରିଛନ୍ତି। ଉଦଳା ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ପାରା ଫରେଷ୍ଟର ଅନନ୍ତ ନାରାୟଣ ଚୌଧୁରୀଙ୍କୁ ମାଫିଆମାନେ ମାଡ଼ ମାରିଛନ୍ତି। ଗତ ଅକ୍ଟୋବର ୧୫ ତାରିଖରେ ଉଦଳା ବନ ବିଭାଗ ପକ୍ଷରୁ ଚୋରା ମାଙ୍କଡା ବୋଝେଇ ଗାଡ଼ିକୁ ବନ ବିଭାଗ ଜବତ କରିଥିଲା। ଗାଡ଼ି ଜବତ ହେବା ପରଠାରୁ ମାଙ୍କଡ଼ା ପଥର ମାଫିଆ ପାରା ଫରେଷ୍ଟର ଅନନ୍ତ ଚୌଧୁରୀଙ୍କୁ ଧମକ ଦେଇଆସୁଥିଲେ। ଶନିବାର ସନ୍ଧ୍ୟାରେ ପାରା ଫରେଷ୍ଟର ରାସ୍ତାରେ ଯାଉଥିବାବେଳେ ଉଦଳା-ବାରିପଦା ରାଜ୍ୟ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ଅଚାନକ ୩ ଜଣ ମାଫିଆ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ନିର୍ଘାତ ମାଡ଼ ମାରିଥିଲେ। ମାଡ଼ ମାରି କରିଥିଲେ ଲହୁଲୁହାଣ। ଆକ୍ରମଣରେ ଗୁରୁତର ହୋଇ ପାରା ଫରେଷ୍ଟର ଉଦଳା ମେଡିକାଲରେ ଚିକିତ୍ସିତ ହେବା ପରେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ତେବେ ମାଫିଆମାନେ ଆତଙ୍କରାଜ ଚଳାଇଥିବାବେଳେ ଏହା ଉପରେ ରୋକ ଲାଗିପାରୁନାହିଁ।

## ଜୁଆ ଆଡ୍ଡାରେ ଚଢ଼ଉ


ତେଲକୋଇ, ୧୪।୧୨(ସମିସ): ତେଲକୋଇ ଥାନାଞ୍ଚଳରେ କେନ୍ଦୁଝର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଦୋବଲା ପାଳ ପ୍ଲାଣ୍ଟ ପଛ ପାର୍ଶ୍ୱରେ ଚାଲିଥିବା ଜୁଆ ଆଡ୍ଡା ଓ କୁକୁଡ଼ା ଲଢ଼େଇ ଉପରେ ଚଢ଼ଉ କରି କେତେକ ଜୁଆଡ଼ି ଓ କୁକୁଡ଼ା ଲଢ଼େଇ କାର୍ପଟଦାରଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏଥିରେ ବ୍ୟବହୃତ ୮ଟି ବାଇକ୍ ଓ କେତେକ କୁକୁଡ଼ା ମଧ ଜବତ କରିଛି ପୁଲିସ। ପାଖା ପାଖି ୬ ଜଣଙ୍କୁ ଉଠାଇ ଆଣିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଏ ସମ୍ବନ୍ଧରେ ପୁଲିସ କୌଣସି ସୂଚନା ଦେଉନାହିଁ। ଜୁଆ ପଡ଼ାରେ ବିପୁଳ ଅର୍ଥକୁ ପୁଲିସ କବଜା କରିଥିବା ଜଣାପଡ଼ିଛି।

## ୨ ଟିକିଆ ହାତୀ ଉପଦ୍ରବ | ଦୁଇ ବାଇକ୍ ସହ ଭାଙ୍ଗିଲେ ଘର



ତୁରୁମୁଙ୍ଗା(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟ୍‌କୁ ଶନିବାର ବିଳମ୍ବିତ ରାତିରେ ଦୁଇଟିକିଆ ହାତୀ ମୟୂରଭଞ୍ଜ ଜିଲ୍ଲା ରରୁଆଁ ସେକ୍ସନରୁ ଆସି ପଦ୍ମପୁର ଗ୍ରାମରେ ୨ ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ପଦ୍ମପୁର ଗ୍ରାମର ଭୁଲି ଭୂମିଜ ଏବଂ ବାଘୁ ଭୂମିଜଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିବା ସହ ରବିବାର ସକାଳୁ ଏହି ହାତୀ ତୁରୁମୁଙ୍ଗା ଚମ୍ପୁଆ କେଟି ରୋଡର ଝାଲିଆବେଡ଼ା ନିକଟରେ ଦୀର୍ଘ ସମୟ ଧରି ଛିଡା ହୋଇ ରାସ୍ତା ଅବରୋଧ କରିଥିବାରୁ ଉକ୍ତ ରାସ୍ତାରେ ଗାଡି ମୋଟର ଯିବାରେ ବ୍ୟାହତ ହୋଇଥିଲା। ସନ୍ଧ୍ୟାରେ ହାତୀପଲ ଝଲିଆବେଡ଼ା ଓ ବରପଦା ଜଙ୍ଗଲରେ ଡେରା ପକାଇଥିବା ବେଳେ କିଛି ଲୋକ ଜଙ୍ଗଲରେ ବାଇକ ରଖି ହାତୀ ଦେଖିବାକୁ ଯାଇଥିବା ସମୟରେ ହାତୀ ଦୁଇଟି ବାଇକକୁ ପାଦରେ ମାଡ଼ି ଭାଙ୍ଗି ଦେଇଥିବା ଜଣାପଡ଼ିଛି।

## ଲକ୍ଷାଧିକ ଟଙ୍କାର କାଠ ସହ ଟ୍ରକ୍ ଜବତ



ତୁରୁମୁଙ୍ଗା, ୧୪।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଏବେ କାଠ ମାଫିଆ ସକ୍ରିୟ ହୋଇ ପଡିଥିବା ବେଳେ ନିମିଷକ ମଧ୍ୟରେ କଟର ସହାୟତାରେ ବଡ଼ ବଡ଼ ଗଛ କାଟି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି। କେନ୍ଦେଇପଶି ବିଟ୍ ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ସିଲିଦା ନିକଟରୁ ଶନିବାର ବେଆଇନ ଭାବରେ ଆକାଶିଆ ଓ ପଟାସ ଗଛକୁ କାଟି ଏକ ୧୪ ଚକିଆ ଟ୍ରକରେ ଚୋରା ଚାଲାଣ କରୁଥିବା ଖବର ପାଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, କେନ୍ଦେଇପଶି ବିଟ୍ ବନରକ୍ଷୀ ରାଜେଶ ଜେନା ସନ୍ଧ୍ୟାରେ ଚଢ଼ଉ କରି ସିଜି ୧୫ଡିକେ ୩୦୬୮ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭର ଛତିଶଗଡ଼ର ସୁରଜପୁର ଜିଲ୍ଲା ଚମ୍ପକପୁର ଗ୍ରାମର ରାଜୁ ସିଂ (୨୯)ଙ୍କ ନାମରେ ବନ ବିଭାଗ ମାମଲା ରୁଜୁ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ରେଞ୍ଜର କହିଥିବା ବେଳେ ଗଛ କଟାଉଥିବା ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆର ଶିଶିର କୁମାର ଦାସଙ୍କ ନାମରେ ମାମଲା ରୁଜୁ ହୋଇଥିବା କହିଛନ୍ତି। ଅନ୍ୟପଟେ ବନ କର୍ମଚାରୀଙ୍କ ଅବହେଳା ଯୋଗୁଁ ସବୁଜ ସୁନ୍ଦର ଓ ଜଙ୍ଗଲ ଭରା ପାଟଣା ରେଞ୍ଜ ଅଞ୍ଚଳ ଦିନେ ମରୁଭୂମିରେ ପରିଣତ ହେଇଯିବ ବୋଲି ପରିବେଶବିତ ଚିନ୍ତା ପ୍ରକଟ କରିଛନ୍ତି।

## ରାଇରଙ୍ଗପୁରେ ଦୋକାନରୁ ଚୋରି



ରାଇରଙ୍ଗପୁର,୧୪।୧୨ (ସମିସ): ରାଇରଙ୍ଗପୁର ସହର ଚୋରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଗୋଟିଏ ଦିନ ବ୍ୟବଧାନରେ ପୁଣି ସହରର ଏକ ଦୋକାନରୁ ଟଙ୍କା ଓ ସାମଗ୍ରୀ ଚୋରି ହୋଇଛି। ଯାହାକି ପୁଲିସର ନିଷ୍କ୍ରିୟତାକୁ ଦର୍ଶାଇଛି। ପ୍ରବଳ ଶୀତର ସୁଯୋଗ ନେଇ ବିଳମ୍ବିତ ରାତିରେ ଚୋରି କରୁଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୱାର୍ଡନଂ ୧୦, ଅଁଳାଡୁବାସ୍ଥ ଦେବାଶିଷ ବେହେରାଙ୍କ ଗ୍ରୋସରି ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ରାଇରଙ୍ଗପୁର ଟାଉନ ଥାନାରେ ଏତଲା ଦେଇଛନ୍ତି। ରାଇରଙ୍ଗପୁର-ବାରିପଦା ମୁଖ୍ୟ ରାସ୍ତା କଡ଼ରେ ଥିବା ଦୋକାନରୁ ଚୋରି କରିଛନ୍ତି। ଦୋକାନ ମାଲିକ ରବିବାର ସକାଳୁ ଦୋକାନ ଖୋଲିବା ବେଳେ ସଟର ତାଲା ଭଙ୍ଗା ପଡ଼ିଥିବା ଦେଖିବାକୁ ପାଇଥିଲେ ଓ ଦୋକାନରୁ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

## ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

### ରାଉରକେଲାକୁ ହରାଇ କୋଲକାତା ଚାମ୍ପିଅନ୍



ବାରିପଦା,୧୪।୧୨(ସମିସ): ସ୍ଥାନୀୟ ପ୍ରଫୁଲ୍ଲନଗରସ୍ଥ ଲେଟ କଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୋଲକାତାର ଏଲଆରଏସ ଟିମ ୬ ୱିକେଟରେ ରାଉରକେଲା ଟିମକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ରାଉରକେଲା ୯ ୱିକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୦ ଓଭରରେ ୪ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଙ୍କୁର ଚୌଧୁରୀ ମ୍ୟାନ ଅଫ ଦି ମ୍ୟାଚ, ଗୌତମ ସୁନା ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବୋଲର, ରିସବ ଚୌଧୁରୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ସ୍ୱରୂପ ଚାମ୍ପିଅନ ଦଳକୁ ୧ ଲକ୍ଷ ରାଶି ଓ ଟ୍ରଫି ଓ ରନର୍ସଅପ ଦଳକୁ ୮୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କମିଟି ସଭାପତି ଗିରିଶ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଇଞ୍ଜିନିୟର ଇନ ଚିଫ ଇ. ସତ୍ୟବ୍ରତ ବେହେରା, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଓ ମୁଖ୍ୟଯନ୍ତ୍ରୀ ଅରବିନ୍ଦ ତ୍ରିପାଠୀ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ ଦାଶ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ, ସନ୍ତୋଷ ଅଗ୍ରୱାଲ, କାଶୀନାଥ ରଣା, ଶ୍ରୀକାନ୍ତ ବେହେରା, ବିଜୟ ଅଗ୍ରୱାଲ, ସଂଜୀବ ଦ୍ୱିବେଦୀ, ଇ. ମାନସ ସେଠୀ, ଇ. ରୋହନ ରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ ସାହୁ ସ୍କୋର ଓ ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ସୁବ୍ରତ ଲେଙ୍କା, ସମରଜିତ ଗୋସ୍ୱାମୀ, ଅଜୟ ସିଂ, ପଲବିନ୍ଦର ସିଂହ, ଦିବ୍ୟାଲୋଚନ ଦାଶ, ଦିପାନ ମାଇତି, ପୱନ ଅଗ୍ରୱାଲ, ବିଜୟ ରାୟ, ଗୌରବ ମହାନ୍ତି, ମନୋଜ ମହାନ୍ତି, ଯୋଗେଶ ମିଶ୍ର, ମାଧବ ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଆଙ୍ଗୁଲିଆ କ୍ରିକେଟ୍ | ଅସେଇକଳାକୁ ହରାଇ ଠାକୁରାଣୀ ଚାମ୍ପିଅନ

ନାରଦପୁର, ୧୪।୧୨(ସମିସ)



ଝୁମ୍ପୁରା ବ୍ଲକ ନାରଦପୁର ପଞ୍ଚାୟତ ଆଙ୍ଗୁଲିଆ ଗ୍ରାମରେ ନିଉ ଦୋସ୍ତି ଫୁଟବଲ କ୍ଲବ ଦ୍ୱାରା ତିନି ଦିନ ଧରି ଆୟୋଜିତ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଉଦଯାପିତ ହୋଇଯାଇଛି। ଏଥିରେ ଅସେଇକଳାକୁ ହରାଇ ବଜରଙ୍ଗୀ ଏଫ. ସି. ଠାକୁରାଣୀ (ବଡ଼ବିଲ) ଚାମ୍ପିଅନ ହୋଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୩୨ଟି ଦଳ ଭାଗ ନେଇଥିବାବେଳେ ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା, ଖାସି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ରନର୍ସ ଅପ ଦଳକୁ ମଧ ୨୦ ହଜାର ଟଙ୍କା, ଖାସି ଓ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ତୃତୀୟ ପୁରସ୍କାର ବାବଦକୁ ୧୫ ହଜାର ଟଙ୍କା, ଖାସି, ଟ୍ରଫି ଓ ଚତୁର୍ଥ ପୁରସ୍କାର ବାବଦକୁ ୧୦ ହଜାର ଟଙ୍କା, ଖାସି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ପୁରସ୍କାର ଭାବେ ସମସ୍ତଙ୍କୁ ଖାସି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅଙ୍ଗୁଲିଆ ଗ୍ରାମର ଛାତ୍ରୀମାନେ ଆଶାରାଣୀ ମହାକୁଡ, ଅଞ୍ଜନା ନାଏକ, ବର୍ଷା ରାଣୀ ମହାକୁଡ, ତୃପ୍ତି ମୟୀ ମହାକୁଡ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଜେ. ପି. ଦଳର ୧୬ ନମ୍ବର ଜୋନ ସଭାପତି ବୃନ୍ଦାବନ ମହାନ୍ତ, ଉପସଭାପତି ବାସୁଦେବ ବାରିକ, ସାଧାରଣ ସମ୍ପାଦକ ନେତ୍ରାନନ୍ଦ ମହାନ୍ତ, ଯୁବମୋର୍ଚ୍ଚା ସଭାପତି ମଳୟ ରଞ୍ଜନ ମହାନ୍ତ, ସମ୍ପାଦକ ଗୁଣନିଧି ଗିରି, କୋଷାଧକ୍ଷ ଚିତ୍ତରଞ୍ଜନ ମହାନ୍ତ, ବିରଞ୍ଚି ପ୍ରଧାନ, ରୋହିତ ନାଏକ, ନରେନ୍ଦ୍ର ପଲେଇ, ନାରାୟଣ ବେହେରା, ହୃଷୀକେଶ ମହାନ୍ତ, ରସାନନ୍ଦ ବାରିକ, ନାରଦପୁର ପୂର୍ବତନ ସରପଞ୍ଚ ସୁଶୀଳ ନାଏକ, କିଶୋର ନାଏକ ପ୍ରମୁଖ ଯୋଗଦେଇଥିଲେ। କମିଟି ସଦସ୍ୟ ବାବୁଲାଲ ମହାକୁଡ଼, ଅର୍ଜୁନ ମୁଣ୍ଡା, ବିକାଶ ରଞ୍ଜିତି, ଶ୍ୟାମସୁନ୍ଦର ନାଏକ, ଯଶୋବନ୍ତ ମହାନ୍ତ, ରୈଦାସ ମାଝୀ ଓ ଅନ୍ୟମାନେ ସହଯୋଗ କରିଥିଲେ। ଏହି ଖେଳକୁ ରେଫରୀ ଭାବେ ଯତୀନ ମହାନ୍ତ, ଗଜାନନ ପାତ୍ର, ଶଙ୍କର୍ଷଣ ନାଏକ, ନିତିନ ମହାନ୍ତ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁରେନ୍ଦ୍ର ମହାନ୍ତ ଓ କ୍ଷୀରୋଦ ଗିରି ଦାୟିତ୍ୱ ତୁଲାଇଥିଲେ। ଖେଳ ଦେଖିବାକୁ ହଜାର ହଜାର ଲୋକ ଠୁଳ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟ କ୍ଷେତ୍ରରେ କୌଣସି ନୂତନ ପଦକ୍ଷେପ ନେଇପାରନ୍ତି । ଉଚ୍ଚ ଅଧିକାରୀଙ୍କ ପ୍ରଶଂସା ପାଇବେ । ବ୍ୟବସାୟୀଙ୍କୁ ଭାଗ୍ୟର ପୂରା ସହଯୋଗ ମିଳିବ । ଆର୍ଥିକ ଚିନ୍ତା ଦୂର ହେବ ।

**ବୃଷ:** ପାରିବାରିକ ଶାନ୍ତି ବଜାୟ ରହିବ । କର୍ମକ୍ଷେତ୍ରରେ ପଦୋନ୍ନତିର ଅବସର ମିଳିପାରେ । ଆଧ୍ୟାତ୍ମିକତା ପ୍ରତି ରୁଚି ବଢ଼ିବ । ବେପାରୀଙ୍କ ଆମଦାନି ବଢ଼ିପାରେ । ସାମାଜିକ କାର୍ଯ୍ୟରେ ଯୋଗଦାନ କରିବେ ।

**ମିଥୁନ:** ଗୁରୁଜନଙ୍କ ଆଶିର୍ବାଦ ପାଇବେ । ମହିଳାମାନଙ୍କ ପାଇଁ ଦିନଟି ସୁଖ ଓ ଶାନ୍ତିପୂର୍ବକ ବିତିବ । ଆକସ୍ମିକ ଧନଲାଭର ଯୋଗ ଅଛି । ବୈବାହିକ ଜୀବନରେ ସୁଖମୟ ହେବ ।

**କର୍କଟ:** ଏକାଗ୍ରତା ବଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ । ସନ୍ତାନଙ୍କ ସୁଖ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ବ୍ୟବସାୟ ବୃଦ୍ଧି ପାଇବା ସହ ଖ୍ୟାତି ବଢ଼ିବ ।

**ସିଂହ:** ଜୀବନରେ ପରିବର୍ତ୍ତନ ଦେଖାଦେବ । କର୍ମକ୍ଷେତ୍ରରେ ସଫଳତା ପାଇବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିପାରନ୍ତି । ପରୀକ୍ଷାର୍ଥୀଙ୍କ ଲାଗି ଦିନଟି ଭଲ ରହିବ ।

**କନ୍ୟା:** ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ । ଆର୍ଥିକ ସ୍ଥିତି ଭଲ ରହିବ । ପରିବାରବର୍ଗଙ୍କ ପୂରା ସହଯୋଗ ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଭିନ୍ନ ଯୋଜନା ପ୍ରସ୍ତୁତ କରିବେ ।

**ତୁଳା:** ନିଜ ଆଚରଣରେ ମଧୁରତା ଆଣିବେ । ଆର୍ଥିକ ମାମଲାରେ ଲାଭ ମିଳିବ । ପରିବାର ସହ ତୀର୍ଥଯାତ୍ରା ପାଇଁ ଯୋଜନା କରିବେ । ବନ୍ଧୁମାନଙ୍କ ସହ ମିଳାମିଶା ବଢ଼ିବ ।

**ବିଛା:** ଅନୁଭବୀ ବ୍ୟକ୍ତିଙ୍କଠାରୁ ପରାମର୍ଶ ନେଇ ନୂତନ ନିବେଶ କରିବେ । ସନ୍ତୋଷଜନକ ଫଳ ପାଇବେ । ପ୍ରେମ ଓ ବୈବାହିକ ଜୀବନରେ ତିକ୍ତତା ଦେଖାଦେଇପାରେ ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ବିଚାରକୁ ମାନ୍ୟତା ମିଳିବ । ମହିଳାଙ୍କ ଦାୟିତ୍ୱ ବିକଶିତ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରନ୍ତୁ ।

**ମକର:** କାର୍ଯ୍ୟକ୍ଷେତ୍ରରେ ନୂଆ ଅବସର ମିଳିପାରେ । ହଠାତ୍ କୌଣସି ନିଷ୍ପତ୍ତି ନେବାକୁ ପଡ଼ିପାରେ । ଜମି ଓ ଭିତ୍ତିଭୂମିରେ ନିବେଶ ପାଇଁ ଜୀବନସାଥୀଙ୍କ ପରାମର୍ଶ ଲୋଡ଼ିବେ ।

**କୁମ୍ଭ:** ମହିଳାମାନେ ଅଯଥା କଥାରେ ପଡ଼ି ମାନସିକ ଶାନ୍ତି ହରାଇବେ । ଅନ୍ୟଠାରୁ ସାହାଯ୍ୟ ଆଶା କରି ଦୁଃଖ ପାଇବେ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ ।

**ମୀନ:** ନୂତନ କାର୍ଯ୍ୟରେ ଯୋଗଦେଇ ପାରନ୍ତି । ମହିଳାମାନଙ୍କୁ ପରିଶ୍ରମ ଅନୁସାରେ ଲାଭ ମିଳିବ । ସନ୍ତାନଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବେ ।

## ଆଜିର ଇତିହାସ

- ୧୮୦୩- ଇଷ୍ଟ ଇଣ୍ଡିଆ କମ୍ପାନି ଓଡ଼ିଶା ଉପରେ କବ୍‌ଜା କଲା ।
- ୧୯୧୧- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ସୋସାଇଟିର ସ୍ଥାପନା ।
- ୧୯୫୦- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦେହାନ୍ତ ।
- ୧୯୯୭- ଅରୁନ୍ଧତୀ ରାୟ ତାଙ୍କ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ' ପାଇଁ ବୁକର୍ ପୁରସ୍କାର ଜିତିଲେ ।
- ୨୦୧୦- ଅଷ୍ଟ୍ରେଲିଆର କ୍ରିସ୍‌ମାସ୍ ଦ୍ୱୀପ ନିକଟରେ ୮୯ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ନୌକା ଦୁର୍ଘଟଣାଗ୍ରସ୍ତ ହେବାରୁ ୫୦ ଜଣକ ପ୍ରାଣହାନି ।

## 'ଗୋଲମାଲ ୫'

# ଏକାଠି ଆସିବେ କରିନା-ସାରା



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ଏବେ 'ଗୋଲମାଲ ୫' ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଲେଣି । ଦର୍ଶକେ ଅନେକ ଦିନରୁ 'ଗୋଲମାଲ' ଫ୍ରାଞ୍ଚାଇଜ୍‌ର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି । ନିକଟରେ ଇନ୍‌ଷ୍ଟାଗ୍ରାମ୍‌ରେ ରୋହିତ୍ 'ଗୋଲମାଲ୍ ୫' ନିର୍ମାଣ କରୁଥିବା ଏକ ପୋଷ୍ଟ ସେୟାର୍ କରାଯାଇଥିଲା । ଏହାକୁ ରୋହିତ୍ ଲାଇକ୍ କରିଥିଲେ । ଏଥିରୁ ସେ ଏହି ଫିଲ୍ମ ସମ୍ପର୍କରେ ଖୁବ୍‌ଶୀଘ୍ର ବିଧିବଦ୍ଧ ଭାବେ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ରୋହିତ୍ ଏବେ ଏହାର କଳାକାର ଫାଇନାଲ କରୁଥିବା କଥା ଏଥିରେ ଉଲ୍ଲେଖ ଥିଲା । ଏହାସହ ଏହି ଫିଲ୍ମ ପାଇଁ ସେ କରିନା କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ଅଫର୍ ଦେଇଥିବା ଉଲ୍ଲେଖ ଥିଲା । କୁନାଲ ଖେମୁ ଏଥିରେ କ୍ରିଏଟିଭ୍ ଆଡଭାଇଜର ଭାବେ କାମ କରୁଛନ୍ତି । ତେବେ ଏଥିରେ ଅଜୟ ଦେବଗନ୍‌ଙ୍କ ବିପକ୍ଷରେ କରିନାଙ୍କୁ କାଷ୍ଟ କରିବା ପାଇଁ ଫିଲ୍ମ ନିର୍ମାତା ଭାବୁଛନ୍ତି । ଯଦି ସବୁ କିଛି ଫାଇନାଲ ହୁଏ, ପ୍ରଥମ ଥର ପାଇଁ ସାରା ଓ କରିନା ଏକାଠି ଗୋଟିଏ ଫିଲ୍ମରେ ନଜର ଆସିବେ । ଏହାସହ ଏଥିରେ କୁନାଲ ଖେମୁ ମଧ୍ୟ ଦେଖାଯିବେ । ପ୍ରଥମ ଥର ପାଇଁ ପରଦାରେ ଖାନ୍ ପରିବାରର ସଦସ୍ୟମାନଙ୍କୁ ଏକାଠି ଦେଖିବାକୁ ମିଳିବ ।

## କ୍ଷେତରେ କ୍ୟାଟ୍‌ୱାକ୍

# ବାଦାମ ଚୋପା, ମକାରେ ପୋଷାକ



ଚୀନ୍‌ର ଜଣେ ଯୁବତୀ ନିଆରା ପୋଷାକରେ କ୍ୟାଟ୍‌ୱାକ୍ କରି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ପେସାରେ ସେ ଜଣେ ବ୍ଲଗର୍ । ସାମାଜିକ ଗଣମାଧ୍ୟମରେ ସେ 'ଭିଲେଜ ମ୍ୟାଜିକାଲ ଟ୍ରେଜର' ନାଁରେ ପରିଚିତ । ସେ ଦକ୍ଷିଣ ଚୀନ୍‌ର ଗୁଆଙ୍ଗସି ଅଞ୍ଚଳର ହେଙ୍ଗଝୋଉର ନିବାସୀ । ମୁଖ୍ୟତଃ ସେ ଚାଷ ଜମିଗୁଡ଼ିକରେ କ୍ୟାଟ୍‌ୱାକ୍ କରନ୍ତି । ବାଦାମ ଚୋପା, ମକା ଦାନା, ଶୁଖିଲା ଘାସ, ଡାଳିମ୍ବ ଦାନା, ପତ୍ର ଫୁଲ ଆଦିରେ ସେ ପୋଷାକ ତିଆରି କରନ୍ତି । ସେହିପରି ସେ ତିଆରି କରଥିବା ପୋଷାକକୁ ପିନ୍ଧି ବେଶ୍ ସୁନ୍ଦର ଭାବେ ଚାଷଜମି ମଧ୍ୟରେ କ୍ୟାଟ୍‌ୱାକ୍ କରନ୍ତି । କେବଳ ସେତିକି ନୁହେଁ, ଏହାକୁ ସେ ଗ୍ରାମାଞ୍ଚଳର ଫେଶନ ଭାବେ ଗର୍ବର ସହିତ ପ୍ରଦର୍ଶନ କରନ୍ତି । ଏବେ ସୁଦ୍ଧା ସେ ୧୭୮ ଭିଡିଓ ପୋଷ୍ଟ କରିସାରିଛନ୍ତି । ସୁଇଟ୍ ପଟାଟୋ ଡ୍ରେସ୍, ଲଙ୍ଗ ବିନ୍ସ ଡ୍ରେସ୍ ଭଳି କିଛି ପନିପରିବା ଥିମ୍‌ରେ ମଧ୍ୟ ସେ ପୋଷାକ ଡିଜାଇନ୍ କରିଛନ୍ତି । ଏହି ପୋଷାକଗୁଡ଼ିକୁ ସେ ନିଜେ ହିଁ ଡିଜାଇନ୍ କରିଥାନ୍ତି । ପୋଷାକଗୁଡ଼ିକର ପ୍ୟାଟର୍ଣ୍ଣ, ଷ୍ଟାଇଲ ତାଙ୍କ ସଉକ ଓ ପସନ୍ଦକୁ ପ୍ରତିଫଳିତ କରୁଥିବା ସେ କହିଛନ୍ତି । ସେହିପରି ସେ ପୋଷାକରେ ବ୍ୟବହାର କରୁଥିବା ସମସ୍ତ ପନିପରିବା ଏବଂ ଫଳମୂଳ ତାଙ୍କ ପରିବାର ଲୋକେ ଚାଷ କରିଥାନ୍ତି । ଏହିପରି ଭାବେ ସେ ସ୍ଥାନୀୟ କୃଷି ଉତ୍ପାଦକୁ ପ୍ରୋତ୍ସାହିତ କରୁଥିବା କୁହନ୍ତି । ତେବେ ଏନେଇ ସେ ବିଧିବଦ୍ଧ ଭାବେ କୌଣସି ତାଲିମ ନେଇଥିବା କହିଛନ୍ତି । ପିଲାବେଳୁ ଏହି ଯୁବତୀ ଜଣକ ବିଭିନ୍ନ ଜିନିଷ ଉପଯୋଗ କରି ପୋଷାକ ତିଆରି କରିବାକୁ ପସନ୍ଦ କରୁଥିଲେ । ସେ ସବୁବେଳେ ପନିପରିବା ତଥା ରିସାଇକଲ ପ୍ଲାଷ୍ଟିକ୍ ବ୍ୟାଗ୍ ଭଳି ପରିବେଶ ଅନୁକୂଳ ଜିନିଷକୁ ପୋଷାକ ତିଆରି ପାଇଁ ବ୍ୟବହାର କରିଥାନ୍ତି । ତେବେ ଯେଉଁଠି ବି ସେ ବହୁ ପରିମାଣର ଜିନିଷ ଦେଖନ୍ତି, ପୋଷାକ ତିଆରି କରିବାକୁ ଆଗଭର ହୋଇଥାନ୍ତି । ସେ ତିଆରି କରୁଥିବା କିଛି ପୋଷାକ ପାଇଁ ସିଲାଇର ଆବଶ୍ୟକତା କରୁଥିବା ବେଳେ ଆଉ କିଛି ଜିନିଷରେ ଅଠାର ଉପଯୋଗ କରନ୍ତି । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି ନିଆରା ସୃଜନଶୀଳତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି ।

# ପ୍ୟାକେଟ୍ କ୍ଷୀର ନ ଫୁଟାଇଲେ ଚଳିବ

ସାଧାରଣତଃ ଲୋକେ ପ୍ୟାକେଟ୍ କ୍ଷୀରକୁ ଫୁଟାଇ ଖାଆନ୍ତି । ହେଲେ ପ୍ୟାକେଟ୍ କ୍ଷୀର ଫୁଟାଇବାର ଆବଶ୍ୟକତା ନଥାଏ ବୋଲି ଏବେ କୁହାଯାଉଛି । ବିଜ୍ଞାନ, ଡାକ୍ତର ଏବଂ ଡାଏରୀ ଟେକ୍ନୋଲୋଜି ଅନୁସାରେ, ପ୍ୟାକେଟ୍ କ୍ଷୀରକୁ ଫୁଟାଇବାର କୌଣସି ଆବଶ୍ୟକତା ନାହିଁ । ପ୍ୟାକେଟ୍ କ୍ଷୀର ପୂର୍ବରୁ ପାଶ୍ଚରାଇଜେସନ୍ ପ୍ରକ୍ରିୟା ମାଧ୍ୟମରେ ଜୀବାଣୁମୁକ୍ତ ଏବଂ ଶୁଦ୍ଧ ହୋଇଥାଏ । ତେଣୁ କ୍ଷୀରକୁ ଫୁଟାଇବା ଦରକାର ପଡ଼ି ନ ଥାଏ । ଏହାକୁ ଫୁଟାଇବା ଦ୍ୱାରା କ୍ଷୀରର ପୋଷକ ତତ୍ତ୍ୱ ହ୍ରାସ ପାଏ । କ୍ଷୀର ଫୁଟାଇବା ଦ୍ୱାରା ଏଥିରେ ଥିବା ଭିଟାମିନ୍ ବି କମ୍ପ୍ଲେକ୍ସ, ଭିଟାମିନ୍ ସି ଏବଂ ପ୍ରୋଟିନ୍‌ର ଗୁଣବତ୍ତା କମ୍ ହୋଇପାରେ । ପ୍ୟାକେଟ୍ କ୍ଷୀରକୁ ଖୋଲି ସିଧା ପିଇଲେ କୌଣସି କ୍ଷତି ନାହିଁ । ଅବଶ୍ୟ କ୍ଷୀର ପ୍ୟାକେଟ୍ ଯଦି ବାହାରେ ଅଛି କିମ୍ବା ଫ୍ରିଜ୍ ବାହାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଛି, ତାହାକୁ ହାଲ୍କା ଗରମ କରିବା ଭଲ । ହେଲେ ଏହାକୁ ଭଲଭାବେ ଫୁଟାଇବାର ଆବଶ୍ୟକତା ନାହିଁ । କ୍ଷୀରକୁ ଫୁଟାଇବା ଦ୍ୱାରା ଏଥିରେ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇପାରେ । କ୍ଷୀରରେ ଥିବା ଲାକଟୋଜ ଏବଂ ପ୍ରୋଟିନ୍ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ହୁଏ । ଏହି କାରଣ ଯୋଗୁଁ କ୍ଷୀରର ରଙ୍ଗ ଇଷତ୍ ଧୂସର ଏବଂ ସ୍ୱାଦରେ ବି ପରିବର୍ତ୍ତନ ଆସିଥାଏ । ସେହିପରି ପ୍ୟାକେଟ୍ କ୍ଷୀରକୁ ସବୁବେଳେ ଫ୍ରିଜ୍‌ରେ ରଖିବା ଆବଶ୍ୟକ । ପ୍ୟାକେଟ୍ କ୍ଷୀରକୁ ଫ୍ରିଜ୍‌ରେ ରଖିଲେ ୨ରୁ ୩ ଦିନ ପର୍ଯ୍ୟନ୍ତ ବ୍ୟବହାର କରି ହେବ । ଅନ୍ୟପକ୍ଷରେ କ୍ଷୀରବାଲାଠାରୁ କ୍ଷୀର ଆଣୁଥିଲେ, ସେହି କ୍ଷୀର ପ୍ରୋସେସଡ ହୋଇ ନ ଥାଏ । ଏଣୁ ଏହି କ୍ଷୀରକୁ ଫୁଟାଇବା ଉଚିତ । କାରଣ ଏଥିରେ ହାନିକାରକ ସୂକ୍ଷ୍ମଜୀବ ଥାଇପାରନ୍ତି । ଏହାବାଦ୍ ଏଥିରେ ପରଜୀବୀ ଥିବା ଆଶଙ୍କା ଥାଏ । ଏଭଳି କ୍ଷେତ୍ରରେ କ୍ଷୀରକୁ ଭଲ ଭାବେ ଫୁଟାଇବା ଉଚିତ ।



# ଧନୁ ସଂକ୍ରାନ୍ତି

**ସୂର୍ଯ୍ୟଙ୍କ ରାଶି ପରିବର୍ତ୍ତନରେ ସଂକ୍ରାନ୍ତି ଆସିଥାଏ । ଏହି କ୍ରମରେ ସୂର୍ଯ୍ୟ ବିଛା ରାଶି ଛାଡ଼ି ଧନୁ ରାଶିରେ ଗୋଚର ହେଲେ ଧନୁ ସଂକ୍ରାନ୍ତି ପଡ଼େ । ସୌର ମାସ ଗଣନା ଅନୁଯାୟୀ, ଏହିଦିନରୁ ପୌଷ ମାସ ଆରମ୍ଭ ହୁଏ । ଖର ମାସ ହେତୁ ଏହି ସମୟରେ ଶୁଭ ମାଙ୍ଗଳିକ କାର୍ଯ୍ୟ ବର୍ଜନୀୟ । କିନ୍ତୁ ସ୍ନାନ, ଦାନ, ତୀର୍ଥାଟନ ଓ ସୂର୍ଯ୍ୟ ଉପାସନା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ବିଚାର କରାଯାଏ । ବିଶେଷକରି ଆମ ଓଡ଼ିଆ ଘରେ ଧନୁ ସଂକ୍ରାନ୍ତିର ବିଶେଷ ଗୁରୁତ୍ୱ ରହିଛି । ଏହି ସମୟରେ ଓଡ଼ିଶାର ଧର୍ମୀୟ ପରମ୍ପରାରେ ଅନେକ ଓଷା ବ୍ରତ ପାଳନ କରାଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟ ବିଶେଷ ନୀତି ପାଳନ କରାଯାଇଥାଏ ।**



ପୌଷମାସର ପବିତ୍ରତା ଯୋଗୁଁ ପୁଷ୍ୟାଭିଷେକ ଅନୁଷ୍ଠିତ ହୁଏ । କୁହାଯାଏ, ଏହିଦିନରୁ ମାସକ ପର୍ଯ୍ୟନ୍ତ ମା' ଲକ୍ଷ୍ମୀ ନିଜ ବାପ ଘରକୁ ଯାଇଥାନ୍ତି । ସେହିପରି ପୌଷ ମାସରେ ଓଡ଼ିଆ ଘରର ବୋହୂ ବାପଘରକୁ ଯିବାର ପ୍ରଥା ମଧ୍ୟ ପ୍ରଚଳିତ ଅଛି । ଶ୍ରୀମନ୍ଦିରରେ ଲକ୍ଷ୍ମୀ ଅନୁପସ୍ଥିତ ଥିବା ବେଳେ ମା' ଯଶୋଦା ତିନିଠାକୁରଙ୍କ ପାଇଁ ବଡ଼ି ସକାଳୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଯାହା ପହିଲି ଭୋଗ ନାମରେ ପ୍ରସିଦ୍ଧ । ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପହିଲି ଭୋଗ ପ୍ରସ୍ତୁତ ହୋଇଥାଏ ।

ପୁଷ ମାସ ପରେ ଧାନ ଅମଳ ପରେ ଉଖୁଡ଼ା ବା ମୁଆଁର ପ୍ରସ୍ତୁତି ଓଡ଼ିଆ ଚଳଣିରେ ବିଶେଷ ମହତ୍ତ୍ୱ ରଖିଥାଏ । ତେବେ ଧନୁ ସଂକ୍ରାନ୍ତିର ପ୍ରସିଦ୍ଧ ଭୋଗ ହେଉଛି 'ମୁଆଁ' । ଏହିଦିନ ଠାକୁରଙ୍କ ପାଖରେ ମୁଆଁକୁ ଭୋଗ ଭାବେ ଲାଗି କରାଯାଏ । ତେବେ କିଛି ମୁଆଁ ଚିନିରେ ପ୍ରସ୍ତୁତ ହେଉଥିବା ବେଳେ ଆଉ କିଛି ମୁଆଁକୁ ଗୁଡ଼ରେ ପ୍ରସ୍ତୁତ କରାଯାଏ । ଅନ୍ୟପକ୍ଷରେ ଧନୁ ସଂକ୍ରାନ୍ତିଠାରୁ ଧନୁ ରାଶିରେ ସୂର୍ଯ୍ୟଙ୍କର ପ୍ରବେଶ ହୋଇଥାଏ । ଧନୁ ରାଶି ଦେବ ଗୁରୁ ବୃହସ୍ପତିଙ୍କ ରାଶି । ଏଣୁ ଏଥିରେ ସୂର୍ଯ୍ୟଙ୍କ ପ୍ରବେଶ ବିଶେଷ ପ୍ରଭାବ ଆଣିଥାଏ ।

# ଗାଈକୁ ଗୁଡ଼ ଖୁଆଇବାର ଲାଭ



**ହିନ୍ଦୁ ଧର୍ମରେ ଗାଈକୁ ଗୋମାତା ଭାବେ ପୂଜା କରାଯାଏ । ପୌଷ ମାସରେ ଗାଈଙ୍କୁ ଗୁଡ଼ ଖୁଆଇବାର ଜ୍ୟୋତିଷ ତଥା ଧାର୍ମିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ସେହିପରି ଏହି ମାସ ସୂର୍ଯ୍ୟ ଉପାସନା ଏବଂ ଗୋମାତା ଉପାସନା ଲାଗି ଉତ୍ତମ ମାସ ।**

- ଗାଈଙ୍କୁ ଗୁଡ଼ ଖାଇବାକୁ ଦେବା ଦ୍ୱାରା ମଙ୍ଗଳ ଦୋଷ ଶନି ଦୋଷ ଦୂର ହୁଏ । ରାହୁ-କେତୁଙ୍କ ଖରାପ ପ୍ରଭାବ ହ୍ରାସ ପାଏ ।
- ଗୋମାତାଙ୍କୁ ବିନା କୌଣସି ସ୍ୱାର୍ଥ ରଖି ଗୁଡ଼ ଖାଇବାକୁ ଦେବା ଦ୍ୱାରା ମନୋକାମନା ପୂରଣ ହୁଏ ।
- ପ୍ରତିଦିନ ଗାଈକୁ ଗୁଡ଼ ଏବଂ ପ୍ରଥମ ରୁଟି ଖାଇବାକୁ ଦେବା ଦ୍ୱାରା ପିତୃଦୋଷ ଦୂର ହୁଏ ।
- ଘରେ ସୁଖ ଶାନ୍ତି, ଐଶ୍ୱର୍ଯ୍ୟ ଏବଂ ଧନ ବୃଦ୍ଧି ଲାଗି ଗାଈକୁ ଗୁଡ଼ ଖାଇବାକୁ ଦେବା ଭଲ । ଏହା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ।
- ଗାଈକୁ ଗୁଡ଼ ଖାଇବାକୁ ଦେବା ଦ୍ୱାରା ସୁଯୋଗ୍ୟ ସନ୍ତାନର ସୁଖ ପ୍ରାପ୍ତ ହୁଏ ।
- ସେହିପରି ଗାଈକୁ ଗୁଡ଼ ଖାଇବାକୁ ଦେଲେ ଚାରିଧାମ ଯାତ୍ରାର ଫଳ ମିଳେ ଏବଂ ସାଂସାରିକ ସୁଖ ମିଳେ ।

## ସ୍ମୃତି

# ବଉଳ ଅମାବାସ୍ୟା

**ପୌଷ ମାସ ଅମାବାସ୍ୟାକୁ ବକୁଳ ବା ବଉଳ ଅମାବାସ୍ୟା ବୋଲି କୁହାଯାଏ । ଏହି ସମୟରେ ଆମ୍ବ ଗଛରେ ବଉଳ ଧରେ । ତେବେ ଏହି ଅମାବାସ୍ୟା ବେଳକୁ ଶୀତର ପ୍ରକୋପ କମି ଆସେ । ତା'ସହ ଆମ୍ବ ଗଛରେ ବଉଳ ଅଙ୍କୁରିତ ହୋଇ ଋତୁରାଜ ବସନ୍ତକୁ ସ୍ୱାଗତ କରେ । ଏହିଦିନ ଆମ୍ବ ଗଛକୁ ପୂଜା କରାଯାଏ । ବିଶେଷକରି ଆମ୍ବ ବଉଳକୁ ସୁରକ୍ଷା ଦେବା ଲାଗି ପୂଜାର୍ଚ୍ଚନା କରାଯାଏ । ଏହିଦିନ ଆମ୍ବ ଗଛ ମୂଳକୁ ପରିଷ୍କାର କରାଯାଇ ଚିତା ପକାଯାଏ । ଏହାସହ ଗଇଁଠାପିଠାକୁ ବୃକ୍ଷ ମୂଳେ ପୂଜା କରାଯାଏ । ସେହିପରି ଆମ୍ବ ବଉଳକୁ ଘରର ଇଷ୍ଟଦେବୀଙ୍କଠାରେ ଭୋଗ ଲାଗି କରାଯାଏ । ଭୋଗ ସାମଗ୍ରୀ ଭାବେ ଗଇଁଠା ପିଠା ଏବଂ ବଉଳକୁ ବ୍ୟବହାର କରାଯାଏ । ତେଣୁ ଏହିଦିନ ଘରେ ଘରେ ଗଇଁଠା ପିଠା ପ୍ରସ୍ତୁତ ହୋଇଥାଏ ।**

ଶ୍ରୀମନ୍ଦିରରେ ବି ବକୁଳ ଅମାବାସ୍ୟା ନୀତି ପାଳନ କରାଯାଏ । ମହାପ୍ରଭୁଙ୍କ ସକାଳ ଧୂପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗଇଁଠା ପିଠା ସହ ବଉଳ ଲାଗି ହୁଏ । ତାଟରେ ଏହାକୁ ଲାଗି କରାଯାଏ । ତେବେ ବକୁଳ ଅମାବାସ୍ୟା ପ୍ରକୃତି ପୂଜାର ନିଦର୍ଶନ । ଏହି ସମୟରେ ବଉଳ ବାସ୍ନା ଜନମାନସକୁ ମନ୍ତ୍ରମୁଗ୍ଧ



କରିଥାଏ । ଅନ୍ୟପଟେ ବକୁଳ ଅମାବାସ୍ୟ ଦିନ ଭଗବାନ ଗ୍ରହଣ କରିଥିବା ଦଶ ଅବତାର ମଧ୍ୟରୁ ତୃତୀୟ ଅବତାର । ଶ୍ରୀବରାହ ବା ଶୂକର ଅବତାର ଗ୍ରହଣ କରିଥିଲେ । ପ୍ରଭୁ ବରାହ ସୃଷ୍ଟିକର୍ତ୍ତା ପିତାମହ ବ୍ରହ୍ମାଙ୍କ ନାକପୁଡ଼ାରୁ ଜାତ ହୋଇ ରାକ୍ଷସ ହିରଣ୍ୟାକ୍ଷକୁ ବଧ କରି ଦନ୍ତ୍ୟ ଅଗ୍ରରେ ଧାରଣ କରି ରସାତଳରେ ନିମଗ୍ନ ପୃଥିବୀକୁ ଉଦ୍ଧାର କରିଥିଲେ । ଡିସେମ୍ବର ୧୯ ତାରିଖରେ ବଉଳ ଅମାବାସ୍ୟା ପାଳନ କରାଯିବ ।

# କେଉଁ ଦିନ ତୁଳସୀ ଗଛରେ ଜଳ ଅର୍ପଣ ମନା

**ହିନ୍ଦୁ ଧର୍ମାବଲମ୍ବୀମାନେ ନିତିଦିନ ତୁଳସୀ ଗଛକୁ ପୂଜା କରିବା ସହ ଜଳ ଅର୍ପଣ କରନ୍ତି । ହେଲେ ତୁଳସୀ ଗଛରେ କେବେ ଜଳ ଅର୍ପଣ କରିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ଜାଣିବା ଜରୁରି ।**



**ଚନ୍ଦ୍ରଗ୍ରହଣ/ସୂର୍ଯ୍ୟପରାଗ:** ସୂର୍ଯ୍ୟପରାଗ ତଥା ଚନ୍ଦ୍ର ଗ୍ରହଣ ସମୟରେ ତୁଳସୀ ଗଛକୁ ସ୍ପର୍ଶ କରିବା ମନା ଏବଂ ଜଳ ଅର୍ପଣ କରିବା ମନା । ଏହି ସମୟରେ ଜଳ ଅର୍ପଣ କରିବାକୁ ଅଶୁଭ ବୋଲି କୁହାଯାଇଛି ।

**ରବିବାର:** ରବିବାର ଦିନ ଭଗବାନ ବିଷ୍ଣୁଙ୍କ ଲାଗି ତୁଳସୀ ମା' ନିର୍ଜଳା ବ୍ରତ ରଖନ୍ତି । ଏଭଳି ସ୍ଥିତିରେ ରବିବାର ତୁଳସୀ ଗଛକୁ ଛୁଇଁବା ଓ ଜଳ ଅର୍ପଣ କରିବା ଅନୁଚିତ । ଏହା ଦ୍ୱାରା ନିର୍ଜଳା ବ୍ରତ ଭାଙ୍ଗିଯାଏ । ରବିବାର ତୁଳସୀ ଗଛରେ ଜଳ ଅର୍ପଣ କରିବାକୁ ପୂରାପୂରି ବାରଣ କରାଯାଇଛି । ହେଲେ ଏହିଦିନ ବିଧିବିଧାନର ସହ ତୁଳସୀ ମାତାଙ୍କ ପୂଜାର୍ଚ୍ଚନା କରାଯାଇପାରିବ ।

**ଏକାଦଶୀ:** ଏକାଦଶୀ ତିଥି ଭଗବାନ ବିଷ୍ଣୁଙ୍କ ଲାଗି ସମର୍ପିତ । ଏହି ତିଥିରେ ତୁଳସୀ ଦେବୀ ଭଗବାନ ବିଷ୍ଣୁଙ୍କ ଲାଗି ନିର୍ଜଳା ବ୍ରତ ରଖନ୍ତି । ଜଳ ଅର୍ପଣ କରିବା ଦ୍ୱାରା ତୁଳସୀ ଦେବୀ ପ୍ରସନ୍ନ ହୁଅନ୍ତି ନାହିଁ । ଏହାଦ୍ୱାରା ଘରେ ଧନହାନି ହୁଏ ।

■ ମେସିଙ୍କ ଭାରତ ଗସ୍ତ

# ଛେତ୍ରୀଙ୍କୁ ଜର୍ସି; ସଚିନଙ୍କୁ ବିଶ୍ୱକପ୍ ବଲ୍ ଉପହାର






ମୁମ୍ବଇ, ୧୪।୧୨ (ଏଜେନ୍ସି): ଆର୍ଜେଣ୍ଟିନା ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କ ଭାରତ ଗସ୍ତର ରବିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ମେସି ମାୟାନଗରୀ ମୁମ୍ବଇରେ ଦୁଇଟି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କ୍ରିକେଟ୍ କ୍ଲବ ଅଫ୍ ଇଣ୍ଡିଆ ଓ ୱାଙ୍ଖଡେ ଷ୍ଟାଡିୟମରେ ମେସିଙ୍କ ଏହି ଦୁଇଟି କାର୍ଯ୍ୟକ୍ରମ ଥିଲା। ଏହି ଅବସରରେ କ୍ରୀଡ଼ାର ଦୁଇ ଭଗବାନ କ୍ରିକେଟ୍‌ର ସଚିନ ତେନ୍ଦୁଲକର ଓ ଫୁଟ୍‌ବଲର ମେସିଙ୍କ ମଧ୍ୟରେ ଛୋଟିଆ ସାକ୍ଷାତ୍‌କାର ଅନୁଷ୍ଠିତ ହୋଇଥିଲା। ସଚିନ ଏହି ଅବସରରେ ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟୀ ଜର୍ସି ମେସିଙ୍କୁ ଉପହାର ଦେଇଥିଲେ। ମେସି ମଧ୍ୟ ସଚିନଙ୍କୁ ଫିଫା ବିଶ୍ୱକପ୍‌ର ଏକ ବଲ୍ ଉପହାର ଆକାରରେ ପ୍ରଦାନ କରିଥିଲେ। '୨୦୧୧ରେ ୱାଙ୍ଖଡେରେ ବିଶ୍ୱକପ୍ ଜିତିବାର ମୁହୂର୍ତ୍ତ ପୁଣିଥରେ ଆଜି ଅନୁଭୂତ ହେଲା' ବୋଲି ସଚିନ କହିଥିଲେ। ଅପରପକ୍ଷରେ ଭାରତୀୟ ଫୁଟ୍‌ବଲର ମହାନ ଖେଳାଳି ସୁନିଲ ଛେତ୍ରୀ ମଧ୍ୟ ମେସିଙ୍କୁ ଭେଟିଥିଲେ। ମେସି ଛେତ୍ରୀଙ୍କୁ ମଧ୍ୟ ଆର୍ଜେଣ୍ଟିନାର ଏକ ୧୦ ନମ୍ବର ଜର୍ସି ଉପହାର ଆକାରରେ ଦେଇଥିଲେ। ପ୍ରକାଶଯୋଗ୍ୟ, ମେସିଙ୍କ ଭାରତ ଗସ୍ତର ପ୍ରଥମ ଦିବସ ବେଶ୍ ବିବାଦୀୟ ରହିଥିଲା। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଦର୍ଶକ ମେସିଙ୍କୁ ଦେଖି ନ ପାରି ଷ୍ଟାଡିୟମରେ ବ୍ୟାପକ ଭଙ୍ଗାରୁଜା କରିଥିଲେ।

ତୃତୀୟ ଟି-୨୦ରେ ଭାରତୀୟ ବୋଲର୍‌ଙ୍କ କମାଲ୍

# ଧର୍ମଶାଳାରେ ଦକ୍ଷିଣ ଆଫ୍ରିକା ଧରାଶାୟୀ

ଧର୍ମଶାଳା, ୧୪।୧୨ (ଏଜେନ୍ସି):

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-୨୦ ସିରିଜର ତୃତୀୟ ମ୍ୟାଚ୍ ରବିବାର ଧର୍ମଶାଳା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ସମୁଦ୍ରପତ୍ତନରୁ ୧୪୫୭ ମିଟର ଉଚ୍ଚରେ ଅବସ୍ଥିତ ବିଶ୍ୱର ସବୁଠୁ ମନୋରମ ଷ୍ଟାଡିୟମରେ କିନ୍ତୁ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ଧରାଶାୟୀ ହୋଇଯାଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଇନିଂସର ଶେଷ ବଲ୍‌ରେ ୧୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ୧୧୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ଶେଷ ଖବର ସୁଦ୍ଧା ୨ ଓଭରରେ କୌଣସି ୱିକେଟ୍ ନ ହରାଇ ୩୨ ରନ କରିଛି। ପୂର୍ବରୁ କଟକରେ ଅନୁଷ୍ଠିତ ସିରିଜର ପ୍ରଥମ ମ୍ୟାଚକୁ ୧୦୧ ରନରେ ଜିତି ଭାରତ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦କୁ ୫୧ ରନରେ ଜିତି ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତ୍ତନ କରିଥିଲା। ସିରିଜ ଏବେ ୧-୧ରେ ବରାବର୍ ରହିଛି। ଚତୁର୍ଥ ମୁକାବିଲା ବୁଧବାର ଲକ୍ଷ୍ନୌରେ ଅନୁଷ୍ଠିତ ହେବ।




## କୁଲଦୀପ୍‌ଙ୍କ ଦ୍ରୁତ ୫୦ ୱିକେଟ୍

କୁଲଦୀପ୍ ଯାଦବ ଭାରତ ପକ୍ଷରୁ ସବୁଠୁ କମ୍ ମ୍ୟାଚ୍ ଖେଳି ୫୦ ଟି-୨୦ ୱିକେଟ୍ ନେବାର ରେକର୍ଡ କରିଛନ୍ତି। ଏହି ମ୍ୟାଚରେ ସେ ୨ଟି ୱିକେଟ୍ ନେଇ ଟି-୨୦ରେ ନିଜର ୫୦ତମ ୱିକେଟ ପୂରଣ କରିଛନ୍ତି। ଏଥିଲାଗି ତାଙ୍କୁ ୩୦ଟି ମ୍ୟାଚ୍ ଖେଳିବାକୁ ପଡ଼ିଥିଲା। ପୂର୍ବରୁ ୩୨ଟି ମ୍ୟାଚରେ ୫୦ତମ ୱିକେଟ୍ ପୂରଣ କରି ରେକର୍ଡର ଅଧିକାରୀ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ: ୧୧୭/୧୦, ୨୦ ଓଭର (ମାରକ୍ରମ- ୬୧, ଫେରେରା- ୨୦, ଷ୍ଟବ୍ସ- ୯, ବୋଶ୍- ୪, ଡି କକ୍- ୧, ଜାନସେନ- ୨, ନୋର୍ଜେ- ୧୨, ବ୍ରେଭିସ- ୨, ଅର୍ଶଦୀପ୍- ୨/୧୩, ହର୍ଷିତ- ୨/୩୪, ବରୁଣ- ୨/୧୧, କୁଲଦୀପ୍- ୨/୧୨)।

ଭାରତ ଇନିଂସ: ୨୬/୦, ୨ ଓଭର ସୁଦ୍ଧା

## ଏକା ଲଢ଼ିଲେ ମାରକ୍ରମ

ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକଙ୍କ ଏହି ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ଭାରତୀୟ ଦ୍ରୁତ ବୋଲର ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଦଳ ୧ ରନରେ ଦୁଇଟି ୱିକେଟ୍ ଏବଂ ୭୭ ରନରେ ୭ମ ବ୍ୟାଟରଙ୍କୁ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ଗୋଟିଏ ପାର୍ଶ୍ୱରେ ୱିକେଟ୍ ପଡ଼ିଚାଲିଥିବା ବେଳେ ଅଧିନାୟକ ଆଇଡେନ ମାରକ୍ରମ ଏକାକୀ ଲଢ଼େଇ କରିଥିଲେ। ସେ ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଭ୍ରମଣକାରୀ ଦଳ ୧୧୭ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ମାରକ୍ରମ ୪୬ ବଲରେ ସର୍ବାଧିକ ୬୧ ରନ କରିଥିଲେ। ତେବେ ଓପନର୍ କ୍ୱିଣ୍ଟନ ଡି କକ୍ (୧), ରିଜା ହେଣ୍ଡ୍ରିକ୍ସ (୦), ଡେୱାଲ୍ଡ ବ୍ରେଭିସ (୨), ଟ୍ରିଷ୍ଟାନ ଷ୍ଟବ୍ସ (୯), କର୍ବିନ ବୋଶ୍ (୪), ମାର୍କୋ ଜାନସେନ (୨ ରନ) ଦୁଇଅଙ୍କ ବିଶିଷ୍ଟ ସ୍କୋର ଛୁଇଁପାରି ନ ଥିଲେ।

**ଶେଷ ବଲ୍‌ରେ ଶେଷ ୱିକେଟ୍**

ଅଧିନାୟକ ମାରକ୍ରମଙ୍କ ଯୋଗୁ ଦକ୍ଷିଣ ଆଫ୍ରିକା ଶେଷବଲ ପର୍ଯ୍ୟନ୍ତ ଖେଳିବାକୁ ସମର୍ଥ ହୋଇଥିଲା। ଇନିଂସର ଶେଷ ବଲରେ ୧୦ମ ବ୍ୟାଟର୍ ଭାବେ ଓଟନେଲ୍ ବାର୍ଟମାନଙ୍କୁ ସୂର୍ଯ୍ୟକୁମାରଙ୍କ ହାତରେ କ୍ୟାଚ ଧରାଇ କୁଲଦୀପ୍ ଭ୍ରମଣକାରୀ ଦଳକୁ ଅଲ୍‌ଆଉଟ୍ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ୍ ଯାଦବଙ୍କୁ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

# ଏସ୍‌ପିଡି କନ୍‌ଷ୍ଟ୍ରକ୍ସନ୍‌ର ମିନି ମାରାଥନ ଓ କ୍ରିକେଟ୍ ଉଦ୍‌ଯାପିତ



ଭୁବନେଶ୍ୱର, ୧୪।୧୨ (ସମିସ): ଏସ୍‌ପିଡି କନଷ୍ଟ୍ରକ୍ସନ ଲିମିଟେଡ୍‌ର ୧୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ସ୍ଥାନୀୟ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ସକାଳେ ଏକ ସେଫ୍ଟି ମିନି ମାରାଥନ ଆୟୋଜିତ ହୋଇଥିଲା। ଶ୍ରମିକଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ଅଧିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ଏହି ମିନି ମାରାଥନ ଖଣ୍ଡଗିରିସ୍ଥିତ ଜୟଦେବ ବାଟିକାରୁ ଆରମ୍ଭ ହୋଇ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ଶେଷ ହୋଇଥିଲା। ୩ କିମି ବ୍ୟାପୀ ଏହି ମାରାଥନରେ ଏସ୍‌ପିଡି ନିର୍ମାଣ ସଂସ୍ଥାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ୨୫-୩୦ଜଣ ମହିଳା କର୍ମଚାର ରହିଥିଲେ। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସୌରଭ ଖୈତାନ ଏହି ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। 'ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏହି ମାରାଥନର ମୁଖ୍ୟ ଉଦ୍ଦେଶ୍ୟ। ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ଏସ୍‌ପିଡି କନଷ୍ଟ୍ରକ୍ସନ ପ୍ରତିବଦ୍ଧ' ବୋଲି ସେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଆଇପିଏସ୍ ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିରାଗ ଖୈତାନ, ନିର୍ଦ୍ଦେଶକ ସଞ୍ଜୟ ଜାଲାନ, ପରାମର୍ଶଦାତା କୃଷ୍ଣଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ। ମିନି ମାରାଥନ ସହ ଏକ କ୍ରିକେଟ୍ ଓ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜିତ ହୋଇଥିଲା। ସେହିଭଳି କୋଣାର୍କ କ୍ୟାନସନ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ କରାଯାଇଥିଲା।

୧୯ ବର୍ଷରୁ କମ୍ ଏସିଆ କପ୍

# ପାକିସ୍ତାନକୁ ୯୦ ରନ୍‌ରେ ହରାଇଲା ଭାରତ

ଦୁବାଇ, ୧୪।୧୨ (ଏଜେନ୍ସି): ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଭାରତ ଏକ ବଡ଼ ବିଜୟ ହାସଲ କରିଛି। ଗ୍ରୁପ୍-ଏ'ରେ ଖେଳାଯାଇଥିବା ଏକ ହାଇଭୋଲଟେଜ ମୁକାବିଲାରେ ଭାରତ ୯୦ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ଟୁର୍ଣ୍ଣାମେଣ୍ଟରେ ଭାରତର ଏହା ଦ୍ୱିତୀୟ ବିଜୟ ଥିଲା। ଏଥିପୂର୍ବରୁ ଭାରତ ପ୍ରଥମ ମୁକାବିଲାରେ ୨୩୪ ରନରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ଦୁଇଟି ବିଜୟ ସହ ୪ ପଏଣ୍ଟ ପାଇ ଭାରତ ଏବେ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି। ଏଥିସହ ସେମିଫାଇନାଲ ଖେଳିବା ଆଶା ଏକ ପ୍ରକାର ନିଶ୍ଚିତ ହୋଇଛି। ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ମଙ୍ଗଳବାର ମାଲେସିଆକୁ ଭେଟିବ। ରାଜନୈତିକ ଅସ୍ଥିରତା ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚରେ ମଧ୍ୟ ଦୁଇ ଦଳର ଖେଳାଳି ପରସ୍ପର ହାତ ମିଳାଇ ନ ଥିଲେ। ବର୍ଷା ବାଧାପ୍ରାପ୍ତ ୪୯ ଓଭରବିଶିଷ୍ଟ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୪ର୍ଥ ଓଭରରେ ବିସ୍ଫୋରକ ଓପନର୍ ବୈଭବ ସୂର୍ଯ୍ୟବଂଶୀ (୫ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଆରୋନ ଜର୍ଜ(୮୫ ରନ୍)ଙ୍କ ଅର୍ଦ୍ଧଶତକ ବଳରେ ଭାରତ ୪୬.୧ ଓଭରରେ ୨୪୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କନିଷ୍କ ଚୌହାନ ୪୬, ଅଧିନାୟକ ଆୟୁଷ ମହାତ୍ରେ ୩୮, ୱିକେଟକିପର ଅଭିଜ୍ଞାନ କୁଣ୍ଡୁ ୨୨ ରନ କରିଥିଲେ। ଜବାବରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ହୁଜେଫ ଅହସାନ ୭୦ ରନ ପାଳି ଖେଳିଥିଲେ।

ପଞ୍ଚମ ପୁରୀ ବିଚ୍ ମାରାଥନ୍

# ଓଡ଼ିଶାର ଅଶୋକ ଦଣ୍ଡସେନା ପ୍ରଥମ




ପୁରୀ, ୧୪।୧୨ (ସମିସ): ଭୁବନେଶ୍ୱର ସାଇକେଲିଂ ଏବଂ ଆଡ୍‌ଭେଞ୍ଚର କ୍ଲବ୍ (ବିସିଏସି) ପକ୍ଷରୁ ରବିବାର ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଏମ୍‌ସିଏଲ୍ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ସମେତ ୧ ହଜାରରୁ ଅଧିକ ଦୌଡ଼ାଳି ଏଥିରେ ଅଂଶଗ୍ରହଣ କରିଥିଲେ। ପୁରୀ ବିଚ୍ ମାରାଥନ୍ ୨୦୨୫କୁ ମଙ୍ଗଳା ନଦୀର ସମୁଦ୍ର ମୁହାଣରେ ଥିବା ଶାମୁକା ବେଳାଭୂମିରୁ ବିସିଏସି ସଭାପତି ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ, ପୁରୀ ଏସ୍‌ପି ପ୍ରତୀକ୍ ସିଂ, ବିସିଏସି ସଚିବ ଅଜୟ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଦେଶର ବିଭିନ୍ନ ସ୍ଥାନ ସମେତ ଆମେରିକା ଏବଂ ୟୁଏସ୍‌ଏସ୍‌ଆରରୁ କିଛି ପ୍ରସିଦ୍ଧ ଧାବକ ଏବଂ ଉଦୀୟମାନ ଖେଳାଳିଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ମାରାଥନରେ ଦୁଇ ପ୍ରକାର ଦୌଡ଼ ହୋଇଥିଲା। ହାଫ୍ ମାରାଥନ୍ ମଙ୍ଗଳା ନଦୀ ସମୁଦ୍ର ମୁହାଁର ଶାମୁକା ବେଳାଭୂମିରୁ ବାଲିହାରଚଣ୍ଡୀ ବିଚ୍ ଯାଇ ଫେରିଥିଲେ। ବିଭିନ୍ନ ବର୍ଗର ବିଜେତାମାନେ ମୋଟ ୨.୨ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। ୨୧ କିଲୋମିଟର ହାଫ୍ ମାରାଥନ୍ ପ୍ରଥମ ପୁରସ୍କାର ବାବଦ ୫୦ ହଜାର ଟଙ୍କା ଓଡ଼ିଶାର ଅଶୋକ ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଥିଲା। ସିଏ ୧ ଘଣ୍ଟା ୧୬ ମିନିଟ୍ ୨୫ ସେକେଣ୍ଡ ସମୟ ସହିତ ଏହା ଶେଷ କରିଥିଲେ। ଦ୍ୱିତୀୟରେ ପଶ୍ଚିମବଙ୍ଗର ଅନୁପମ ମହତା ଦ୍ୱିତୀୟ ୩୦ ହଜାର ଟଙ୍କା ଏବଂ ତୃତୀୟ ଛତିଶଗଡ଼ର ଫୁଲଧର ନେତାମ୍ ୨୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ତେବେ ୨୧ କିମି ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ ହୋଇଥିଲେ।

କିଟ୍, କିସ୍‌ରେ ଭଲିବଲ ମହୋତ୍ସବ ଉଦ୍‌ଯାପିତ

# ଓଡ଼ିଶାରେ ହେବ ଏଫ୍‌ଆଇଭିବି ବିଚ୍ ଭଲିବଲ୍




ଭୁବନେଶ୍ୱର,୧୪।୧୨(ଏଜେନ୍ସି): କିଟ୍ ଓ କିସ୍ ପୁଣି ଥରେ କ୍ରୀଡ଼ାରେ ତା'ର ଉତ୍କର୍ଷତା ପ୍ରମାଣ କରିଛି। କିଟ୍ ଓ କିସ୍ ସହାୟତାରେ ଆଗାମୀ ୩ ବର୍ଷ ପାଇଁ ଅର୍ଥାତ ୨୦୨୬, ୨୦୨୭ ଓ ୨୦୨୮ରେ ଓଡ଼ିଶାରେ ବିଚ୍ ଭଲିବଲ୍ ଆୟୋଜିତ ହେବ। କିଟ୍ ଓ କିସ୍‌ରେ ଥିବା ବ୍ୟାପକ ସୁବିଧା ସୁଯୋଗ ଓ ଓଡ଼ିଶାର ମନୋରମ ପରିବେଶ କ୍ରମାଗତ ୩ ବର୍ଷ ଏହି ମେଗା ଇଭେଣ୍ଟ ଆୟୋଜନ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍‌ଆଇଭିବି) ସଭାପତି ଫାବିଓ ଆଜେଭେଦୋ ରବିବାର ଏକ ସମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଏ ନେଇ ଘୋଷଣା କରିଛନ୍ତି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ଭାଇସ ଚାନ୍ସଲର ସରବଜିତ ସିଂ ଯୋଗ ଦେଇଥିଲେ। ଏଥିସହ କିଟ୍- କିସ ଓ ଏଫ୍‌ଆଇଭିବି ଆନୁକୂଲ୍ୟରେ ଗତ ୧୧ ତାରିଖରୁ କିଟ୍ ଓ କିସ୍‌ରେ ଚାଲିଆସୁଥିବା ଭଲିବଲ ମହୋତ୍ସବ ମଧ୍ୟ ଶନିବାର ଉଦ୍‌ଯାପିତ ହୋଇଥିଲା। ଏଥିରେ ଫାବିଓ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବେ ମହିଳା ସଶକ୍ତିକରଣ ଓ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ ମହାକୁମ୍ଭର ଲକ୍ଷ୍ୟ ଥିଲା ବୋଲି ଫାବିଓ କହିଥିଲେ। ଏହିକ୍ରମରେ କିଟ୍- କିସ୍‌ରେ ଓଡ଼ିଶା ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୫୦୦, ଭାରତ ସମେତ ବିଶ୍ୱରୁ ୨୦୦ରୁ ଅଧିକ ଭଲିବଲ ପ୍ରଶିକ୍ଷକ, ଖେଳାଳି ଓ ବିଶେଷଜ୍ଞ ଯୋଗ ଦେଇଥିଲେ।

ସର୍ବଭାରତୀୟ ମହାରାଜା ସେଭେନ୍ସ ରଗ୍‌ବୀ

# ମହିଳାରେ ଓଡ଼ିଶା ଫ୍ୟୁଚର ଷ୍ଟାର୍ ଚାମ୍ପିଅନ୍





ବାରିପଦା, ୧୪।୧୨(ସମିସ): ବାରିପଦା ଷ୍ଟାଡ଼ିୟମରେ ଚାଲିଥିବା ସର୍ବଭାରତୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ଫାଇନାଲ୍‌ରେ ଓଡ଼ିଶା ଫ୍ୟୁଚର ସ୍ପୋର୍ଟ୍ସ ଏକାଡ଼େମୀକୁ ପରାସ୍ତ କରି କୋଲକାତାର ଫ୍ୟୁଚର ହୋପ୍ ହାରିକାନ୍ସ ଚାମ୍ପିଅନ୍ ହୋଇଛି। ମହିଳା ବିଭାଗରେ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡ଼େମୀ ଫାଇନାଲ୍‌ରେ କୋଲକାତାର ଫ୍ୟୁଚର ହୋପ ହାରିକୁଇନ୍ସକୁ ପରାସ୍ତ କରିଥିଲା। ଚାମ୍ପିଅନ ଦଳକୁ ୫୦ ହଜାରର ପୁରସ୍କାର ରାଶି ସହ ଟ୍ରଫି ଓ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ଅଧକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଜିଲ୍ଲାପାଳ ହେମକାନ୍ତ ସଏ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ସହଆୟୋଜକ ଦିବ୍ୟରଞ୍ଜନ ଦାସ, ବିଭୁଦତ୍ତ ଦାସ ଓ ମଙ୍ଗଲ ହାଁସଦା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ମୟୂରଭଞ୍ଜ ଫାଉଣ୍ଡେସନ, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସହଯୋଗରେ ପ୍ରଥମଥର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷରେ ୯ଟି ଓ ମହିଳାରେ ୬ଟି ଦଳ ଭାଗନେଇଥିଲେ।

ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ବାଜିମାରିଲେ କିରଣ, ଉନ୍ନତି

ଭୁବନେଶ୍ୱର, ୧୪।୧୨ (ସମିସ):




କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ପାଖାପାଖି ଏକସପ୍ତାହ ଧରି ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୪ର୍ଥ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏକ କୋଟି ଟଙ୍କା ପୁରସ୍କାର ବିଶିଷ୍ଟ ଏହି ବିଡବ୍ଲ୍ୟୁଏଫ୍ ସୁପର୍-୧୦୦ ଟୁର୍ଣ୍ଣାମେଣ୍ଟର ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଘରୋଇ ଭାରତୀୟ ଖେଳାଳି ବାଜିମାତ୍ କରିନେଇଛନ୍ତି। ପୁରୁଷ ବିଭାଗରେ କିରଣ ଜର୍ଜ ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ କିରଣ ୨୧-୧୪, ୧୩-୨୧, ୨୧-୧୬ ଗେମରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା ସିଙ୍ଗଲ୍ସରେ ମଧ୍ୟ ଭାରତକୁ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ମିଳିଛି। ଅଲ୍-ଇଣ୍ଡିଆ ଫାଇନାଲ ମୁକାବିଲାରେ ଟପ୍ ସିଡ୍ ଉନ୍ନତି ୨୧-୧୭, ୨୧-୧୦ ସିଧାସଳଖ ଗେମରେ ସାଥୀ ଖେଳାଳି ଇଶାରାଣୀ ବରୁଆଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ବିଜୟ ସହ କିରଣ ଓ ଉନ୍ନତି ୮,୨୫୦ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୭ ଲକ୍ଷ ୪୭ ହଜାର) ଅର୍ଥରାଶି ପୁରସ୍କାର ପାଇଛନ୍ତି।

## ଷ୍ଟୋଏଭା ଭଗିନୀ ଚାମ୍ପିଅନ

ଅପରପକ୍ଷରେ ପୁରୁଷ ଡବଲ୍ସରେ ମାଲେସିଆର କାଙ୍ଗ ଖାଇ ଜିଆଙ୍ଗ ଓ ଆରୋନ ତାଇ ଯୋଡ଼ି ଟାଇଟଲ୍ ହାସଲ କରିଛନ୍ତି। ମହିଳା ଡବଲ୍ସରେ ବୁଲଗେରିଆର ଷ୍ଟୋଏଭା ଭଗିନୀ ଗ୍ରାବିଏଲା ଓ ଷ୍ଟିଫାନି ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ଷ୍ଟୋଏଭା ଭଗିନୀ ୨୧-୧୯, ୨୧-୧୪ ସିଧାସଳଖ ଗେମରେ ମାଲେସିଆର ଓଙ୍ଗ ଜିଆନ ୟି ଓ କାରମେନ ଟିଙ୍ଗ ଯୋଡ଼ିଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସ ଫାଇନାଲରେ ଇଣ୍ଡୋନେସିଆର ମାରୱାନ ଫାଜା ଓ ଆଇସୟା ପ୍ରନତା ଯୋଡ଼ି ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାତେଇନେଇଛନ୍ତି। ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ (ବାଇ), ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS